www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

ନିର୍ଭୟ ସୂଚନା

RNI No. ODIODI/2015/65606 Postal RegNo.-CK(N)/22/2021-2023

Vol.No.-12, Issue- 61 Wednesday 04 November, 2026, JAJPUR , Page-8, Rs. 5/- । ବର୍ଷ-୧୨, ସଂଖ୍ୟା-୬୧ ବୁଧବାର, ୦୪ ନଭେମ୍ବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

ଅକ୍ଷୟ ଶକ୍ତି ସମ୍ମିଳନୀରେ ଓଡ଼ିଶା ୧୮ଟି ବୁଝାମଣାପତ୍ର ସ୍ୱାକ୍ଷର

ଆସିବ ୧.୧୮ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ

ଉତ୍ପାଦନ ହେବ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍

ଭୁବନେଶ୍ୱର, ୩।୧୧(ନି.ସୂ) : ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀରେ ଓଡ଼ିଶା ୧୮ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏଥିରେ ଓଡିଶା ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ । ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରିଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍‌ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ।

ଏହି ଅବସରରେ ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ପାଞ୍ଚଟି ବିଦ୍ୟୁତ୍ ରପ୍ତାନିକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡିଶାରେ ୭ ହଜାର ମେଗାୱାଟର ଫ୍ଲୋଟିଙ୍ଗ୍ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ, ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ।

ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ। ସ୍ଥିର ଓ ସ୍ୱଚ୍ଛ ନୀତି, ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟୱର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ବିଗତ ଗ୍ରୀଷ୍ମଋତୁରେ ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦାକୁ ବିନା କୌଣସି ପାୱାରକଟ୍‌ରେ ସଫଳତାର ସହ ପୂରଣ କରାଯାଇଛି। ଗୋପାଳପୁର ଓ ପାରାଦୀପଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ହବ୍ ପ୍ରତିଷ୍ଠା ସହ ପମ୍ପଡ୍ ଷ୍ଟୋରେଜ୍, ଫ୍ଲୋଟିଂ ସୋଲାର ଓ ପବନ ଶକ୍ତି କ୍ଷେତ୍ରରେ ରାଜ୍ୟ ଆଗେଇ ଚାଲିଛି।

କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ସୂଚନା ଦେଇଥିଲେ ଯେ, 'ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧୀନରେ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ରାଜ୍ୟରେ ୩,୬୪୧.୨୩ ମେଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପିତ ହୋଇସାରିଛି।

ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ଶକ୍ତି ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ବିସ୍ତୃତ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଏନ୍‌ଏଲସି. ଇଣ୍ଡିଆ, ଆଦାନୀ ପୋର୍ଟସ୍ ଆଣ୍ଡ ଏସ୍.ଇ.ଜେଡ୍., ଆଭାଡା ଗ୍ରୁପ୍, ଗ୍ରୀନକୋ ଗ୍ରୁପ୍, ଏକମେ ଗ୍ରୁପ୍ ଭଳି ଦେଶ-ବିଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକ ସାମିଲ ହୋଇଥିଲେ।

କୋଟିଆରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଭୁବନେଶ୍ୱର, ୩।୧୧(ନି.ସୂ) : କୋଟିଆର ନେରେଡିବାଲସାଠାରେ ଆନ୍ଧ୍ର ଏଜେଣ୍ଟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ବଢ଼ିବା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି ଓଡିଶା ପୋଲିସ ପ୍ରଶାସନ।ପରିସ୍ଥିତି ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କୋଟିଆରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ୪ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର ଓ ୨୦ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଆସନ୍ତା ୫ ତାରିଖରେ କୋଟିଆ ଅଞ୍ଚଳରେ ନିର୍ବାଚନ କରାଇବାକୁ ଆନ୍ଧ୍ରପ୍ରଦେଶ ପକ୍ଷରୁ ଘୋଷଣା କରାଯାଇଛି। ଏହାକୁ ନେଇ ଅଞ୍ଚଳରେ ରାଜନୈତିକ ଓ ପ୍ରଶାସନିକ ତତ୍ପରତା ବଢ଼ିଛି। ଏହି ପରିପ୍ରେକ୍ଷୀରେ ନେରେଡିବାଲସାଠାରେ ଆନ୍ଧ୍ର ଏଜେଣ୍ଟ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି। ଏହା ପୂର୍ବରୁ ଆଜି ନେରିଡ଼ିୱାଲସାରେ ଦୁଇ ରାଜ୍ୟର ପୋଲିସ ମୁହାଁମୁହିଁ ହୋଇଥିଲେ। ଆନ୍ଧ୍ରର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡ଼ିଶା ପୋଲିସ ବ୍ୟାରିକେଡ୍ କରିଥିବା ବେଳେ ଏହାକୁ ଆନ୍ଧ୍ର ପୋଲିସ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଥିବା ବେଳେ ପହଞ୍ଚିଥିଲେ କୋରାପୁଟ ଉପଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ।

କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଜବତ



ଖୋର୍ଦ୍ଧା,୩।୧୧ : ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବାରମ୍ବାର ଡକାୟତି ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଏହି ଘଟଣାରେ ୧୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୂପା ଅଳଙ୍କାର ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ତିନି ଜଣ, ଖୋର୍ଦ୍ଧା ଜିଲ୍ଲାର ୮ଜଣ, ପୁରୀ ଜିଲ୍ଲାର ଜଣେ ଏହି ଡକାୟତି ଘଟଣାରେ ଗିରଫ ହୋଇଛନ୍ତି ବୋଲି ଏସପି ସୂଚନା ଦେଇଛନ୍ତି। ଗିରଫ ୧୨ ଜଣ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ଚୁଆଟାଙ୍ଗୀ ଅଞ୍ଚଳର ରାଜୁ ପ୍ରଧାନ, ତୋଫାନ ସିକାରୀ ଓ ବାନୀ ଓରଫ ବାଣୀ ପ୍ରଧାନ। ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅଞ୍ଚଳର ଜଳନ୍ଧର ପାତ୍ର, ଶିବ ପାତ୍ର ଓ ସାଗର ପାତ୍ର। ଏହାସହ ବାଲୁଗାଁ ଥାନା ଅଞ୍ଚଳର କହ୍ନା ସିକାରୀ, ବାଣପୁର ଥାନା ଅଞ୍ଚଳର ଗୋପାଳ ସିକାରୀ, ନାଚୁଣୀ ଥାନା ଅଞ୍ଚଳର ଅଜୟ ପ୍ରଧାନ ଓ ସଞ୍ଜୟ ପ୍ରଧାନ ଏବଂ ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳର ଏନ୍. ରାଜେଶ। ସେହିପରି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ନାଚୁଣୀ ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମର ପ୍ରକାଶ ସାହୁଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସପି କହିଛନ୍ତିଫ। ଗତ ୨ମାସ ଧରି ଖୋର୍ଦ୍ଧା ଜିଲ୍ଲା ବାଣପୁର, ବାଲୁଗାଁ, ଟାଙ୍ଗୀ,ନାଚୁଣୀ , ଚାନ୍ଦପୁର ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ସିରିଜ୍ ଭାବେ ସୁନା ଏବଂ ରୂପା ଅଳଙ୍କାର ଲୁଟ୍ ହେଉଥିବା ଅଭିଯୋଗ ହୋଇଥିଲା। ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସଙ୍କ ନିର୍ଦ୍ଦେଶରେ ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୫୦୦ ଗ୍ରାମ ସୁନା ଅଳଙ୍କାର ଏବଂ ୧୧ କେଜି ରୌପ୍ୟ ଅଳଙ୍କାର ଜବତ କରାଯାଇଛି। ଜବତ ହୋଇଥିବା ସୁନା ଅଳଙ୍କାର ମଧ୍ୟରେ ହାର, ଚେନ, କାନ ଫୁଲ, ଚୁଡ଼ି, ମୁଦି ରହିଛି। ସେହିପରି ରୂପା ଅଳଙ୍କାର ମଧ୍ୟରେ ଗୋଡ ପାଉଁଜି, ଝୁଣ୍ଟିଆ, ରୂପା ଥଳିଆ, ଗ୍ଲାସ୍ ଇତ୍ୟାଦି ରହିଛି। ଗିରଫ ଅଭିଯୁକ୍ତଙ୍କ ନାଁ ରେ ପୂର୍ବରୁ ମାମଲା ରହିଛି କି ନାହିଁ ପୋଲିସ ତଦନ୍ତ ଚଳାଇଛି ବୋଲି ଏସପି ସୂଚନା ଦେଇଛନ୍ତି।

ଦେଶର ପ୍ରତିରକ୍ଷା ଶକ୍ତି ଆହୁରି ବଢ଼ିଲା

ଚାନ୍ଦିପୁରରୁ ସଫଳତାର ସହିତ ପରୀକ୍ଷଣ ହେଲା ଅତ୍ୟାଧୁନିକ କ୍ଷେପଣାସ୍ତ୍ର

ବାଲେଶ୍ୱର ୩/୧୧ (ନି.ସୂ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନର ସମନ୍ୱିତ ପରୀକ୍ଷଣ କେନ୍ଦ୍ର ରୁ ଆଜି ଏକ ଅତ୍ୟାଧୁନିକ କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷା ହୋଇଛି । ଲଞ୍ଚ କମ୍ପ୍ଲେକ୍ସ -୩ରୁ ଆଜି ଦିନ ୧୧ଟା ୧୯ଟାରେ କ୍ଷେପଣାସ୍ତ୍ର ଉତକ୍ଷେପଣ କରାଯାଇଥିଲା । କ୍ଷେପଣାସ୍ତ୍ରଟି ଆକାଶ ମାର୍ଗରେ ଗତି କରି ବଙ୍ଗୋପସାଗର ମଧ୍ୟରେ ଥିବା ଏକ ନିର୍ଦ୍ଦିଷ୍ଟ କୃତ୍ରିମ ଲକ୍ଷ୍ୟକୁ ସଠିକ୍ ଭାବେ ଧ୍ୱଂସ କରିଥିଲା। ଏହି ପରୀକ୍ଷଣର ସମସ୍ତ ମାନଦଣ୍ଡ ଶତପ୍ରତିଶତ ସଫଳ ହୋଇଥିବା ଡିଆରଡିଓ ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ପରୀକ୍ଷଣ ସମୟରେ ଏହାର ଗତିପଥ ତଥା କାର୍ଯ୍ୟଦକ୍ଷତାକୁ ରାଡାର,



ଇଲେକ୍ଟ୍ରୋ-ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ ଏବଂ ଟେଲିମେଟ୍ରି ଷ୍ଟେସନ ମାଧ୍ୟମରେ ଅନୁଧ୍ୟାନ କରାଯାଇଥିଲା। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରଟି ଉଭୟ ଦିନ ଓ ରାତିରେ ସମାନ ଦକ୍ଷତାର ସହ କାର୍ଯ୍ୟ କରିବାକୁ ସକ୍ଷମ। ଏହାର ଉନ୍ନତ ନାଭିଗେସନ୍ ସିଷ୍ଟମ୍ ଏବଂ ଶକ୍ତିଶାଳୀ ୱାରହେଡ୍ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖିଛି। ଏହା ଦେଶର ପ୍ରତିରକ୍ଷା ଶକ୍ତିକୁ ମଜବୁତ କରିବାରେ ସହାୟକ ହେବ । କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବରୁ ଲଞ୍ଚ କମ୍ପ୍ଲେକ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତରିତ କରାଯାଇଥିଲା । ୨୫ଶହରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାୟୀ ଓ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତ କରାଯାଇ ଥିଲା । ଡିଆରଡିଓର ନିର୍ଦ୍ଦେଶ ପର୍ଯ୍ୟନ୍ତ ଲୋକମାନେ ଶିବିରରେ ରହି ଥିଲେ । ଡିଆରଡିଓ ପକ୍ଷରୁ ଲୋକଙ୍କୁ ଆର୍ଥିକ ସହାୟତା ସହ ସମସ୍ତ ଖର୍ଚ୍ଚ ବହନ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ସଫଳ ଉତକ୍ଷେପଣ ପରେ ସମସ୍ତ ଗ୍ରାମବାସୀ ନିଜ ନିଜ ଘରକୁ ଫେରିଥିବା ସୂଚନା ରହିଛି ।

ଚାଷୀଙ୍କ ସହ ଦୃଢ଼ ଭାବେ ରହିଛି ଏନ୍‌ଡିଏ ସରକାର: ମୋଦୀ

ପୁଣେ ୩/୧୧: ମହାରାଷ୍ଟ୍ରରେ ମରୁଡ଼ି ସ୍ଥିତି ଯୋଗୁଁ ସଙ୍କଟରେ ପଡ଼ିଥିବା ଚାଷୀଙ୍କୁ କେନ୍ଦ୍ର ସରକାର ସବୁପ୍ରକାର ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଆଶ୍ୱାସନା ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ଏନ୍?ଡିଏ ସରକାର ଚାଷୀଙ୍କ ସହ ଦୃଢ଼ ଭାବେ ରହିଛି ବୋଲି ସେ କହିଛନ୍ତି। ଏଥିସହ ଆଗାମୀ ଦୀପାବଳି ପର୍ବ ସମୟରେ ମରୁଡ଼ି ପ୍ରଭାବିତ ଚାଷୀ ପରିବାରଗୁଡ଼ିକ ଯେପରି ଉତ୍ସବର ଖୁସିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଦେଶବାସୀ ସେମାନଙ୍କୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ପୁଣେର ହିଞ୍ଜେୱାଡ଼ି-ଶିବାଜୀନଗର ମେଟ୍ରୋ ଲାଇନ୍-୩ର ଉଦ୍‌ଘାଟନ ଅବସରରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍?ବୋଧନ ଦେଇ ମୋଦୀ କହିଥିଲେ ଯେ ମହାରାଷ୍ଟ୍ରର ମରୁଡ଼ି ସ୍ଥିତି ସମ୍ପର୍କରେ ସେ ଅବଗତ ଅଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ଆଗୁଆ ଆର୍ଥିକ ସହାୟତା ଦେଉଥିବା ବେଳେ କେନ୍ଦ୍ର ସରକାରଙ୍କ ପିଏମ୍-କିଷାନ ଯୋଜନାର ଅର୍ଥ ମଧ୍ୟ ଚାଷୀଙ୍କ ଖାତାକୁ ପଠାଯାଇଛି। ତେଣୁ ଚାଷୀମାନେ ଚିନ୍ତା ନ କରିବାକୁ ସେ କହିଥିଲେ। ରାଜ୍ୟ ସରକାର ମରୁଡ଼ି ପ୍ରଭାବିତ ଅଞ୍ଚଳର ଯୋଗ୍ୟ ଚାଷୀଙ୍କୁ ଦୀପାବଳି ପୂର୍ବରୁ ୫ ହଜାର ଟଙ୍କା ଲେଖାଏଁ ଆଗୁଆ ସହାୟତା ଦେବାକୁ ଅନୁମୋଦନ କରିଛନ୍ତି। ଫସଲ କ୍ଷୟକ୍ଷତିର ଆକଳନ ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହେବା ପୂର୍ବରୁ ଚାଷୀଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଏହି ପଦକ୍ଷେପର ଉଦ୍ଦେଶ୍ୟ। ଅନ୍ୟପକ୍ଷରେ, ପିଏମ୍-କିଷାନ ସମ୍ମାନ ନିଧି ଯୋଜନାରେ



ଯୋଗ୍ୟ ଚାଷୀ ପରିବାରଙ୍କୁ ବର୍ଷକୁ ୬ ହଜାର ଟଙ୍କା ତିନିଟି କିସ୍ତିରେ ଦିଆଯାଉଛି। ମୋଦୀ କହିଥିଲେ ଯେ ଚାଷୀମାନେ ଦେଶକୁ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ସଙ୍କଟ ସମୟରେ ସମାଜର ସମସ୍ତ ବର୍ଗ ସହଯୋଗର ହାତ ବଢ଼ାଇବା ଉଚିତ। ଦେଶର ବିକାଶ ପାଇଁ ରାସ୍ତା, ରେଳପଥ, ବିମାନବନ୍ଦର, ମେଟ୍ରୋ, ବିଦ୍ୟୁତ୍, ପାନୀୟ ଜଳ ଓ ଗ୍ୟାସ୍ ଯୋଗାଣ ଭଳି ଭିତ୍ତିଭୂମିର ବିକାଶ ସହ ଗରିବଙ୍କ ଜୀବନଧାରଣର ମାନ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ମୋଦୀ ଏହି ଅବସରରେ ପୁଣେର ୨୩.୨ କିଲୋମିଟର ଦୀର୍ଘ ଉଚ୍ଚସ୍ତରୀୟ ମେଟ୍ରୋ ଲାଇନ୍-୩ର ଉଦ୍‌ଘାଟନ କରିଥିଲେ। ୮,୩୧୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମେଟ୍ରୋ ଲାଇନ୍‌ରେ ୨୩ଟି ଷ୍ଟେସନ୍ ରହିଛି। ଏହା ପୁଣେର ଆଇଟି କେନ୍ଦ୍ର ହିଞ୍ଜେୱାଡ଼ିକୁ ଶିବାଜୀନଗର ସହ ସଂଯୋଗ କରିବ। ଆସନ୍ତାକାଲି ସକାଳ ୬ଟାରୁ ଏହି ମାର୍ଗରେ ଯାତ୍ରୀସେବା ଆରମ୍ଭ ହେବାକୁ ଥିବା ବେଳେ ଏହାର ଟ୍ରେନ୍‌ଗୁଡ଼ିକୁ ମହିଳା ଚାଳକମାନେ ପରିଚାଳନା କରିବେ।

ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅଜୟ ଗଡ଼ନାୟକ ଗିରଫ

ଭୁବନେଶ୍ୱର ୩/୧୧ (ନି.ସୂ): ସମ୍ବଲପୁର-ତାଳଚେର ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ ପାଇଁ ନିଯୁକ୍ତ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଅଜୟ କୁମାର ଗଡନାୟକଙ୍କୁ ଓଡ଼ିଶା ଭିଜିଲାନ୍ସ ବିଭାଗ ମଙ୍ଗଳବାର ଦିନ ଗିରଫ କରିଛି। ଜଣେ ସ୍ଥାନୀୟ ଜମି ମାଲିକଙ୍କ ଠାରୁ ୫.୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଦୁର୍ନୀତି ନିବାରଣ ବିଭାଗର ଅଧିକାରୀଙ୍କ ସୂଚନା ଅନୁଯାୟୀ, ଅଧିକାରୀ ଜଣକ ଅକ୍ଟୋବର ୨୭ ତାରିଖରେ ଜମି ମାଲିକଙ୍କ ଠାରୁ ପ୍ରଥମ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ନେଇଥିଲେ ଏବଂ ବାକି ୩.୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଯଦି ବାକି ଟଙ୍କା ତୁରନ୍ତ ପ୍ରଦାନ କରାନଯାଏ, ତେବେ ତୃତୀୟ ରେଳ ଲାଇନ୍ ସମ୍ପ୍ରସାରଣ ପାଇଁ ହେବାକୁ ଥିବା କ୍ଷତିପୂରଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବେ ବୋଲି ସେ ଧମକ ଦେଇଥିଲେ। ଏହି ହଇରାଣ ହରକତ ଏବଂ ଟଙ୍କା ଆଦାୟ ପାଇଁ ଦିଆଯାଉଥିବା ଧମକ ଫଳରେ



ପୀଡ଼ିତ ଜମି ମାଲିକ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗ ଆଧାରରେ ଭିଜିଲାନ୍ସ ଅଧିକାରୀମାନେ ଅନୁଗୋଳ ସ୍ଥିତ ବି.ଇଡି କଲେଜ ନିକଟରେ ଏକ ଜାଲ ବିଛାଇଥିଲେ। ସୋମବାର ଦିନ ଅଭିଯୋଗକାରୀଙ୍କ ଠାରୁ ୩.୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଟିମ୍ ଧରିଥିଲା। ଏଥିସହିତ ଘଟଣାସ୍ଥଳରୁ ଉକ୍ତ ଲାଞ୍ଚ ଟଙ୍କାକୁ ତଦନ୍ତକାରୀ ଦଳ ଜବତ କରିଛି। ଏହି ଘଟଣା ପରେ ଉକ୍ତ ଅଧିକାରୀଙ୍କ ସହ ଜଡ଼ିତ ତିନୋଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ତାଙ୍କ ପାଖରେ ଆୟ ବହିର୍ଭୂତ ସମ୍ପତ୍ତି ଅଛି କି ନାହିଁ, ତାହାର ଯାଞ୍ଚ ପାଇଁ ଏହି ଚଢ଼ାଉ କରାଯାଇଥିଲା।


'ଦେଶଦ୍ରୋହୀ କିଏ ? ବିଦେଶୀ ଶକ୍ତି ସହ ସମ୍ପର୍କ କାହାର ?'

ଓଡ଼ିଶାରୁ ଅଭିଯୋଗ ପରେ ଜାତୀୟ ରାଜନୀତି ସରଗରମ

ସତ୍ୟବ୍ରତ ପାତ୍ର

ଭୁବନେଶ୍ୱର,୩/୧୧(ନି.ସୂ.): 'ଦେଶଦ୍ରୋହୀ କିଏ, ବିଦେଶୀ ଶକ୍ତି ସହ ସମ୍ପର୍କ କାହାର?' ଏହି ପ୍ରଶ୍ନ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସିଧାସଳଖ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସାମାଜିକ ଗଣମାଧ୍ୟମରେ ନିଜ ପୋଷ୍ଟରେ ସେ କହିଛନ୍ତି, ଆହ୍ୱାନର ୨୪ ଘଣ୍ଟା ବିତିଲାଣି। ମୋଦୀ ନିଜେ ସ୍ଥାନ, ମଞ୍ଚ ଓ ବିଚାରକ ଚୟନ କରନ୍ତୁ। ଆବଶ୍ୟକ ପଡ଼ିଲେ ମୋହନ ଭାଗବତଙ୍କୁ ବିଚାରକ କରାଯାଉ। ଗଣମାଧ୍ୟମ ଓ ଦେଶର ଯୁବପିଢ଼ିଙ୍କ ସମ୍ମୁଖରେ ସବୁ ପ୍ରସଙ୍ଗରେ





ଖୋଲା ଆଲୋଚନା ହେଉ।

ଏହି ବିତର୍କରେ ଭାରତ-ଆମେରିକା ଚୁକ୍ତି, ଆର୍ଥିକ ବ୍ୟବସ୍ଥା, ଆଦାନୀ ମାମଲା, ଏପଷ୍ଟିନ୍ ପ୍ରସଙ୍ଗ ଓ ବିଦେଶୀ ସମ୍ପର୍କର ଅଭିଯୋଗ ଉପରେ ଉତ୍ତର ଚାହିଁଛନ୍ତି ରାହୁଲ। 'ଡରନ୍ତୁ ନାହିଁ, ସତ୍ୟ ସାମ୍ନାକୁ ଆସୁ' ବୋଲି ତାଙ୍କ ଆହ୍ୱାନ ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି।

ଏହି ବିବାଦର ଓଡ଼ିଶା ସଂଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭୁବନେଶ୍ୱରରେ ବିଜେପିର 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ସମ୍ମିଳନୀରେ ଜାତୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ରାହୁଲଙ୍କୁ ବିଦେଶୀ ଶକ୍ତିର ଖେଳନା ବୋଲି ଅଭିଯୋଗ କରିଥିଲେ। ଏସ୍‌ଆଇଆର ଓ ଭୋଟ୍ ଚୋରି ପ୍ରସଙ୍ଗରେ ମଧ୍ୟ କଂଗ୍ରେସକୁ କଡ଼ା ସମାଲୋଚନା କରିଥିଲେ। ଏହା ପରେ ରାହୁଲଙ୍କ ସିଧାସଳଖ ବିତର୍କ ଆହ୍ୱାନ ରାଜନୈତିକ ଦୃଷ୍ଟିରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଛି।

ଓଡ଼ିଶାରେ ବିଜେପି କ୍ଷମତାସୀନ ଥିବାବେଳେ କଂଗ୍ରେସ ନିଜ ରାଜନୈତିକ ସ୍ଥିତି ସୁଦୃଢ଼ କରିବାକୁ ଉଦ୍ୟମ କରୁଛି। ଏଭଳି ସମୟରେ ଜାତୀୟ ସ୍ତରର ଏହି ସଂଘର୍ଷ ରାଜ୍ୟରେ ମଧ୍ୟ ରାଜନୈତିକ ବିତର୍କକୁ ତୀବ୍ର କରିପାରେ। ତେବେ ପ୍ରଶ୍ନ ହେଉଛି, ରାହୁଲଙ୍କ ଆହ୍ୱାନକୁ ମୋଦୀ ଗ୍ରହଣ କରିବେ କି? ନା ଦୁଇ ପକ୍ଷର ଆରୋପ-ପ୍ରତ୍ୟାରୋପ ମଧ୍ୟରେ ମୂଳ ପ୍ରଶ୍ନ ହଜିଯିବ? ଗଣତନ୍ତ୍ରରେ ଅଭିଯୋଗ ଅପେକ୍ଷା ପ୍ରମାଣ ଓ ସାର୍ବଜନୀନ ଉତ୍ତରଦାୟିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ।

କାର୍ତ୍ତିକ ବ୍ରତ ପାଇଁ ୩.୩୦ କୋଟି ଟଙ୍କା ଅନୁମୋଦନ

ହବିଷ୍ୟାଳୀଙ୍କ ସୁବିଧା ଓ ସହଯୋଗ ପାଇଁ ଖର୍ଚ୍ଚ ହେବ

ଭୁବନେଶ୍ୱର,୩।୧୧(ନି.ସୂ) : ଚଳିତ ବର୍ଷ ପୁରୀରେ ଆୟୋଜିତ ହେଉଥିବା କାର୍ତ୍ତିକ ମାସ ହବିଷ୍ୟାଳୀ ବ୍ରତ ପାଇଁ ୩.୩୦ କୋଟି ଟଙ୍କା ଅର୍ଥରାଶି ଅନୁମୋଦିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଅର୍ଥରାଶି ଅନୁମୋଦିତ ହୋଇଛି। କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବର୍ଷ ଅନେକ ହବିଷ୍ୟାଳୀ ମା'ମାନେ ଏକତ୍ରିତ ହୋଇଛନ୍ତି। ହବିଷ୍ୟାଳୀ ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ୩.୩୦ କୋଟି ଟଙ୍କା ବ୍ୟୟ ରାଶି ଅନୁମୋଦିତ ହୋଇଛି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀର ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ-କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିସହ ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳି ମା'ମାନେ ଯେପରି ନିଜର ବ୍ରତ ପାଳନ ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। କାର୍ତ୍ତିକ ମାସରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ହବିଷ୍ୟାଳି ମା' ମାନେ ଯେପରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ଗାଡ଼ି ବ୍ୟବସ୍ଥା କରିବା ସହ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଏବଂ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି।

ମାତୃହରା ଦୁଇ ନବଜାତ ଶିଶୁଙ୍କୁ ମିଳିଲା ପ୍ରଶାସନର ସୁରକ୍ଷା

ଧର୍ମଗଡ, ୩।୧୧(ନି.ସୂ) : ଜନ୍ମର ମାତ୍ର ପାଞ୍ଚ ଦିନ ପରେ ମାଆଙ୍କୁ ହରାଇଲେ ଯାଆଁଳା ଶିଶୁକନ୍ୟା। ମାଆଙ୍କ ମୃତ୍ୟୁ ପରେ ଦୁଇ ନବଜାତ ଶିଶୁଙ୍କ ଲାଳନ ପାଳନ ଓ ପ୍ରତିପୋଷଣର ଦାୟିତ୍ୱ ଏବେ ପରିବାର ପାଇଁ ବଡ଼ ଆହ୍ୱାନ ହୋଇଛି। ଅତ୍ୟନ୍ତ ଗରିବ ପରିବାରର ହୋଇଥିବାରୁ ଆର୍ଥିକ ଅନଟନ ମଧ୍ୟରେ ଦୁଇ ଶିଶୁଙ୍କୁ ଉପଯୁକ୍ତ ଭାବେ ଲାଳନପାଳନ କରିବା ଅସମ୍ଭବ ହେବାରୁ ଶେଷରେ ବାପା ଅଲେଖ ପରାଭୋଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସହାୟତା ନେବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଇ ନବଜାତ ଶିଶୁକନ୍ୟାଙ୍କୁ ଶିଶୁ ସୁରକ୍ଷା ୟୁନିଟ୍‌ର ଦାୟିତ୍ୱରେ ହସ୍ତାନ୍ତର କରାଯାଇଥିବା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି।ଏଭଳି ହୃଦୟ ବିଦାରକ ଘଟଣା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତର କଲୋନୀପଡ଼ା ଗ୍ରାମରେ ଘଟିଛି।

ସୂଚନା ଅନୁଯାୟୀ, ଗ୍ରାମର ପୂଜା ପରାଭୋଇ ଗତ ଗୁରୁବାର ଦିନ ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ସ୍ୱାମୀ ଅଲେଖ ପରାଭୋଇ ତାଙ୍କୁ ଜୁନାଗଡ଼ ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂଜା ଦୁଇଟି ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ତେବେ ପ୍ରସବ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ, ପୂଜା ରକ୍ତହୀନତାରେ ପୀଡ଼ିତ ଥିବାରୁ ତାଙ୍କ ପାଇଁ ତୁରନ୍ତ ରକ୍ତ ଯୋଗାଡ଼ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଆବଶ୍ୟକ ରକ୍ତ ଯୋଗାଡ଼ ହେବା ପୂର୍ବରୁ ସୋମବାର ଦିନ ପୂଜାଙ୍କ ମୃତ୍ୟୁ ଘଟିଥିଲା।



ଏହି ଅକାଳ ମୃତ୍ୟୁରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ଦୁଇ ନବଜାତ ଶିଶୁକନ୍ୟା ମାତୃସ୍ନେହରୁ ବଞ୍ଚିତ ହୋଇଛନ୍ତି। ପୂଜାଙ୍କ ପୂର୍ବରୁ ଦୁଇଟି ସନ୍ତାନ ଥିବାବେଳେ ଏବେ ଯାଆଁଳା ଶିଶୁକନ୍ୟାଙ୍କ ଜନ୍ମ ଓ ମାଆଙ୍କ ମୃତ୍ୟୁ ପରିବାରର ଦୁଃଖକୁ ଆହୁରି ବଢ଼ାଇ ଦେଇଛି। ଅନ୍ୟପକ୍ଷରେ ଅତ୍ୟନ୍ତ ଗରିବ ଶ୍ରେଣୀର ପରିବାର ହୋଇଥିବାରୁ ଚାରିଜଣ ସନ୍ତାନଙ୍କ ଦାୟିତ୍ୱ ସହ ନବଜାତ ଦୁଇ ଶିଶୁଙ୍କ ଖାଦ୍ୟ, ଚିକିତ୍ସା, ଯତ୍ନ ଓ ଲାଳନପାଳନ କରିବା ଅଲେଖଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଥିଲା। ଏହି ପରିସ୍ଥିତିରେ ସେ ଗଭୀର ମାନସିକ ଦ୍ୱନ୍ଦ୍ୱରେ ପଡ଼ିଥିଲେ।

ଘଟଣା ସମ୍ପର୍କରେ ଖବର ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଏକ ଟିମ୍ ଗ୍ରାମରେ ପହଞ୍ଚି ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପରିବାରର ଆର୍ଥିକ ଓ ସାମାଜିକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ଶିଶୁମାନଙ୍କ ଭବିଷ୍ୟତ, ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ପିତା ଅଲେଖ ପରାଭୋଇଙ୍କ ସହମତିକ୍ରମେ ଦୁଇ ନବଜାତ ଶିଶୁକନ୍ୟାଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଦାୟିତ୍ୱରେ ଦେବାକୁ ନିଷ୍ପତ୍ତି ହୋଇଥିଲା। ହସ୍ତାନ୍ତର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ? ସୁରକ୍ଷା ଅଧିକାରିଣୀ ରାଜଲକ୍ଷ୍ମୀ ଦାସ, ଜଳେଶ୍ୱର ମେହେର, ଜିତେଶ କୁମାର ପ୍ରଧାନ, ଶ୍ରୁତିଶ୍ରୀ ମହାପାତ୍ର, ସୁନିତା ବିହାରୀ, ଏସ୍‌ପି କାର୍ଯ୍ୟାଳୟର ମହିଳା ସହଯୋଗ କେନ୍ଦ୍ରର ପରାମର୍ଶଦାତ୍ରୀ ଏସ୍. ସୁଜାତା, ଧର୍ମଗଡ଼ ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ର ପ୍ରୋଗ୍ରାମ ଅଫିସର ଫୁରଲେନସିଆ ସୋରେନ, ସୁପରଭାଇଜର ପୂର୍ଣ୍ଣମୀ ସେନାପତି, ରଞ୍ଜିତା ପତି, ମଧୁସ୍ମିତା ସାଇବାବୁ, ଅଙ୍ଗନବାଡ଼ି କର୍ମୀ ବନିତା ବାଗ, ଶ୍ୱେତବାଲି ନାଏକ ଏବଂ ପୂର୍ବତନ ସରପଞ୍ଚ ରମଣୀ ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଆରା ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା

ରାଜନଗର, ୩।୧୧(ନି.ସୂ) : ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ବାଉଁଶକଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନପ୍ରଭା ପ୍ରଧାନଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ନିଆରା ଢଙ୍ଗରେ ଦିଆଯାଇଛି। ଶିକ୍ଷାବିତ୍ ଅନାଦି ଚରଣ ଜେନାଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାଧାପକ ସତ୍ୟବାଦୀ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବିଜୟ କୁମାର ଜେନା,ସମ୍ମାନିତ ଅତିଥିଭାବେ ଶିକ୍ଷକ ନେତା ସୁଶାନ୍ତ ପ୍ରଧାନ, ଶିକ୍ଷାବିତ୍ ବିରଞ୍ଚି ନାରାୟଣ ବେହେରା, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ଶିକ୍ଷକ ନେତା ସୀତାକାନ୍ତ ରାଉଳ, ସମିରଣ ମଣ୍ଡଳ,ସରପଞ୍ଚ ହେମଲତା ମାହାନ୍ତ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଶିକ୍ଷକ ମାନସ ମିଶ୍ର, ଏବିଓ ଶିବ ପ୍ରସାଦ ବେହେରା, ସମାଜସେବୀ କୃପାସିନ୍ଧୁ ସାମଲ,ପ୍ରାକ୍ତନ ପ୍ରଧାନ ଶିକ୍ଷକ କ୍ଷୀରୋଦ ମଲ୍ଲିକ,ବ୍ରଜ ମୋହନ ମହାନ୍ତି, ଗଗନ ବିହାରୀ ସ୍ୱାଇଁ, ସିଆରସିସି ନିରାକାର ରାଉତ, କମିଟି ସଭାପତି ପ୍ରଦୀପ୍ତ ସାମଲ, ଅମର ବେହୁରା, ବଳରାମ ନାଗ,ଦୟାନିଧି ରାଉତ, ହେମନ୍ତ ସ୍ୱାଇଁ, ବ୍ରହ୍ମାନନ୍ଦ ରାଉତ, ନନ୍ଦ କିଶୋର ସ୍ୱାଇଁ, ମହେଶ୍ୱର ରାଉତ,ରଙ୍ଗାଧର ସ୍ୱାଇଁ, ବିଚିତ୍ର ନାୟକ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ଏକା ଧାରାରେ ଜଣେ ଛାତ୍ରୀଛାତ୍ର ବତ୍ସଳା, କର୍ତ୍ତବ୍ୟନିଷ୍ଠା ଭାବେ ସୁନାମ ଅର୍ଜନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିବା ସହିତ ତାଙ୍କର ଦାୟିତ୍ୱବୋଧକୁ ଭୂୟସୀ ପ୍ରଶଂସା କରିଥିଲେ।



ଛାତ୍ର ଛାତ୍ରୀ ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପୁରାତନ ଛାତ୍ର ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ପରିଚାଳନା କରିଥିଲେ। ପରେ ଶ୍ରୀମତୀ ପ୍ରଧାନଙ୍କୁ ଗାଁ ବୁଲାଇବା ସହିତ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ପଦ୍ମଶ୍ରୀ ଡଃ ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଶୋକ


ସୁକିନ୍ଦା, ୩।୧୧(ନି.ସୂ) : ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଡଃ ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗ ଚିକିତ୍ସା ବିଜ୍ଞାନ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ ଉଲ୍ଲେଖ କରିଛନ୍ତି।

ଡଃ ମହାପାତ୍ର ଦେଶର ଜଣେ ସୁପ୍ରସିଦ୍ଧ ନ୍ୟୁରୋସର୍ଜନ ଭାବେ ଏମ୍ସ, ନୂଆଦିଲ୍ଲୀ, ଏସ୍ ?ଜିପିଜିଆଇ, ଲକ୍ଷ୍ନୌ ଏବଂ ନେତାଜୀ ସୁଭାଷଚନ୍ଦ୍ର ବୋଷ ଏମ୍ସ, ଭୁବନେଶ୍ୱର ଭଳି ପ୍ରତିଷ୍ଠିତ ଚିକିତ୍ସାନୁଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସଫଳତାର ସହ କାର୍ଯ୍ୟ କରିଥିଲେ। ଡାକ୍ତରୀ ଶିକ୍ଷା ଓ ଚିକିତ୍ସା ବିଜ୍ଞାନର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ଜୀବନର ଶେଷ ପର୍ଯ୍ୟନ୍ତ ସେ ଚିକିତ୍ସା ସେବାରେ ନିୟୋଜିତ ରହିବା ସହ ଏକ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତି ଓ ମୁଖ୍ୟ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଉଥିଲେ। ଡଃ ଘଡ଼ାଇ କହିଛନ୍ତି ଯେ, ଏମ୍ସ ନୂଆଦିଲ୍ଲୀରେ କାର୍ଯ୍ୟରତ ଥିବା ସମୟରୁ ଆରମ୍ଭ କରି ଭୁବନେଶ୍ୱର ଏମ୍ସରେ ତାଙ୍କର କାର୍ଯ୍ୟକାଳ ପର୍ଯ୍ୟନ୍ତ ଡଃ ମହାପାତ୍ରଙ୍କ ସହ ତାଙ୍କର ଘନିଷ୍ଠ ବନ୍ଧୁତା ଗଢ଼ି ଉଠିଥିଲା। କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପରିସରରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ତାଙ୍କ ସହ ଶେଷ ସାକ୍ଷାତ ହୋଇଥିବା ସେ ସ୍ମୃତିଚାରଣ କରିଛନ୍ତି। ସ୍ୱର୍ଗତ ମହାପାତ୍ର ଜଣେ ଅମାୟିକ, ମିଷ୍ଟଭାଷୀ, ପରୋପକାରୀ ଓ ସମ୍ବେଦନଶୀଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ବିୟୋଗରେ ମୁଁ ମୋର ଜଣେ ଘନିଷ୍ଠ ବନ୍ଧୁଙ୍କୁ ହରାଇଛି ବୋଲି ଡଃ ଘଡ଼ାଇ ଦୁଃଖ ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା

ମୃତକଙ୍କ ପରିବାରକୁ ୩ ଘଣ୍ଟା ଭିତରେ ବୀମା ଅର୍ଥ ପ୍ରଦାନ କଲା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

କଟକ, ୩।୧୧(ନି.ସୂ) : ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ସାଲେପୁର ଶାଖା ପକ୍ଷରୁ ଗ୍ରାହକଙ୍କୁ ଦ୍ରୁତ ଏବଂ ସଠିକ୍ ସେବା ଯୋଗାଇ ଦେବାର ଏକ ଅନନ୍ୟ ଉଦାହରଣ ଦେଖିବାକୁ ମିଳିଛି।



ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅନ୍ତର୍ଗତ ଜଣେ ବୀମାଧାରୀଙ୍କ ଦେହାନ୍ତ ପରେ ମାତ୍ର ୩ ରୁ ୪ ଘଣ୍ଟା ଭିତରେ ତାଙ୍କ ପରିବାରକୁ ବୀମା ଅର୍ଥ ପ୍ରଦାନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୋଇଲୋ ନିବାସୀ ସ୍ୱର୍ଗତ ମହେନ୍ଦ୍ର କୁମାର ସେଠୀଙ୍କ ଧର୍ମପତ୍ନୀ ସ୍ୱର୍ଗତ ସସ୍ମିତା ସେଠୀଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ନୋମିନି ତଥା ଝିଅ ଅଙ୍କିତା ପ୍ରିୟଦର୍ଶିନୀ ସେଠୀଙ୍କ ଆକାଉଣ୍ଟକୁ ଏହି ସହାୟତା ରାଶି ପହଞ୍ଚିଛି।

ସାଲେପୁର ଶାଖା ପକ୍ଷରୁ ଗତ ୨୯ ତାରିଖ ଦିନ ପ୍ରାୟ ଦିନ ୧୨ଟା ସମୟରେ ଏହି କ୍ଲେମ୍ ଦାଖଲ କରାଯାଇଥିଲା। ବ୍ୟାଙ୍କର ତତ୍ପରତା ଏବଂ ବୀମା କମ୍ପାନୀର ସହଯୋଗ କ୍ରମେ ମାତ୍ର ୩ ରୁ ୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ସେହି ଦିନ ହିଁ ବୀମାର ୨ ଲକ୍ଷ ଟଙ୍କା ସିଧାସଳଖ ନୋମିନିଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା। ବ୍ୟାଙ୍କର ଏପରି ଦ୍ରୁତ ସେବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବେଶ୍ ପ୍ରଶଂସା କରାଯାଉଛି।

ପ୍ରକୃତିର କୋପରେ ଉଜୁଡିଗଲା ସଂସାର

ବାପା-ମା'ଙ୍କୁ ଝୁରୁଛି ଅନାଥ ଝାନ୍‌ସୀ

କନ୍ଧମାଳ, ୩।୧୧(ନି.ସୂ) : ମାତ୍ର ତିନି ବର୍ଷର ଝାନ୍‌ସୀ ପ୍ରଧାନ। ଏବେ ତା'ର ଅଧିକାଂଶ ସମୟ ଜେଜେବାପା ଓ ସାନବାପାଙ୍କ କୋଳରେ ବିତୁଛି। ହେଲେ ତା'ର ଆଖି ଖୋଜୁଛି ବାପା ଅଚ୍ୟୁତ, ମାଆ ମାନସୀ ଓ ସାନଭାଇଙ୍କୁ। ସେମାନଙ୍କୁ ନପାଇ ତା' ଆଖିରୁ ଝରିପଡୁଛି ଲୁହ। କିଏ ବା ତାକୁ ବୁଝାଇବ ଯେ, ପ୍ରକୃତିର ପ୍ରକୋପ ତା'ଠାରୁ ବାପା, ମାଆ ଓ ସାନଭାଇଙ୍କୁ ଛଡ଼ାଇ ନେଇଛି।



ପ୍ରକାଶ ଯେ, ଗତ ବୁଧବାର ମଧ୍ୟରାତ୍ରିରେ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ମାଣିକେଶ୍ୱର ପଞ୍ଚାୟତର ସି. କବାଡ଼ି ରାଜସ୍ୱ ଗ୍ରାମ ଅନ୍ତର୍ଗତ ଡାଙ୍ଗସିରେ ଭୂସ୍ଖଳନ ଘଟି ଗୋଟିଏ ପରିବାରର ତିନିଜଣ (ବାପା ଅଚ୍ୟୁତ, ମାଆ ମାନସୀ ଓ ସାନଭାଇ) ମାଟି ତଳେ ପୋତି ହୋଇ ପ୍ରାଣ ହରାଇଛନ୍ତି। ହେଲେ ସେହି ପରିବାରର ବଡ଼ ଝିଅ ଝାନ୍‌ସୀ ମାମୁଘରକୁ ଯାଇଥିବାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ଝଡ଼ବର୍ଷା ହେବାର ଦୁଇଦିନ ପୂର୍ବରୁ ଆଈଙ୍କ ସହ ଝାନ୍‌ସୀ ମାମୁଘର ଜି. ଉଦୟଗିରି ନିକଟସ୍ଥ ଗୁନ୍ଦାବାଲୁ ଗ୍ରାମକୁ ଯାଇଥିଲା। ବର୍ତ୍ତମାନ ସେ ଜେଜେବାପା ବାଲିଙ୍ଗା ପ୍ରଧାନ ଏବଂ ସାନବାପା ବିଶ୍ୱାମିତ୍ର ପ୍ରଧାନଙ୍କ ଦାୟିତ୍ୱରେ ମାଣିକେଶ୍ୱର ଗାଁର ବାତ୍ୟା ଆଶ୍ରୟସ୍ଥଳୀରେ ରହିଛି। ପ୍ରବଳ ବର୍ଷା ଯୋଗୁଁ ଡାଙ୍ଗସିରି ଗାଁ ପ୍ରାୟ ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ଗାଁ ଏବେ ଜନଶୂନ୍ୟ।

ବାଲିଙ୍ଗା ଓ ବିଶ୍ୱାମିତ୍ରଙ୍କ ସମେତ ଅନେକ ଲୋକ ବାସହରା ହୋଇପଡ଼ିଛନ୍ତି। ଭୂସ୍ଖଳନ ସମୟରେ ଜେଜେବାପା ଓ ସାନବାପାଙ୍କ ପରିବାର ଗାଁରେ ଥିଲେ ମଧ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ। ବଡ଼ଭାଇଙ୍କ ଏକମାତ୍ର ସନ୍ତକ ଝାନ୍‌ସୀକୁ ନିଜ ଝିଅ ଭାବେ ଲାଳନପାଳନ କରିବେ ବୋଲି କହିଛନ୍ତି ସାନବାପା ବିଶ୍ୱାମିତ୍ର।

ବାର୍‌ହା ମାଂସ ଜବତ, ୩ କୋର୍ଟ ଚାଲାଣ

ସିନାପାଲି, ୩।୧୧(ନି.ସୂ) : ନୂଆପଡା ଜିଲ୍ଲା ସିନାପାଲି ବନବିଭାଗ ଗୋର୍ଲାଠାରେ ଚଢ଼ାଉକରି ୭କେଜି ବାର୍ହା ମାଂସ ଜବତ କରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୁଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ଘାଟମାଲ ଗ୍ରାମର ଖଗେଶ୍ୱର ମାଝି (୨୮), ଚଟିଆଗୁଡା ଗ୍ରାମର ହେରାମ୍ବ ମାଝି (୨୪) ଓ ଡିଙ୍ଗର ମାଝି (୪୪)।

ପ୍ରାପ୍ତ ସୁଚନା ଅନୁସାରେ ଗତ ଶନିବାର ମୁଖ୍ୟ ଅଭିଯୁକ୍ତ ଖଗେଶ୍ୱର ମାଝି ମକାଚାଷ ଜମିରେ ବାର୍ହା ଶିକାର ପାଇଁ ଫାସ ଲଗାଇ ଥିଲା। ସେହି ଫାସରେ ରବିବାର ଏକ ବାର୍ହା ଲାଗି ମୃତ୍ୟୁବରଣ କରିଥିଲା । ସେଠୁ ବାର୍ହାକୁ ଭାଗବଣ୍ଟା କରି ଲୋକେ ଖାଇ ଯାଇଥିବା ବେଳେ ଚଟିଆଗୁଡାର ଦୁଇଜଣ ସମ୍ପର୍କୀୟଙ୍କୁ ଅଭିଯୁକ୍ତ ଖଗେଶ୍ୱର ଡାକି ବାର୍ହା ମାଂସ ଦେଇଥିବା ବେଳେ ସେହି ମାଂସକୁ ଧରି ୩ଜଣ ମିଶି ଘାଟମାଲରୁ ଚଟିଆଗୁଡା ଆସୁଥିଲେ। ସେହି ସମୟରେ ସିନାପାଲି ବନ ବିଭାଗର ଏକ ଟିମ ପାଟ୍ରୋଲିଙ୍ଗ କରୁଥିବା ବେଳେ ଗୋର୍ଲାରୁ ବୈଜେଲପୁର ରାସ୍ତା ଉପରେ ସନ୍ଦେହ କରି ୩ଜଣଙ୍କୁ ଅଟକାଇ ପଚରା ଉଚରା କରିଥିଲେ। ସେଠୁ ତାଙ୍କ ଠାରୁ ଏକ ପ୍ଲାଷ୍ଟିକ ବସ୍ତାରୁ ବାର୍ହା ମାଂସ ଜବତ କରି ୩ଜଣଙ୍କୁ ଗିରଫ କରିଥିଲେ। ସୋମବାର ଖଡିଆଳ ଏସିଏଫ ପ୍ରଶ୍ମଜିତ ନାଏକ ଅଭିଯୁକ୍ତ ମାନଙ୍କୁ ନେଇ ସିନ୍ ରିକ୍ରେସନ କରି ତଦନ୍ତ କରିଥିଲେ। ଏନେଇ ସିନାପାଲି ବନ ବିଭାଗ ରେ କେସ୍ ନମ୍ବର ୧୯୧/୨୬ ଅନୁସାରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରିଥିବା ଏସିଏଫ ଶ୍ରୀ ନାଏକ ସୁଚନା ଦେଇଛନ୍ତି। ଏଥିରେ ସିନାପାଲି ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ଫରେଷ୍ଟର ମେଘନାଦ ମାଝି, ଫରେଷ୍ଟଗାର୍ଡ କୁଳେଶ୍ୱରି ମାଝି ସମେତ ବିଭାଗୀୟ ଅଧିକାରୀ କର୍ମଚାରୀ ସାମିଲ ଥିଲେ।

ହଂସୁଆ ନଦୀ କୂଳରେ ମୃତ ମାଈ କୁମ୍ଭୀର ଉଦ୍ଧାର

ରାଜନଗର, ୩।୧୧(ନି.ସୂ) : ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡ଼କୋଟ ଗାଁର ହଂସୁଆ ନଦୀ କୂଳରେ ଥିବା ପଥର ସ୍ପର ନିକଟରେ ୪ ଫୁଟ ୩ ଇଞ୍ଚ ଲମ୍ବର ମାଈ ବଉଳା କୁମ୍ଭୀରଟିଏ ମରି ପଡ଼ିଥିବା ଦେଖାଯାଇଥିଲା। ବିଭିନ୍ନ ସମୟରେ ମାଛ ଧରିବାକୁ ନଦୀରେ ବିଷାକ୍ତ ଔଷଧ ପ୍ରୟୋଗ ହେତୁ ହେଉ କିମ୍ବା ବଡ଼ ଜାଲରେ ଛନ୍ଦି ହୋଇ ଏହି କୁମ୍ଭୀରଟି ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଖବରପାଇ ଫରେଷ୍ଟର ରାକେଶ ମହାନ୍ତି,ବନରକ୍ଷୀ ସ୍ମୃତିରେଖା ନାୟକ ଓ ଅନ୍ୟ ବନ କର୍ମଚାରୀ ମୃତ କୁମ୍ଭୀରଟିକୁ ଉଦ୍ଧାର କରି ରାଜନଗର ରେଞ୍ଜ ପରିସରକୁ ଆଣିଥିଲେ। ସେଠାରେ ବ୍ୟବଛେଦ କରିସାରିବା ପରେ ରେଞ୍ଜ କାର୍ଯ୍ୟାଳୟ ପରିସରରେ କୁମ୍ଭୀରକୁ ପୋତି ଦିଆଯାଇଛି।

ହନୁମାନଙ୍କ ପୂଜନୋତ୍ସବ ଅନୁଷ୍ଠିତ

ନୂଆପଡା, ୩।୧୧(ନି.ସୂ) : ନୂଆପଡ଼ା ଜିଲ୍ଲା, ଖଡିଆଳ ସହରର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର (ମଝିଆଗୁଡି) ପରିସରରେ ଥିବା ହନୁମାନ ମନ୍ଦିରରେ ଖଡ଼ିଆଳ ମଝିଆଗୁଡ଼ି ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗତ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଶ୍ରୀଶ୍ରୀ ବଜରଙ୍ଗ ବଳି ହନୁମାନଙ୍କ ପୂଜନୋତ୍ସବ ଧୂମଧାମ୍ ରେ ପାଳିତ ହୋଇଥିଲା । ଉକ୍ତ ପୂଜା ଦିନ ସଂନ୍ଧ୍ୟା ରେ ଭଜନ ସଂନ୍ଧ୍ୟା ଓ ଅନ୍ନଭୋଗ ଭଣ୍ଡାର ର ଆୟୋଜନ କରାଯାଇଥିଲା। ଉକ୍ତ ହନୁମାନ ପୂଜାରେ ଶ୍ରୀ ଜ୍ୟୋତିରଞ୍ଜନ ହୋତା ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ସୋନାଲି ହୋତା କର୍ତ୍ତା ରୁପେ ନିୟୋଜିତ ହୋଇଥିବା ବେଳେ, ପୂଜକ ଶ୍ରୀ ପିୟୁସ ପଣ୍ଡା ଓ ଶ୍ରୀ ଜୟରାମ ଯୋଷୀ ବିଧିବିଧାନ ସହିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ଶ୍ରୀ ଶଙ୍କର୍ଷଣ ପଣ୍ଡା, ସମ୍ପାଦକ ଶ୍ରୀ ନୈମେଶ ବାରିକଙ୍କ ସହିତ ସଦସ୍ୟ ପିତାମ୍ବର ବାରିକ, ଲଳିତେନ୍ଦୁ ସାହୁ, ବିଜୟ ହୋତା, ରାହାସବିହାରୀ ସାହୁ,ଅଶୋକ ବାରିକ, ସଞ୍ଜୟ ବାବୁ, ବିଜୟ ବାରିକ ଓ ମାଧବ ମୁଣ୍ଡ ପ୍ରମୁଖ ପୂଜନୋତ୍ସବରେ ସହଯୋଗ କରିଥିଲେ।



ଶିଶୁ ମହୋତ୍ସବ ସୁରଭିରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ଜଳେଶ୍ୱର, ୩।୧୧(ନି.ସୂ) : ଜଳେଶ୍ୱର ବ୍ଲକ୍ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଖାଲିନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଭିତରେ ଲୁକ୍କାୟିତ ପ୍ରତିଭାର ବିକାଶ ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମୁଦାୟ ୧୭ଟି କ୍ଲଷ୍ଟରରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ?ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଉଦ୍ ?ଘାଟନୀ ଅଧିବେଶନରେ ବିଆରସିସି ସୁଶାନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ସୁକୁମାର ମିଶ୍ରଙ୍କ ବେଦ ପାଠ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ସରୋଜ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ଅନୁସୟା ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ,ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି,ଏସଏମସି ସଭାପତି ସୁଶାନ୍ତ କୁମାର ମହାପାତ୍ର,ସ୍ଥାନୀୟ ସରପଞ୍ଚ ମିନତୀ ମହାପାତ୍ର ଓ ସସ୍ମିତା ଦତ୍ତ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ



ଏଭଳି ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ମୋଟ ୩୧ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନ୍ଦର ହାଂସଦା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଦ୍ୱିତୀୟ ତଥା ଉଦ୍‌ଯାପନୀ ଅଧିବେଶନରେ ମଧ୍ୟ ବିଆରସିସି ଶ୍ରୀ ଜେନା ଅଧ୍ୟକ୍ଷତା କରିଥିଲେ। ଦିଲ୍ଲୀପ କୁମାର ସେଠୀ ଓ ସୁଶାନ୍ତ କୁମାର ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦ (ଆଲୁମିନି) ସଭାପତି ବୁଦ୍ଧଦେବ ଦେ,ରାଜେନ୍ଦ୍ର ନାୟକ,ହରେକୃଷ୍ଣ ଜେନା, ହରମନ୍ ମହନ୍ତ ଓ ସୁବ୍ରତ ସେନାପତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଅବ୍ୟବସ୍ଥାରେ ଘାଣ୍ଟି ହେଉଛି ମୁଣ୍ଡଳୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

ନାହାନ୍ତି ଆବଶ୍ୟକ କର୍ମଚାରୀ, ରୋଗୀ ହୀନସ୍ଥା

ଫୁଲନଖରା, ୩।୧୧(ନି.ସୂ) : ସାଧାରଣ ଲୋକଙ୍କୁ ଉନ୍ନତ ଓ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା ଓ ଘୋଷଣା କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ କିନ୍ତୁ ସ୍ୱାସ୍ଥ୍ୟସେବାର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏହାର ଏକ ନଗ୍ନ ଉଦାହରଣ ପାଲଟିଛି କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ମହାଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ମୁଣ୍ଡଳୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ଦୀର୍ଘଦିନ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଭିତ୍ତିଭୂମି, ଆବଶ୍ୟକ କର୍ମଚାରୀ ଓ ଆନୁଷଙ୍ଗିକ ସୁବିଧାର ଘୋର ଅଭାବ ମଧ୍ୟରେ ଚାଲିଥିବା ବେଳେ ରୋଗୀସେବା କିନ୍ତୁ ନାନା ସମସ୍ୟାରେ ଛନ୍ଦି ହୋଇପଡ଼ିଛି। ସରକାରଙ୍କ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଓ ବିଭାଗୀୟ ତଦାରଖକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ମୁଣ୍ଡଳୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖର ୪ରୁ ୫ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ବିଭିନ୍ନ କଲେଜ, ସରକାରୀ କାର୍ଯ୍ୟାଳୟ ଏବଂ ଛୋଟବଡ଼ ଶିକ୍ଷାନୁଷ୍ଠାନର କର୍ମଚାରୀମାନେ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସା ସେବା ନେଇଥାନ୍ତି। ଏତେ ବ୍ୟାପକ ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାର ଦାୟିତ୍ୱ ବହନ କରୁଥିବା ଏହି କେନ୍ଦ୍ରରେ ଆବଶ୍ୟକ ଅନୁଯାୟୀ ଚିକିତ୍ସା କକ୍ଷ ଓ ରୋଗୀଙ୍କ ପାଇଁ ଶଯ୍ୟାର ବ୍ୟବସ୍ଥା ନାହିଁ। ଏପରିକି ଜଣେ ରୋଗୀ ଶଯ୍ୟାରେ ଶୋଇ ସାଲାଇନ୍ ନେଉଥିବା ସମୟରେ ଅନ୍ୟ ଜଣେ ରୋଗୀ ସାଲାଇନ୍ ନେବାକୁ ଆସିଲେ ତାଙ୍କ ପାଇଁ ଆଉ ସ୍ଥାନ କିମ୍ବା ଶଯ୍ୟାର ବ୍ୟବସ୍ଥା ନାହିଁ। ଏଭଳି ସ୍ଥିତିରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳିବ କିପରି ? ଏହା କେବଳ ଭିତ୍ତିଭୂମିର ଅଭାବ ନୁହେଁ, ବରଂ ରୋଗୀଙ୍କ ମୌଳିକ ଚିକିତ୍ସା ଅଧିକାର ପ୍ରତି ଏକ ବଡ଼ ପ୍ରଶ୍ନବାଚୀ।ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ନୂତନ କୋଠା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ ଦୀର୍ଘବର୍ଷ ଧରି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏହା କେଉଁ କାରଣରୁ ଅଧପନ୍ତରିଆ ହୋଇ ପଡ଼ିରହିଛି, ତାହାର ଉତ୍ତର ଦେବ କିଏ ? ଯେଉଁଠି ନୂତନ କୋଠା ନିର୍ମାଣ ପାଇଁ ଟେଣ୍ଡର ହୋଇ ମଧ୍ୟ ବର୍ଷବର୍ଷ ଧରି କାମ ସରୁନାହିଁ, ସେଠାରେ ବିଭାଗୀୟ ତଦାରଖ ଓ ଦାୟିତ୍ୱବୋଧ କେତେ ରହିଛି, ତାହା ସହଜରେ ଅନୁମେୟ।କେବଳ ଭିତ୍ତିଭୂମି ନୁହେଁ, କର୍ମଚାରୀ ଅଭାବ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଆଉ ଏକ ପ୍ରମୁଖ ସମସ୍ୟା। ଏହା ଅଧୀନରେ ୪ଟି ସବସେଣ୍ଟର ରହିଥିବା ବେଳେ ମାତ୍ର ଦୁଇଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ଏତେ ବଡ଼ ଅଞ୍ଚଳର ରୋଗୀସେବା ଓ କ୍ଷେତ୍ର ପରିଦର୍ଶନ ଭଳି ଦାୟିତ୍ୱ ଅଳ୍ପ କର୍ମଚାରୀଙ୍କ ଉପରେ ନ୍ୟସ୍ତ ହୋଇଥିବାରୁ ସେମାନଙ୍କ ଉପରେ କାର୍ଯ୍ୟଚାପ ବଢ଼ିବା ସ୍ୱାଭାବିକ। ଏହାର ପ୍ରଭାବ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଉପରେ ପଡ଼ିବା ଆଶଙ୍କାକୁ ଏଡ଼ାଇ ହେବ ନାହିଁ।




ନିଦାବିଷ୍ଣୁ ସାଜିଛି ସ୍ୱାସ୍ଥ୍ୟ ବିଭାଗ !

ଅନ୍ୟପକ୍ଷରେ,ଏଠାରେ କାର୍ଯ୍ୟରତ ଇନଚାର୍ଜ ମଧ୍ୟ ଚୁକ୍ତିଭିତ୍ତିକ ନିଯୁକ୍ତିରେ ରହିଥିବା ବେଳେ ସ୍ଥାୟୀ ଫାର୍ମାସିଷ୍ଟଙ୍କ ଅଭାବ ଯୋଗୁଁ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଫାର୍ମାସିଷ୍ଟ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଏପରିକି କର୍ମଚାରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର୍ସର ମଧ୍ୟ ବ୍ୟବସ୍ଥା ନାହିଁ। ଫଳରେ କର୍ମଚାରୀମାନେ ନିଜ ନିଜ ଘରୁ ଯାତାୟାତ କରି କାର୍ଯ୍ୟ କରୁଛନ୍ତି। ଏଭଳି ଅବ୍ୟବସ୍ଥା ମଧ୍ୟରେ ଚିକିତ୍ସା ସେବା ସହିତ କ୍ଷେତ୍ରୀୟ କାର୍ଯ୍ୟ ତୁଲାଇବାକୁ କର୍ମଚାରୀମାନେ ନିରନ୍ତର ଚାପରେ ରହୁଥିବା ଦେଖାଯାଉଛି। ପ୍ରଶ୍ନ ଉଠୁଛି, ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଦି ଆବଶ୍ୟକ ଡାକ୍ତରୀ ଓ ପାରାମେଡିକାଲ୍ କର୍ମଚାରୀ, ଫାର୍ମାସିଷ୍ଟ, ଚିକିତ୍ସା କକ୍ଷ, ଶଯ୍ୟା ଓ ଷ୍ଟାଫ୍ କ୍ୱାର୍ଟର୍ସ ଭଳି ମୌଳିକ ସୁବିଧା ନାହିଁ, ତେବେ ସାଧାରଣ ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବେ କିପରି ? ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ କୋଟିକୋଟି ଟଙ୍କା ବ୍ୟୟ କରୁଥିବା ଦାବି କରୁଥିବା ବେଳେ ମୁଣ୍ଡଳୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଦୟନୀୟ ସ୍ଥିତି କାହାର ନଜରକୁ ଆସୁନାହିଁ କାହିଁକି ?

ଜିଲ୍ଲା ମୁଖ୍ୟାଳୟଠାରୁ ଅଳ୍ପ ଦୂରରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଯଦି ଏପରି, ତେବେ ଦୂରଦୂରାନ୍ତର ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ବାସ୍ତବ ଚିତ୍ର କିପରି ଥିବ, ତାହା ସହଜରେ ଅନୁମାନ କରାଯାଇପାରେ।ଏଠାରେ ଆଉ ଏକ ଗୁରୁତର ପ୍ରଶ୍ନ ହେଉଛି, ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ସମସ୍ୟା ସମ୍ପର୍କରେ ମହାଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଅବଗତ ଅଛନ୍ତି କି ନାହିଁ? ଯଦି ଅବଗତ ଅଛନ୍ତି, ତେବେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନାହିଁ କାହିଁକି ? ରୋଗୀଙ୍କ ଜୀବନ ଓ ସ୍ୱାସ୍ଥ୍ୟ ସହ ଜଡ଼ିତ ଏଭଳି ମୌଳିକ ସମସ୍ୟାକୁ ଆଉ କେତେଦିନ ଅଣଦେଖା କରାଯିବ ? ତେଣୁ ମୁଣ୍ଡଳୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧପନ୍ତରିଆ କୋଠା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା, ଆବଶ୍ୟକ ସଂଖ୍ୟକ ଡାକ୍ତର, ଫାର୍ମାସିଷ୍ଟ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ତଥା ପାରାମେଡିକାଲ୍ କର୍ମଚାରୀ ନିଯୁକ୍ତି, ପର୍ଯ୍ୟାପ୍ତ ଶଯ୍ୟା ଓ ଚିକିତ୍ସା କକ୍ଷ ବ୍ୟବସ୍ଥା ସହିତ କର୍ମଚାରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରିବାକୁ ବୁଦ୍ଧିଜୀବୀ ଓ ଗ୍ରାମ୍ୟ ମୁରବିମାନେ ଦାବି କରିଛନ୍ତି।

ବାତ୍ୟା ମୁରାସୁର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ପାପଡାହାଣ୍ଡି, ୩।୧୧(ନି.ସୂ) : ସୋମବାର ଦିନ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସଦର ମହକୁମାର ସମ୍ମିଳନି କକ୍ଷ ଠାରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ବାତ୍ୟା ମୁରାସୁ'ରେ ଧନ ଜୀବନ ରକ୍ଷା ସହିତ ଲୋକଙ୍କ ସୁରକ୍ଷାକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କପିଳଦେବ ସାହୁ ଙ୍କ ଅଧ୍ୟକ୍ଷତା ରେ



ଅନୁଷ୍ଠିତ ପ୍ରସ୍ତୁତି ବୈଠକ ରେ ପାପଡାହାଣ୍ଡି ସରପଞ୍ଚ ଶ୍ରୀ ଚନ୍ଦ୍ରଶେଖର ମାଝୀ, ଡାକ୍ତର ଶ୍ରୀମତୀ ମନୋସ୍ମିତା ମହାନ୍ତି, ସିଡିପିଓ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖ ମଞ୍ଚାସିନ ଥିଲେ ।

ବୈଠକରେ ମୁଖ୍ୟତଃ ନଦୀ ତଳିଆ ଅଞ୍ଚଳ ଏବଂ ବର୍ଷା ପାଣି ଜମିକି ରହୁଥିବା ସ୍ଥାନ ମାନଙ୍କରୁ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳି ରେ ଆଣି ସୁରକ୍ଷିତ ରଖିବା ଓ ରନ୍ଧା ଖାଦ୍ୟ ପ୍ରଦାନ କରିବା, ପାନୀୟ ଜଳ ଓ ଶୁଖିଲା ଖାଦ୍ୟ ମହଜୁଦ ରଖିବା, ପାହାଡ଼ ରେ ଭୁସଖଳନ ହୋଇ ରାସ୍ତା ଘାଟ ଅବରୋଧ ଓ ଗଛ ପୋଡି ରାସ୍ତା ଅବରୋଧ କୁ ତୁରନ୍ତ ସଫାକରିବା,ପ୍ରଭାବିତ ସ୍ଥାନ ମାନଙ୍କ ରେ ବିଭିନ୍ନ ସରକାରୀ କୋଠା ଓ ବିଦ୍ୟାଳୟ କୁ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳି ଭାବେ ପ୍ରସ୍ତୁତି ରଖିବା, ପ୍ରସବ ନିମନ୍ତେ ମା ମାନଙ୍କୁ ପୂର୍ବରୁ ମା ଗୃହ ରେ ଆଣି ସୁରକ୍ଷିତ ରଖିବା, ନାଳ ନର୍ଦ୍ଦମା ଗୁଡିକ ସଫା ରଖିବା ଆଦି ବିଷୟରେ ଆଲୋଚନା ହୋଇ ଅଧିକାରୀ ମାନଙ୍କୁ ସତର୍କ ରହିବାକୁ କୁହାଯାଇଥିଲା ।

ଏହି ବୈଠକରେ ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଏ. ଲାବନ୍ୟା, ଅଙ୍ଗନବାଡି ସୁପରଭାଇଜର ଚନ୍ଦନା ମହାରଣା, ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଅନିନ୍ଦ୍ୟ କୁମାର ଜେନା, ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା, ବିଏସଏସଓ ସୂବ୍ରତ କିସାନ, ବିପିସି (ପେସା) ଗିରିଜା ପ୍ରସାଦ ଦଳାଇ, ଅତିରିକ୍ତ ଶ୍ରମ ଅଧିକରୀ ସଂଗ୍ରାମ ଭୂମିଆ ଏବଂ ସମସ୍ତ ଲାଇନ ବିଭାଗ ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅବକାରୀ ବିଭାଗର ଚଢ଼ାଉ: ୧୨୫୦ ଲିଟର ମହୁଲି ପୋଚ୍ ଓ ୮୦ ଲିଟର ଦେଶୀ ମଦ ଜବତ ଓ ନଷ୍ଟ



ନବରଙ୍ଗପୁର, ୦୩/୧୧(ନି.ସୂ): ଅବୈଧ ମଦ ପ୍ରସ୍ତୁତି ଓ କାରବାର ବିରୋଧରେ ଆଜି ସକାଳେ ରାଇଘର ତହସିଲ ଅନ୍ତର୍ଗତ କାଳିଆପଦର ଓ କଚରାପଡ଼ା ଗ୍ରାମରେ ମିଳିତ ଚଢ଼ାଉ କରାଯାଇଥିଲା।ରାଇଘର ତହସିଲଦାର, ରାଇଘର ଥାନା ଅଧିକାରୀ (IIC),ବ୍ଲକ୍ ଅବକାରୀ ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ପ୍ରାୟ ୧୨୫୦ ଲିଟର ମହୁଲି ପୋଚ୍ ଓ ୮୦ ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଅବୈଧ ମଦ ପ୍ରସ୍ତୁତି ଓ ବିକ୍ରୟ ରୋକିବା ସହ ଏହାର କୁପରିଣାମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଏଭଳି ଚଢ଼ାଉ ଓ ଯାଞ୍ଚ ଅଭିଯାନ ଜାରି ରହିବ।

ଓଏସ୍‌ସିପିସିଆରର ପ୍ରତିଷ୍ଠା ଦିବସ ପାଳିତ, ସମ୍ମାନିତ ହେଲେ ଗଞ୍ଜାମ ଡିଏସ୍‌ଡବ୍ଲ୍ୟୁଓ ବିଜୟଲକ୍ଷ୍ମୀ ବେହେରା



ଛତ୍ରପୁର, ୩/୧୧(ନି.ସୂ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ଅଧିକାରର ସୁରକ୍ଷା ଓ ଶିଶୁ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ ପାଇଁ ଗଞ୍ଜାମର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରାଙ୍କୁ ସମ୍ମାନିତ କରାଯାଇଛି।ପ୍ରତିଷ୍ଠା ଦିବସ ଅବସରରେ ଶିଶୁମାନଙ୍କ ଅଧିକାରର ସୁରକ୍ଷା, ସେମାନଙ୍କ କଲ୍ୟାଣ ଓ ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଅସହାୟ,ଅବହେଳିତ ଓ ଅସୁବିଧାରେ ଥିବା ଶିଶୁମାନଙ୍କୁ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

ବ୍ଲକସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ବାଜିମାତ, ୩ ଜଣ ଜିଲ୍ଲାସ୍ତରକୁ ମନୋନୀତ



ଜଳେଶ୍ୱର,୩/୧୧(ନି.ସୂ):ଜଳେଶ୍ୱର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତାରେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଅନୁଷ୍ଠାନ ତଥା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି।ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉକ୍ତ ମହାବିଦ୍ୟାଳୟର ନିରଞ୍ଜନ ନନ୍ଦ ବିତର୍କରେ ପ୍ରଥମ,ପ୍ରଣିତା ପଣ୍ଡା ବକ୍ତୃତା (ଭାଷଣ)ରେ ପ୍ରଥମ ଏବଂ ମୋନାଲିସା ଦାସ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।ଏହି କୃତୀ ଛାତ୍ରଛାତ୍ରୀମାନେ ଆଗାମୀ ଜିଲ୍ଲା ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।?ଅନ୍ୟ ପ୍ରତିଯୋଗୀମାନଙ୍କ ମଧ୍ୟରେ ଅର୍ଚ୍ଚିତା ସାମଲ ଚିତ୍ରାଙ୍କନରେ ଦ୍ୱିତୀୟ,ବନିତା ପାତ୍ର ସାଧାରଣ ଜ୍ଞାନ (କୁଇଜ୍)ରେ ତୃତୀୟ ଏବଂ ସ୍ନେହା ପାତ୍ର ସୃଜନଶୀଳ ରଚନାରେ ତୃତୀୟ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ସୁନାମ ବୃଦ୍ଧି କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିବେକାନନ୍ଦ ସାହୁ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ପ୍ରସ୍ତୁତ କରିବାରେ ସହଯୋଗ କରିଥିବା ଅଧ୍ୟାପକ,ଅଧ୍ୟାପିକା ଓ ଶିକ୍ଷାକର୍ମୀ ମାନଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରିଛନ୍ତି। ମହାବିଦ୍ୟାଳୟର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ସମଗ୍ର ଆରୁହା ପଞ୍ଚାୟତରେ ଆନନ୍ଦ ଓ ଉତ୍ସାହର ଲହରୀ ଖେଳିଯାଇଛି।

ହିଞ୍ଜିଳି ବସଷ୍ଟାଣ୍ଡରେ ବିଧାୟକ ନବୀନ ପଟ୍ଟନାୟକଙ୍କ ମିଶିଙ୍ଗ୍ ପୋଷ୍ଟର, ବନ୍ୟା ବିପତ୍ତି ସମୟରେ ପୋଷ୍ଟର ଲଗାଇଲା କିଏ?



ହିଞ୍ଜିଳି, ୦୩/୧୧(ନି ସୂ):ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ହିଞ୍ଜିଳି ବସଷ୍ଟାଣ୍ଡରେ ଦେଖିବାକୁ ମିଳିଛି ଏକ ଚର୍ଚ୍ଚିତ ଦୃଶ୍ୟ। ବିଧାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମରେ ଲଗାଯାଇଛି MISSING ପୋଷ୍ଟର। ଏହି ପୋଷ୍ଟରକୁ ନେଇ ଏବେ ହିଞ୍ଜିଳି ଅଞ୍ଚଳରେ ଆରମ୍ଭ ହୋଇଛି ନାନା ଚର୍ଚ୍ଚା ଓ ଆଲୋଚନା। ବିଶେଷ କରି ବନ୍ୟା ବିପତ୍ତି ସମୟରେ ଏଭଳି ପୋଷ୍ଟର ଲଗାଯିବାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ବନ୍ୟା ଯୋଗୁଁ ଲୋକେ ବିଭିନ୍ନ ସମସ୍ୟାରେ ଜୁଝୁଥିବା ବେଳେ ହିଞ୍ଜିଳି ଅଞ୍ଚଳରେ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ କିଏ ଏଭଳି ପୋଷ୍ଟର ଲଗାଇଛି? ଏହା ପଛରେ କେଉଁ ବ୍ୟକ୍ତି ବା ସଂଗଠନର ହାତ ରହିଛି? ପୋଷ୍ଟର ଲଗାଇବା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି ନା ଏହା ଜନସାଧାରଣଙ୍କ ଅସନ୍ତୋଷର ପ୍ରତିଫଳନ, ତାହାକୁ ନେଇ ଉଠୁଛି ପ୍ରଶ୍ନ। ତେବେ ଏହି MISSING ପୋଷ୍ଟରକୁ ନେଇ ହିଞ୍ଜିଳି ରାଜନୀତିରେ କେଉଁ ନୂଆ ମୋଡ଼ ଆସୁଛି, ତାହା ଏବେ ଦେଖିବାକୁ ବାକି ରହିଲା।

ଜଙ୍ଗଲ ଜମି ଅଧିକାର ଦାବିରେ ଖଡ଼ିଆଳ ବନଖଣ୍ଡ କାର୍ଯ୍ୟାଳୟ ଘେରିଲେ ହଜାର ହଜାର ସଶସ୍ତ୍ର ଆଦିବାସୀ ଓ ବନବାସୀ

ନୂଆପଡ଼ା, ୩/୧୧(ନି.ସୂ): ଜଙ୍ଗଲ ଜମିରେ ପାରମ୍ପରିକ ଅଧିକାର ଓ ଜୀବନଜୀବିକାର ସୁରକ୍ଷା ଦାବିରେ ହଜାର ହଜାର ସଶସ୍ତ୍ର ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମଙ୍ଗଳବାର ଖଡ଼ିଆଳ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ପ୍ରଶାସନିକ ଅବହେଳା, ଜଙ୍ଗଲ ଜମିରୁ ଉଚ୍ଛେଦ ଉଦ୍ୟମ ଏବଂ ପଟ୍ଟା ପ୍ରଦାନରେ ପାତରଅନ୍ତର ଅଭିଯୋଗ କରି ଆନ୍ଦୋଳନକାରୀମାନେ ସରକାରଙ୍କ ବିରୋଧରେ ଗର୍ଜିଥିଲେ।ପୂର୍ବାହ୍ନ ପ୍ରାୟ ୧୧ଟାରେ ଖଡ଼ିଆଳସ୍ଥିତ ସମଲେଶ୍ୱରୀ ମନ୍ଦିରଠାରେ ଆଦିବାସୀ ଓ ପାରମ୍ପରିକ ବନବାସୀମାନେ ଏକତ୍ରିତ ହୋଇଥିଲେ। ପରେ ଏକ ବିରାଟ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା କରି ବନଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଆଦିବାସୀ ଓ ବନବାସୀ ସାମିଲ ହୋଇଥିଲେ। ନିଜର ହକ୍ ଓ ଅଧିକାର ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ।ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଦିବାସୀ ଓ ପାରମ୍ପରିକ ବନବାସୀମାନେ ପିଢ଼ି ପରେ ପିଢ଼ି ଧରି ଜଙ୍ଗଲ ଅଞ୍ଚଳରେ ବସବାସ କରିବା ସହ ଚାଷବାସ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ସେମାନଙ୍କ ପାରମ୍ପରିକ ଅଧିକାରକୁ ଆଇନଗତ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ୨୦୦୬ ମସିହାରେ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଅନୁଯାୟୀ ବ୍ୟକ୍ତିଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ ସହ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାର ବ୍ୟବସ୍ଥା ରହିଛି।ମାତ୍ର ନୂଆପଡ଼ା ଜିଲ୍ଲାରେ ଏହି ଆଇନର ସଠିକ୍ କାର୍ଯ୍ୟକାରିତା ହେଉନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଓ ବନବାସୀ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ଆବେଦନ କରିଥିବା ବେଳେ ମାତ୍ର ପ୍ରାୟ ୬ ହଜାର ଆବେଦନକାରୀଙ୍କୁ ପଟ୍ଟା ମିଳିଛି। ଅନ୍ୟପକ୍ଷରେ ଅଣଆଦିବାସୀ ପାରମ୍ପରିକ ବନବାସୀଙ୍କୁ ଏପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି।ସେହିପରି ଗୋଷ୍ଠୀଗତ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର କେବଳ କେତେକ ଗ୍ରାମକୁ ପ୍ରଦାନ କରି ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଥିବା ବେଳେ ଶହ ଶହ ଗ୍ରାମ ଏବେ ମଧ୍ୟ ଏହି ଅଧିକାରରୁ ବଞ୍ଚିତ ରହିଛନ୍ତି। ଅଣରାଜସ୍ୱ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନଥିବା ଏବଂ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା 'ମୋ ଜଙ୍ଗଲ ଜମି ସେଲ୍'କୁ ବନ୍ଦ କରିଦିଆଯାଇଥିବା ନେଇ ମଧ୍ୟ ଆନ୍ଦୋଳନକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାଦ୍ୱାରା ଜଙ୍ଗଲ ଜମି ସମ୍ପର୍କିତ ଅଭିଯୋଗ ଓ ଆପତ୍ତି ଜଣାଇବାରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ କହିଥିଲେ।ଜଙ୍ଗଲ ବିଭାଗ ବିଭିନ୍ନ ସମୟରେ ଟାଳଟୁଳ ନୀତି ଅବଲମ୍ବନ କରି ପଟ୍ଟା ପ୍ରଦାନରେ ଅନାଗ୍ରହ ଦେଖାଉଥିବା ଅଭିଯୋଗ କରି ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନର ସଠିକ୍ କାର୍ଯ୍ୟକାରିତା, ବଞ୍ଚିତ ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ, ଗୋଷ୍ଠୀଗତ ଅଧିକାର ସୁନିଶ୍ଚିତ କରିବା ଓ ଅଣରାଜସ୍ୱ ଗ୍ରାମକୁ ମାନ୍ୟତା ଦେବାକୁ ଦାବି କରାଯାଇଥିଲା। ଏହି ଦାବିଗୁଡ଼ିକ ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆହୁରି ବଡ଼ ଧରଣର ଜନଆନ୍ଦୋଳନ ଗଢ଼ି ତୋଳାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।ଏହି ସମାବେଶରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସମେତ ହୀରାଲାଲ ମାଝୀ, ହନୁରାମ ମାଝୀ, ମେଘନାଦ ଖର୍ସେଲ, ରୁଦ୍ର ସିଂ ମାଝୀ, ଚୈତନ୍ୟ ମାଝୀ, ଦୁର୍ବଳ ମାଝୀ, ଟୋପଚନ୍ଦ ମାଝୀ, ତୁଳସୀରାମ ମାଝୀ, ଯୁଧିଷ୍ଠିର ମାଝୀ, ଅମର ସିଂ ମାଝୀଙ୍କ ସମେତ ବହୁ ଆଦିବାସୀ ଓ ବନବାସୀ ଯୋଗଦେଇଥିଲେ।

ଚାକିରି ବଦଳରେ ବିଧବାଙ୍କୁ ଟଙ୍କା ଦାବି !

ନବରଙ୍ଗପୁର,(ନି.ସୂ): ସରକାର ଗରିବ, ଅସହାୟ ଓ ବିପନ୍ନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ସେହି ଯୋଜନାର ସୁଫଳ ପାଇବାକୁ ଯଦି ଜଣେ ବିଧବା ମହିଳାଙ୍କୁ ସରକାରୀ କାର୍ଯ୍ୟାଳୟର ଦ୍ୱାରେ ଦ୍ୱାରେ ବୁଲିବାକୁ ପଡ଼େ, ତେବେ ଏହାଠାରୁ ବଡ଼ ଦୁର୍ଭାଗ୍ୟ ଆଉ କ'ଣ ହୋଇପାରେ? ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତର ପୂଜାରୀଗୁଡ଼ା ଗ୍ରାମର ଯୋଶଦା ଗଣ୍ଡଙ୍କ ଦୁଃଖଦ କାହାଣୀ ଏବେ ସରକାରୀ ବ୍ୟବସ୍ଥାର ମାନବିକତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ତାଙ୍କ ସ୍ୱାମୀ ମଙ୍ଗତୁ ଗଣ୍ଡ ଚୁଆଁମାଟିଗୁଡ଼ା ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ପ୍ରାୟ ଏକ ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଥିଲା।ସ୍ୱାମୀଙ୍କ ମୃତ୍ୟୁ ପରେ ପୁନର୍ବାସ ଯୋଜନାରେ ପୁଅକୁ ନିଯୁକ୍ତି ମିଳିବ ବୋଲି ଆଶା ବାନ୍ଧିଥିଲେ ଯୋଶଦା। ନିଜର ଶାରୀରିକ ଅକ୍ଷମତା ଯୋଗୁଁ ପୁଅକୁ ନିଯୁକ୍ତିର ସୁଯୋଗ ଦେବା ଉଦ୍ଦେଶ୍ୟରେ ଚାରି ମାସ ତଳେ CDMO କାର୍ଯ୍ୟାଳୟରେ ଅନଫିଟ୍ ସାର୍ଟିଫିକେଟ୍ ପାଇଁ ଆବେଦନ କରିଥିଲେ। କିନ୍ତୁ ଅଭିଯୋଗ ଅନୁଯାୟୀ, ମେଡିକାଲ ବୋର୍ଡର ଡାକ୍ତରମାନଙ୍କ ଦସ୍ତଖତ ଆବଶ୍ୟକ ବୋଲି କହି ମୁଖ୍ୟ କିରାଣୀ ଦିଲ୍ଲିପ କୁମାର ସାହୁ ତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଇଥିଲେ। ଏପରିକି ପ୍ରତ୍ୟେକ ଡାକ୍ତରଙ୍କ ଦସ୍ତଖତ ପାଇଁ ୫ ହଜାର ଟଙ୍କା ହିସାବରେ ମୋଟ ୨୫ ହଜାର ଟଙ୍କା ଦାବି କରାଯାଇଥିବା ଯୋଶଦା ଅଭିଯୋଗ କରିଛନ୍ତି। ଅସମର୍ଥତା ପ୍ରକାଶ କରି ହଜାରେ ଟଙ୍କା ଦେବାକୁ ରାଜି ହୋଇଥିଲେ ମଧ୍ୟ ସାର୍ଟିଫିକେଟ୍ ମିଳିନଥିବା ସେ କହିଛନ୍ତି। ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ରାଜନୈତିକ ମହଲରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପୂଜାରୀ CDMO କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ କିରାଣୀଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ସମେତ ବିଜେଡିର ଅନ୍ୟ ନେତାମାନେ CDMOଙ୍କୁ ଭେଟି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବି କରିଥିଲେ।ଶେଷରେ ନ୍ୟାୟ ପାଇଁ ଯୋଶଦା ନବରଙ୍ଗପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦାଖଲ କରିଛନ୍ତି। ପୋଲିସ ଏତଲା ଗ୍ରହଣ କରି ତଦନ୍ତ ଜାରି ରଖିଛି। **ସରକାରଙ୍କ ପାଇଁ କିଛି ପ୍ରଶ୍ନ-** ସରକାର କହୁଛନ୍ତି ଦୁର୍ନୀତିମୁକ୍ତ ଶାସନ, ସ୍ୱଚ୍ଛ ପ୍ରଶାସନ ଓ ଜନସାଧାରଣଙ୍କୁ ତ୍ୱରିତ ସେବା। କିନ୍ତୁ ଯଦି ଜଣେ ଅସହାୟ ବିଧବା ନିଜର ନ୍ୟାଯ୍ୟ ଅଧିକାର ପାଇବା ପାଇଁ ଟଙ୍କା ଦେବାକୁ ବାଧ୍ୟ ହେବେ, ତେବେ ଏହି ସ୍ୱଚ୍ଛତା କାହା ପାଇଁ? **ସରକାରୀ କାର୍ଯ୍ୟାଳୟ କ'ଣ ଜନସେବାର କେନ୍ଦ୍ର, ନା ଗରିବଙ୍କୁ ଶୋଷଣ କରିବାର ଆଖଡ଼ା?** ଏହି ଅଭିଯୋଗର ସତ୍ୟାସତ୍ୟ ନିରପେକ୍ଷ ତଦନ୍ତ ମାଧ୍ୟମରେ ସାମ୍ନାକୁ ଆସୁ। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଦୋଷୀ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ଆଇନ ଅନୁଯାୟୀ କଠୋର ଦଣ୍ଡ ମିଳୁ। ଆଉ ଯୋଶଦାଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ତୁରନ୍ତ ମିଳୁ। କାରଣ, ସରକାରୀ ଚାକିରି ହୁଏତ ଜଣେ ପରିବାରର ଆଶା, କିନ୍ତୁ ସେହି ଆଶା ପୂରଣ କରିବା ପାଇଁ ଜଣେ ବିଧବାଙ୍କୁ ଟଙ୍କା ଦେବାକୁ ପଡ଼ିବା ଉଚିତ୍ ନୁହେଁ।



ଗଞ୍ଜେଇ ଚୋରା ଚାଲାଣ ଉପରେ ଭଞ୍ଜପୁର ପୋଲିସର ଚଢ଼ାଉ,୩ ଗିରଫ

ଦେଢ଼ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ କାର ଏବଂ ନଗଦ ଲକ୍ଷାଧିକ ଟଙ୍କା ଜବତ



ବାରିପଦା,୩/୧୧,ଅବିନାଶ ମହାନ୍ତି (ନି.ସୂ):ମୟୂରଭଞ୍ଜ ଜିଲ୍ଲାରେ ନିଶା ଦ୍ରବ୍ୟ ଚୋରା ଚାଲାଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ଚୋରା ଗଞ୍ଜେଇ ଚାଲାଣ ରୋକିବା ଦିଗରେ ବାରିପଦା ଭଞ୍ଜପୁର ଥାନା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ଲକ୍ଷ୍ମୀପୋଷି ଫାଣ୍ଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ସୁବର୍ଣ୍ଣରେଖା କେନାଲ ରାସ୍ତାରେ ଗୋଡାଇ ଗୋଡାଇ ବେଆଇନ ଗଞ୍ଜେଇ ଚାଲାଣ କାର ଉପରେ ଚଢ଼ାଉ କରି ପୋଲିସ ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ, ନଗଦ ଟଙ୍କା ଏବଂ ଚାଲାଣରେ ବ୍ୟବହୃତ ଏକ ଦାମୀ କାର ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୀପୋଷି ସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟ ନିକଟ ଦେଇ ଏକ କାରରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଥିବା ନେଇ ଭଞ୍ଜପୁର ପୋଲିସକୁ କୌଣସି ସୂତ୍ରରୁ ଗୁଇନ୍ଦା ସୂଚନା ମିଳିଥିଲା। ଖବର ପାଇ ପୋଲିସ ଟିମ ତୁରନ୍ତ ଘଟଣାସ୍ଥଳରେ ନାକାବନ୍ଦୀ କରି ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଏକ ସନ୍ଦିଗ୍ଧ ପଶ୍ଚିମବଙ୍ଗ ନମ୍ବର ଡ଼ବ୍ଲୁବି ୮୯ଡି ୦୬୩୨ ନମ୍ବର କାରକୁ ଅଟକାଇ ତଲାସି କରିବା ପରେ ଗାଡ଼ି ଭିତରୁ ଦେଢ଼ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ମିଳିଥିଲା। ପୋଲିସ ତୁରନ୍ତ ଗାଡ଼ିରେ ଥିବା ୩ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରିବା ସହ ଘଟଣା ସ୍ଥଳରୁ ଉକ୍ତ ଗଞ୍ଜେଇ, ନଗଦ ଲକ୍ଷାଧିକ ଟଙ୍କା ଓ କାରଟିକୁ ଜବତ କରିଛି। ଗିରଫ ଅଭିଯୁକ୍ତ ମାନଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରହିଛି। ଏହି ଗଞ୍ଜେଇ କେଉଁଠାରୁ ଆସି କେଉଁ ସ୍ଥାନକୁ ଚାଲାଣ କରାଯାଉଥିଲା ଏବଂ ଏହି ର୍ୟାକେଟ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତି ମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଉଲୁବେରା ଥାନା ଅନ୍ତର୍ଗତ ୩୬ ବର୍ଷୀୟ ଶ୍ରୀକାନ୍ତ ବାଗ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସରିଶକଠା ଗ୍ରାମର ୩୨ ବର୍ଷୀୟା ଜଗନ ମହାଳିକ ଏବଂ ଭଞ୍ଜପୁର ଥାନା ଅନ୍ତର୍ଗତ ତଥା ବାରିପଦା ସହରର ୱାର୍ଡ ନଂ ୩ ୱାଲିଗଞ୍ଜ ଅଞ୍ଚଳର ୩୯ ବର୍ଷୀୟ ରାଜେଶ କୁମାର ପରିଡ଼ା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ଅରଡ଼ିଆପଦା ମା' ନବମଲ୍ଲିକାଙ୍କ ପୀଠରେ ସତସଙ୍ଗ ମହାସମାରୋହ

ନିଖିଳ ରଞ୍ଜନ ବେଉରାଙ୍କ ୧୭ତମ ଜନ୍ମବାର୍ଷିକୀ ଅବସରରେ ଆଧ୍ୟାତ୍ମିକ ପରିବେଶରେ ଭକ୍ତିମୟ କାର୍ଯ୍ୟକ୍ରମ

ଫୁଲନଖରା,(ନି.ସୂ):କଟକ ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଗ୍ରାମର ଆରାଧ୍ୟ ଗ୍ରାମଦେବତୀ ମା' ନବମଲ୍ଲିକାଙ୍କ ପୀଠରେ ଏକ ଭବ୍ୟ ସତସଙ୍ଗ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବାସିନ୍ଦା ବିଜୟ କୁମାର ବେଉରାଙ୍କ ଏକମାତ୍ର ପୁତ୍ର ନିଖିଳ ରଞ୍ଜନ ବେଉରାଙ୍କ ୧୭ତମ ଜନ୍ମବାର୍ଷିକୀ ଅବସରରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସତସଙ୍ଗ ମାଧ୍ୟମରେ ଭକ୍ତି, ଆଧ୍ୟାତ୍ମିକତା ଓ ସଦ୍ଭାବନାର ବାର୍ତ୍ତା ପ୍ରସାରିତ ହୋଇଥିବା ବେଳେ ପୂରା ପରିବେଶ ଭକ୍ତିମୟ ହୋଇଉଠିଥିଲା।ଏହି ଅବସରରେ ଗ୍ରାମ ତଥା ଅଞ୍ଚଳର ବହୁ ବିଶିଷ୍ଟ ମୁରବି, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସତସଙ୍ଗର ଆଧ୍ୟାତ୍ମିକ ଆନନ୍ଦ ଉପଭୋଗ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, କିଶୋର ଚନ୍ଦ୍ର ଜେନା, ଗୁଣ୍ଡୁଚି ସାହୁ, ଅଶୋକ କୁମାର ରଥ, କଳ୍ପତରୁ ଖୁଣ୍ଟିଆ, ନରେନ୍ଦ୍ର ପାତ୍ର, ଶୈଳଜାନନ୍ଦ ସାହୁ, ବରଦା ପ୍ରସାଦ ବେଉରା, ବାନାମ୍ବର ପରିଡ଼ା, ରଣଜିତ୍ ବେଉରା, ସୁଶୀଲ କୁମାର ଦାସ ଓ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ସଫଳ ଓ ସୁନ୍ଦର ଭାବେ ଆୟୋଜନ କରିବାରେ ବ୍ରଜବନ୍ଧୁ ବେଉରା, ଅଜୟ କୁମାର ବେଉରା, ବିଜୟ କୁମାର ବେଉରା, ପ୍ରତିଶ କୁମାର ବେଉରା, ଅରିଜିତ ବେଉରା, ଦିବ୍ୟଦ୍ୟୁତି ବେଉରା, ଦିବ୍ୟଜ୍ୟୋତି ବେଉରା, ରତି ରଞ୍ଜନ ବେଉରା, ହିମାଂଶୁ ଶେଖର ଜେନା, ରାଜେଶ ବେଉରା, ଚିନ୍ମୟ ବେଉରା, ଦୁଷ୍ମନ୍ତ ପରିଜା ଓ ପ୍ରକାଶ ଚନ୍ଦ୍ର ପରିଜା ପ୍ରମୁଖ ସହଯୋଗ କରିଥିଲେ।ଜନ୍ମଦିନ ଭଳି ଏକ ବିଶେଷ ଅବସରକୁ ଆଧ୍ୟାତ୍ମିକ ଓ ସାମାଜିକ ଭାବନା ସହ ଯୋଡ଼ି ସତସଙ୍ଗର ଆୟୋଜନ କରାଯାଇଥିବାରୁ ଉପସ୍ଥିତ ଅତିଥି ଓ ଗ୍ରାମବାସୀ ଏହାକୁ ସ୍ୱାଗତ କରିଥିଲେ।

ନକଲି ଆରଟିଓକୁ ଗିରଫ କଲା ପୁଲିସ,ଷ୍ଟାମ୍ପ ଓ ଷ୍ଟାମ୍ପ ପେପର ଜବତ

ଜଳେଶ୍ୱର,୩/୧୧(ନି.ସୂ):ଜଳେଶ୍ୱର ପୁଲିସ ୧୬ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଅଞ୍ଚଳରେ ଏକ ଦୋକାନ ଘର ଉପରେ ଚଢ଼ାଉ କରି ପୁଲିସ ଜଣେ ନକଲି ଆରଟିଓ କୁ ଗିରଫ କରିବା ସହ ନକଲି ଷ୍ଟାମ୍ପ ଓ ଷ୍ଟାମ୍ପ ପେପର ଜବତ୍ କରିଛି।ଗିରଫ୍ ଅଭିଯୁକ୍ତ ଜଣକ ହେଉଛି ଜଳେଶ୍ୱର ଥାନା ଗୋବରଘାଟା ଗାଁର ବିଜୟ ମହାନ୍ତି (୩୩)।ବିଜୟ ନିଜକୁ ପଶ୍ଚିମବଙ୍ଗ ସରକାରଙ୍କ ଆରଟିଓ ବୋଲି ପରିଚୟ ଦେଇ ଗାଡ଼ି ଚାଳକଙ୍କୁ ପରିବହନ ସମ୍ପର୍କୀୟ ନକଲି କାଗଜପତ୍ର ଯୋଗାଉଥିଲା। ଓଡିଶା, ପଶ୍ଚିମବଙ୍ଗ ସମେତ ଅନ୍ୟ ରାଜ୍ୟରେ ସେହି ସବୁ ନକଲି କାଗଜପତ୍ର ବଦଳରେ ବେଆଇନ ଭାବେ ମାଲବାହୀ ଯାନ ଯାତାୟତ କରୁଥିବା ବେଳେ ସରକାରୀ ରାଜସ୍ୱ ହାନି ହେଉଥିଲା।ଏସମ୍ପର୍କରେ ଜଳେଶ୍ୱର ପୁଲିସ୍ କୁ ଗୋପନୀୟ ସୂଚନା ମିଳିବା ପରେ ଆଜି ଭୋର ସମୟରେ ଜଳେଶ୍ୱର ଥାନା ଏସଆଇ ଆଶୁତୋଷ ଜେନା ଫୋର୍ସ ସହ ଏହି ନକଲି କାଗଜପତ୍ର ପ୍ରସ୍ତୁତ ହେଉଥିବା ଏକ ଦୋକାନ ଘର ଉପରେ ଚଢ଼ାଉ କରିଥିଲେ।ଚଢ଼ାଉ ସମୟରେ ଆରଟିଓ ନ ନକଲି କାଗଜପତ୍ର ସହ ବିଜୟ କୁ? ଗିରଫ୍ କରାଯାଇଥିଲା।ବିଜୟ ପାଖରୁ ନଗଦ ୧୭ ଶହ ଟଙ୍କା ମୋବାଇଲ ଓ ଏକ ବାଇକ୍ ମଧ୍ୟ ଜବତ୍ ହୋଇଛି।ଏସଆଇ ଶ୍ରୀ ଜେନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ୬୪୬/୨୬ ନମ୍ବରର ମାମଲା ରୁଜୁ ହୋଇଛି। ଏସଆଇ ପ୍ରିତମ ମିଶ୍ର ମାମଲାର ତଦନ୍ତ ଭାର ନେଇଥିବା ବେଳେ ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ତଦନ୍ତ କରାଯାଉଛି।ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ଜାମିନ ନାମଞ୍ଜୁର ହୋଇଯିବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।ପ୍ରକାଶଯୋଗ୍ୟ ଯେ ଏହା ପୂର୍ବରୁ ଗତ ଅକ୍ଟୋବର ମାସ ୧ ତାରିଖରେ ମଧ୍ୟ ଅନୁରୂପ ଭାବେ ଜଳେଶ୍ୱର ପୁଲିସ୍ ସେହି ୧୬ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ସନ୍ନିକଟ ଏକ ଘର ଉପରେ ଚଢ଼ାଉ କରି ଓଡିଶା ଓ ପଶ୍ଚିମବଙ୍ଗର ସରକାରଙ୍କ ପରିବହନ ବିଭାଗର ଜାଲ କାଗଜପତ୍ର ପ୍ରସ୍ତୁତ କରି ଯୋଗାଉଥିବା ଝାରଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଜିଲ୍ଲା ବାରଶୋଳ ଥାନା ନନ୍ଦଡିହା ଗ୍ରାମର ଜଣେ ୨୭ ବର୍ଷିୟ ଯୁବକଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା।ଚଢ଼ାଉ ସମୟରେ ଉପରୋକ୍ତ ଦୁଇ ରାଜ୍ୟର ପରିବହନ ବିଭାଗର ଜାଲ ଷ୍ଟାମ୍ପ ଓ ସିଲ୍,କମ୍ପୁଟର ପ୍ରିଣ୍ଟର ଓ ଅନ୍ୟ ଯନ୍ତ୍ରାଂଶ,ପଶ୍ଚିମବଙ୍ଗ ସରକାର ର ଆରଟିଓ ଙ୍କ ଜାଲ ଫାଇନ ରସିଦ୍,ଜାଲ ନୋଟାରୀ ସିଲ୍, ମୋବାଇଲ ଫୋନ୍ ଓ ବାଇକ ଜବତ୍ ହୋଇଛି।ଏନେଇ ୫୮୫ ନମ୍ବରର ମାମଲା ରୁଜୁ ହୋଇଥିଲା।

ବାରିପଦା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ-୨୦୭ଟି ଅଭିଯୋଗର ସମାଧାନ


ବାରିପଦା,(ନି.ସୂ):ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୦୭ଟି ଅଭିଯୋଗର ଶୁଣାଣି କରାଯାଇଛି। ଏଥିରେ ୧୭୧ ଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୩୫ଟି ଗ୍ରାମ୍ୟ ସମସ୍ୟା ଆଧାରିତ ଅଭିଯୋଗ ହୋଇଛି । ଏହାସହ ୧୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ୩ ଜଣଙ୍କୁ ରେଡକ୍ରସ୍ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ସଏ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।



ଭାରତୀୟ ଜ୍ଞାନ ପରମ୍ପରା ଓ ଛାତ୍ର ଜୀବନର ଆଦର୍ଶ ଉପରେ ଆଲୋଚନା

ଛାତ୍ର ଜୀବନରେ ଶିକ୍ଷା, ସଂସ୍କାର ଓ କର୍ତ୍ତବ୍ୟବୋଧର ଗୁରୁତ୍ୱ ଅଧିକ

ଖୋରଧା,୩/୧୧(ନି.ସୂ): ଖୋରଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ୍), ଖୋରଧା ପକ୍ଷରୁ ଡିଏଲ୍‌ଏଡ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆୟୋଜିତ ସପ୍ତାହବ୍ୟାପୀ ପ୍ରବେଶିକା କାର୍ଯ୍ୟକ୍ରମ 'ଦୀକ୍ଷାରମ୍ଭ'ର ଦ୍ୱିତୀୟ ଦିବସରେ ଜାତୀୟ ଶିକ୍ଷାନୀତି, ଭାରତୀୟ ଜ୍ଞାନ ପରମ୍ପରା ଓ ଛାତ୍ର ଜୀବନର ଆଦର୍ଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ସାମାଜିକ କର୍ମୀ ତଥା ଖବରଦାତା ପ୍ରଭାତ ପାଣିଗ୍ରାହୀ ଜାତୀୟ ଶିକ୍ଷାନୀତିରେ ଭାରତୀୟ ଜ୍ଞାନ ପରମ୍ପରା, ମାତୃଭାଷା, ସଂସ୍କୃତି, ନୈତିକ ମୂଲ୍ୟବୋଧ ଓ ସୃଜନଶୀଳତାକୁ ଗୁରୁତ୍ୱ ଦିଆଯାଇଥିବାରୁ ଏହାକୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ, ପ୍ରାଚୀନ ଭାରତୀୟ ସଂସ୍କୃତି ଓ ଗୁରୁକୁଳ ପରମ୍ପରାରେ ଛାତ୍ର ଜୀବନକୁ ମଣିଷ ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଭାବେ ବିବେଚନା କରାଯାଇଛି। ବିଦ୍ୟା ଅର୍ଜନ, ଗୁରୁଜନଙ୍କ ପ୍ରତି ସମ୍ମାନ, ଅନୁଶାସନ, ନମ୍ରତା ଓ ଉତ୍ତମ ଚରିତ୍ର ଗଠନ ଜଣେ ଆଦର୍ଶ ଛାତ୍ରର ପ୍ରମୁଖ କର୍ତ୍ତବ୍ୟ। ଆଳସ୍ୟ ପରିତ୍ୟାଗ କରି ସମୟର ସଦୁପଯୋଗ ସହ ଜ୍ଞାନ ଓ ନୈତିକ ମୂଲ୍ୟବୋଧକୁ ଜୀବନରେ ଆପଣାଇବା ଆବଶ୍ୟକ।ସେ ଆହୁରି କହିଥିଲେ ଯେ, ଭାରତୀୟ ସଂସ୍କୃତିରେ ଶିକ୍ଷାର ଅର୍ଥ କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା କିମ୍ବା ଡିଗ୍ରୀ ହାସଲ କରିବା ନୁହେଁ; ବରଂ ଜଣେ ଉତ୍ତମ ମଣିଷ ଓ ଦାୟିତ୍ୱବାନ ନାଗରିକ ଭାବେ ନିଜକୁ ଗଢ଼ିତୋଳିବା। 'ବିଦ୍ୟା ଦିଏ ବିନୟ, ବିନୟ ଦିଏ ଯୋଗ୍ୟତା ଓ ଯୋଗ୍ୟତା ଦିଏ ସଫଳତା' ଉକ୍ତିକୁ ଉଦ୍ଧାର କରି ସେ କହିଥିଲେ ଯେ, ଶିକ୍ଷା ସହିତ ସଂସ୍କାର ଏବଂ ଜ୍ଞାନ ସହିତ ଚରିତ୍ର ଗଠନ ହିଁ ଜଣେ ବିଦ୍ୟାର୍ଥୀଙ୍କ ପ୍ରକୃତ ଦୀକ୍ଷା। 'ଦୀକ୍ଷାରମ୍ଭ' କେବଳ ଏକ ପ୍ରବେଶିକା କାର୍ଯ୍ୟକ୍ରମ ନୁହେଁ, ବରଂ ଛାତ୍ର ଜୀବନରେ ଶିକ୍ଷା, ସଂସ୍କାର ଓ କର୍ତ୍ତବ୍ୟବୋଧର ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ। ଆମର ଅତୀତ ଆମର ଗୌରବ, ଐତିହ୍ୟ ଆମର ପରିଚୟ ଏବଂ ଜ୍ଞାନ ଆମର ଭବିଷ୍ୟତ ବୋଲି ସେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଡାଏଟ୍?ର ଅଧ୍ୟକ୍ଷ ଡ. ତାପସ ନାୟକ ଅଧ୍ୟକ୍ଷତା କରି ଭାରତୀୟ ଜ୍ଞାନ ଓ ବିଜ୍ଞାନ ପରମ୍ପରାର ଗୌରବମୟ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବିଶ୍ୱର ଗଣିତ ଓ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଭାରତର ଅବଦାନ ଅତୁଳନୀୟ। ପ୍ରାଚୀନ ଭାରତୀୟ ଗଣିତଜ୍ଞ ଆର୍ଯ୍ୟଭଟ୍ଟଙ୍କ ଅବଦାନ ଆଜି ମଧ୍ୟ ସ୍ମରଣୀୟ। ଶୂନ୍ୟର ଧାରଣା ଏବଂ ସ୍ଥାନମାନ ଭିତ୍ତିକ ଦଶମିକ ସଂଖ୍ୟା ପଦ୍ଧତିର ବିକାଶ ମାନବ ସଭ୍ୟତାକୁ ଏକ ନୂତନ ଦିଗଦର୍ଶନ ଦେଇଥିଲା। ବାବିଲୋନୀୟ, ଚୀନ, ମାୟା ଓ ରୋମାନ୍ ସଭ୍ୟତାର ନିଜସ୍ୱ ସଂଖ୍ୟା ପଦ୍ଧତି ଥିବାବେଳେ ଭାରତୀୟ ଦଶମିକ ପଦ୍ଧତି ଆଜି ବିଶ୍ୱବ୍ୟାପୀ ବ୍ୟବହୃତ ହେଉଛି। ସେହିପରି ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଆପେକ୍ଷିକତା ତତ୍ତ୍ୱ ଆଧୁନିକ ବିଜ୍ଞାନକୁ ଏକ ନୂତନ ଦିଗ ଦେଇଛି। ବିଭିନ୍ନ ଯୁଗର ମହାନ ଚିନ୍ତାନାୟକ ଓ ବୈଜ୍ଞାନିକଙ୍କ ଅବଦାନ ମାନବ ସଭ୍ୟତାକୁ ସମୃଦ୍ଧ କରିଛି। ଏହି ଗୌରବମୟ ଜ୍ଞାନ ପରମ୍ପରା ସହ ନୂତନ ପିଢ଼ିକୁ ପରିଚିତ କରାଇବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।ଶିକ୍ଷକ ପ୍ରଶିକ୍ଷିକା ଶ୍ରୀମତୀ ବୀଣାପାଣି ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ ଯେ, ସପ୍ତାହବ୍ୟାପୀ 'ଦୀକ୍ଷାରମ୍ଭ' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ର-ଶିକ୍ଷକମାନଙ୍କ ମଧ୍ୟରେ ଅନୁଷ୍ଠାନ ପ୍ରତି ଆତ୍ମୀୟତା ଓ ଆପଣାପଣର ଭାବ ସୃଷ୍ଟି କରିବା ସହ ଶିକ୍ଷକ ଶିକ୍ଷାର ମୂଳ ଆଦର୍ଶ ଓ ପରମ୍ପରା ସହ ସେମାନଙ୍କୁ ପରିଚିତ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ଆଗାମୀ ଶୈକ୍ଷିକ ଓ ବୃତ୍ତିଗତ ଜୀବନ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ଉପରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଉଛି।ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ମୋନାଲିସା ପଣ୍ଡା, ରଶ୍ମିରେଖା ସ୍ୱାଇଁ, ଦୀପ୍ତିପ୍ରଭା ଦାଶ, ଶୁଭଲକ୍ଷ୍ମୀ ପରିଡ଼ା, ଡ. ଆୟେଶା ତନ୍ୱୀର, ଶୁଭସ୍ମିତା ଦାଶ ଓ ଡ. ମଞ୍ଜୁଲତା ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ସୁବର୍ଣ୍ଣପୁର,୦୩।୧୦(ନି.ସୂ):ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପି ଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଦେବାଶିଷ ସିଂ, ସମ୍ମାନିତ ଅତିଥି ରୂପେ ବିଜଓ ଡୁଙ୍ଗୁରିପାଲି ଗଣେଶ କିଶାନ, ଭାଜପା ନେତା ବେଣୁଧର ଦାଶ, ସାଂସଦ ପ୍ରତିନିଧି ସାନନ୍ଦ କୁମାର ମେହେର ଯୋଗଦେଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ବିଇଓ ଉଲୁଣ୍ଡା ଅଜୟ କୁମାର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବର୍ଣ୍ଣାଢ଼୍ୟ ସମାରୋହରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ? ଘନଶ୍ୟାମ ମେହେର ସଭାପତି, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଅଶ୍ୱିନୀ କୁମାରଙ୍କୁ ମେହେର ମୁଖ୍ୟ ଅତିଥି, ସମ୍ମାନନୀୟ ଅତିଥି ଭାବେ ଗୋରେଖନାଥ ସାହୁ ବରିଷ୍ଠ ସାମ୍ବାଦିକ, ପୁରାତନ ଛାତ୍ର ସଂସଦ, ବିଇଓ ବିନିକା ଲକ୍ଷ୍ମଣ ମିଶ୍ର, ବିଇଓ ବୀର ମହାରାଜପୁର ଅଭିଷେକ ଭୁଏ ଓ ବିଇଓ ଉଲୁଣ୍ଡା ଅଜୟ କୁମାର ଲୁହା ମଞ୍ଚାସୀନ ଥିଲେ।

ଉତ୍କଳ ସାହିତ୍ୟ ସମାଜର ବନ୍ଧୁମିଳନ ଓ ଆଲୋଚନା ଚକ୍ର

ବାରିପଦା ,୩/୧୧,ଅବିନାଶ ମହାନ୍ତି (ନି.ସୂ):ଓଡ଼ିଶାର ସର୍ବପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ମୟୂରଭଞ୍ଜ ଶାଖା ପକ୍ଷରୁ ଏକ ବନ୍ଧୁ ମିଳନ ଓ ଆଲୋଚନା ଚକ୍ର ବାରିପଦା ପୂଜ୍ୟପୂଜା ଭବନରେ ଅନୁଷ୍ଠିତ ହୋଇଯାଇଛି। ମେଜର ଡକ୍ଟର ରବୀନ୍ଦ୍ରନାଥ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ମୁଖ୍ୟ ଅତିଥି ,ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ନରସିଂହ ବାରିକ,ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାମଲ, ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରା ଯୋଗଦାନ କରି ସାହିତ୍ୟ ସମାଜର ଲକ୍ଷ୍ୟ, ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ । ବୈଠକରେ କବିୟତ୍ରୀ ମିନତି ସିଂହଙ୍କୁ ମୟୂରଭଞ୍ଜ ଶାଖାର ଆବାହିକା ଏବଂ ସଂଯୋଜିକା ଭାବେ ଭାସ୍ୱତୀ ବାରିକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏହି ସଭାରେ ଉତ୍କଳ ସାହିତ୍ୟ ସମାଜ କଟକର ଉପସଭାପତି ଡକ୍ଟର ରମାକାନ୍ତ ସିଂହ ଉପସ୍ଥିତ ଥିବା ବେଳେ, ଉପେନ୍ଦ୍ରନାଥ ବେହେରା, ସୋନାଲି ବାରିକ,ରଶ୍ମିତା ସାହୁ, ରାଜେଶ କୁମାର ବାରିକ,ସର୍ବେଶ୍ୱର ବାରିକ, ମଞ୍ଜୁବାଳା ସିଂ,ପୂର୍ଣ୍ଣିମା ଦାସ, ପୁଷ୍ପାଞ୍ଜଳି ବେହେରା, ସତ୍ୟବ୍ରତ ମହାନ୍ତ, ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦାନ କରିଥିଲେ।




ଜିଲ୍ଲା କୋର୍ଟ କର୍ମଚାରୀଙ୍କ ଘରୁ ଚୋରୀ



ରାଜନଗର,୩।୧୧(ନି.ସୂ): ରାଜନଗର ବ୍ଲକ ସାନବଡଗୋପାଳପୁର ପଂଚାୟତ ଜଗନ୍ନାଥପୁର ଗ୍ରାମର ଅଭୟକୁମାର ବଳଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଚଳିତ ମାସ ୧ତାରିଖ ରବିବାର ବିଳମ୍ବିତ ରାତିରେ ଦୁର୍ବୃତମାନେ ଚୋରୀ କରିଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି । ଶ୍ରୀ ବଳଙ୍କ ଅଭିଯୋଗ ମୁତାବକ, ସେ ଜିଲ୍ଲା କୋର୍ଟରେ ପ୍ରୋସେସର ଭାବେ କାର୍ଯ୍ୟ କରୁଥିବାରୁ ସପରିବାରେ ସରକାରଙ୍କ ପକ୍ଷରୁ ମିଳିଥିବା କ୍ୱାର୍ଟର କେନ୍ଦ୍ରାପଡାରେ ରହୁଛନ୍ତି । କେହି ନଥିବାର ସୁଯୋଗ ନେଇ ଦୁର୍ବୃତମାନେ ଗ୍ରୀଲ ଗେଟ ତାଲା ଭାଙ୍ଗି ଭିତରକୁ ପଶି କବାଟ ତାଲା ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ । ଗଡରେଜ ତାଡି ତହିଁରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଚେନ, ସୁନା ମୁଦି, ସୁନା ବାହୁଟି ହଳେ ଓ ନଗଦ ୩୦ହଜାର ଟଙ୍କା ଲୁଟି ନେଇ ଯାଇଛନ୍ତି । ସେ କେନ୍ଦ୍ରାପଡାରେ ଥିବାରୁ ପଡୋଶୀଙ୍କଠାରୁ ଖବର ପାଇ ଆସି ଚୋରୀ ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ୩୧୯/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ।





ନିର୍ଭୟ ସୂଚନା

ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ
ନମ୍ରତାରୁ ମାନ ମିଳିଥାଏ
ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ
ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ
ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।

ଏନ୍‌ସିପିରେ କ୍ଷମତା ଲଢ଼େଇ

ମହାରାଷ୍ଟ୍ରରେ ଏନ୍‌ସିପିରେ ଆଭ୍ୟନ୍ତରୀଣ କନ୍ଦଳ ଓ କ୍ଷମତା ଲଢ଼େଇ ଆରମ୍ଭ ହୋଇଛି । ଦଳର ମୁଖ୍ୟ ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ମଙ୍ଗଳବାର ସନ୍ଧ୍ୟାରେ ମୁମ୍ବାଇର ଦେବଗିରି ବାସଭବନରେ ଜରୁରି ବୈଠକ ଡାକିଥିଲେ । ଦୀର୍ଘ ୪ ମାସ ପରେ ଏହି ବୈଠକ ହୋଇଛି । ସୁନେତ୍ରାଙ୍କ ନେତୃତ୍ୱ ଓ ଦଳର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିବା ପରେ ଏଭଳି ବୈଠକ ଡକାଯାଇଛି । ସେପଟେ ସୁନେତ୍ରାଙ୍କ ବିନା ଏନ୍‌ସିପିର କିଛି ନେତା ରବିବାର ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିବା ପରେ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି ।

ଏନ୍‌ସିପିର ଜାତୀୟ ସାଧାରଣ ସମ୍ପାଦକ ପ୍ରଫୁଲ ପଟେଲ, ମହାରାଷ୍ଟ୍ର ଶାଖା ସଭାପତି ସୁନୀଲ ତଟକରେ, ବରିଷ୍ଠ ନେତା ଦିଲ୍ଲୀପ ୱଲସେ ପାଟିଲ, ହାସନ ମୁସରିଫ୍, ଛଗନ ଭୁଜବଳ ଓ ଧନଞ୍ଜୟ ମୁଣ୍ଡେ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଶାହଙ୍କୁ ଭେଟିଥିଲେ । କୁହାଯାଉଛି ଯେ ଏନ୍‌ସିପିର ଦୁଇଗୋଷ୍ଠୀ ମଧ୍ୟରେ ମିଶ୍ରଣ ଉଦ୍ଦେଶ୍ୟରେ ସେମାନେ ଶାହଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ତେବେ ସେମାନଙ୍କ ସହ ସୁନେତ୍ରା କିମ୍ବା ତାଙ୍କର ଦୁଇପୁଅ ପାର୍ଥ ପାୱାର ଓ ଜୟ ପାୱାରଙ୍କୁ ସାଥୀରେ ନେଇ ନଥିଲେ । ଯାହାକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଛି । କୁହାଯାଉଛି କି ସୁନେତ୍ରାଙ୍କ ବିନା ସମର୍ଥନରେ ସେମାନେ ଦିଲ୍ଲୀ ଯାଇ ଶାହଙ୍କ ସହ ଆଲୋଚନା କରିଛନ୍ତି । ସେମାନେ ମୁମ୍ବାଇ ଫେରିବା ପରେ ଭୁଜବଳଙ୍କ ବାସଭବନରେ ଏକାଠି ହୋଇଥିଲେ । ସେଠାରେ ପରସ୍ପର ଭିତରେ ରୁଦ୍ଧଦ୍ୱାର ଆଲୋଚନା କରିଛନ୍ତି । ଦିଲ୍ଲୀପ ପାଟିଲ କହିଥିଲେ ଯେ ଦଳର କୋଗ୍ରୁପ ସଦସ୍ୟ ଭାବେ ସେମାନେ ବୈଠକ କରିଛନ୍ତି । ସେମାନେ ସୁନେତ୍ରାଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବେ । ଅନ୍ୟପକ୍ଷରେ ଦିଲ୍ଲୀରେ ଶାହଙ୍କ ସହ ସାକ୍ଷାତ ବେଳେ ସୁନେତ୍ରା ଓ ତାଙ୍କ ପୁଅଙ୍କୁ ଦୂରେଇ ରଖାଯିବା ଖବରକୁ ଖଣ୍ଡନ କରିଛନ୍ତି ଦଳର ମୁଖପାତ୍ର ଉମେଶ ପାଟିଲ୍ ।

ଏଥିସହିତ ଏନସିପିରେ ବିବାଦ ଏବଂ ବିଦ୍ରୋହ ଖବରକୁ ଅସ୍ୱୀକାର କରିଛନ୍ତି । କହିଛନ୍ତି ଏହିଭଳି ଖବର ମିଥ୍ୟା, ଆଧାରହୀନ ଓ ବିଭ୍ରାନ୍ତିକର । ଦଳର ମୁଖ୍ୟ ଅଜିତ୍ ପାୱାରଙ୍କ ମୃତ୍ୟୁ ପରେ ସୁନେତ୍ରା ଏବଂ ତାଙ୍କ ପୁଅ ପାର୍ଥ ନୂଆଦିଲ୍ଲୀ ଯାଇ ଶାହଙ୍କୁ ଭେଟିଥିଲେ । ସେମାନେ ଦଳ ଓ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେହି ସାକ୍ଷାତ ବେଳେ ସୁନେତ୍ରା ଜଣାଇଥିଲେ କି ତାଙ୍କ ଦଳର କିଛି ବରିଷ୍ଠ ସଦସ୍ୟ ଭେଟିବାକୁ ଚାହୁଁଛନ୍ତି । ଏଥିପାଇଁ ସେ ଶାହଙ୍କ ସମ୍ମତି ଲୋଡିଥିଲେ । ତେଣୁ ରବିବାର ନୂଆଦିଲ୍ଲୀରେ ହୋଇଥିଲା ଆଲୋଚନା ପୂର୍ବ ଯୋଜନା ଥିଲା । ଦଳର ସଦସ୍ୟମାନେ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ସମ୍ପର୍କରେ ଶାହଙ୍କୁ ଜଣାଇଥିଲେ । ବର୍ତ୍ତମାନ ସୁନେତ୍ରାଙ୍କ ନେତୃତ୍ୱରେ ଦଳ ଏକାଠି ରହିଛି ଏବଂ ମହାୟୁତି ସରକାରରେ ସାମିଲ ଅଛି । ଆଗକୁ ମଧ୍ୟ ଦଳ ମହାୟୁତିର ଅଂଶ ହୋଇ ରହିବ ବୋଲି ସେ କହିଛନ୍ତି ।

ଆଇନ ଆଗରେ କ୍ଷମତା ନତମସ୍ତକ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଓଡ଼ିଶାର ଗ୍ରାମାଞ୍ଚଳରେ ଗଣତନ୍ତ୍ରର ପ୍ରକୃତ ଶକ୍ତି ନିହିତ ରହିଛି ଗ୍ରାମସଭା, ଗ୍ରାମପଞ୍ଚାୟତ ଏବଂ ଜନସାଧାରଣଙ୍କ ପ୍ରତ୍ୟକ୍ଷ ମତାମତରେ। ଗଣତନ୍ତ୍ର କେବଳ ନିର୍ବାଚନରେ ଭୋଟ ଦେବା, ଜନପ୍ରତିନିଧି ବାଛିବା କିମ୍ବା କ୍ଷମତା ହସ୍ତାନ୍ତର କରିବାର ଏକ ବ୍ୟବସ୍ଥା ନୁହେଁ; ଏହା ହେଉଛି ଜନମତର ସମ୍ମାନ, ଆଇନର ଶାସନ, ନ୍ୟାୟର ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ ଅଧିକାର ପ୍ରତି ଅବିଚଳ ଆନୁଗତ୍ୟର ଏକ ସାମ୍ବିଧାନିକ ପ୍ରତିଶ୍ରୁତି। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ପ୍ରକ୍ରିୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଅବୈଧ ଘୋଷଣା କରିଥିବା ଘଟଣା ଏହି ମୌଳିକ ଗଣତାନ୍ତ୍ରିକ ଆଦର୍ଶକୁ ପୁନର୍ବାର ଆଲୋଚନାର କେନ୍ଦ୍ରକୁ ଆଣିଛି। ଏହି ଘଟଣାକୁ କେବଳ ଜଣେ ସରପଞ୍ଚଙ୍କ ପଦବି ସହିତ ଜଡ଼ିତ ବିବାଦ ଭାବେ ଦେଖିଲେ ଏହାର ବ୍ୟାପକ ତାତ୍ପର୍ଯ୍ୟ ଅନୁଭବ କରିହେବ ନାହିଁ। ଏହା ଆମକୁ ମନେ ପକାଇଦିଏ ଯେ ଗ୍ରାମପଞ୍ଚାୟତରୁ ଆରମ୍ଭ କରି ଦେଶର ସର୍ବୋଚ୍ଚ ଶାସନ ବ୍ୟବସ୍ଥା ପର୍ଯ୍ୟନ୍ତ ପ୍ରତ୍ୟେକ ସାମ୍ବିଧାନିକ ଓ ଆଇନଗତ ପ୍ରକ୍ରିୟାର ମୂଳରେ ନ୍ୟାୟ, ନିୟମ ଓ ନିରପେକ୍ଷତା ରହିବା ଆବଶ୍ୟକ। ଜଣେ ସରପଞ୍ଚ ନିର୍ବାଚିତ ହୁଅନ୍ତି ଜନସାଧାରଣଙ୍କ ମତଦାନରେ। ତାଙ୍କ ପଦବି ଜନମତରୁ ଉତ୍ପନ୍ନ ହୁଏ ଏବଂ ତାହାର ପରିଚାଳନା ଆଇନ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ହେବା ଉଚିତ।

ଜନପ୍ରତିନିଧିଙ୍କ କାର୍ଯ୍ୟକଳାପ ପ୍ରତି ଅସନ୍ତୋଷ ପ୍ରକାଶ କରିବା, ତାଙ୍କୁ ପ୍ରଶ୍ନ କରିବା ଏବଂ ଆଇନସମ୍ମତ ଉପାୟରେ ଅନାସ୍ଥା ପ୍ରସ୍ତାବ ଆଣିବା ନିଶ୍ଚିତ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅଂଶ। କିନ୍ତୁ ଏହି ଅଧିକାରର ପ୍ରୟୋଗ ନିର୍ଦ୍ଧାରିତ ଆଇନ ଓ ପ୍ରକ୍ରିୟାର ସୀମା ମଧ୍ୟରେ ହେବା ଆବଶ୍ୟକ। ଅନାସ୍ଥା ପ୍ରସ୍ତାବ କୌଣସି ବ୍ୟକ୍ତିଗତ ପ୍ରତିଶୋଧର ଅସ୍ତ୍ର ନୁହେଁ, କୌଣସି ଗୋଷ୍ଠୀର ରାଜନୈତିକ ପ୍ରଭାବ ପ୍ରଦର୍ଶନର ମାଧ୍ୟମ ମଧ୍ୟ ନୁହେଁ। ଏହା ଏକ ଆଇନସମ୍ମତ ଗଣତାନ୍ତ୍ରିକ ପଦ୍ଧତି, ଯାହାର ପ୍ରତ୍ୟେକ ପଦକ୍ଷେପ ବିଧି ଅନୁଯାୟୀ ସମ୍ପନ୍ନ ହେବା ଦରକାର। ଚାମେଲି ଓଝାଙ୍କ ମାମଲାରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ପ୍ରକ୍ରିୟାର ବୈଧତା ନେଇ ଉଠିଥିବା ପ୍ରଶ୍ନ ଏହି କାରଣରୁ ଗୁରୁତ୍ୱ ବହନ କରୁଛି। ଉପଲବ୍ଧ ବିବରଣୀ ଅନୁଯାୟୀ, ପ୍ରସ୍ତାବ ସମ୍ପର୍କିତ ଆବଶ୍ୟକ ଦସ୍ତାବିଜ, ନୋଟିସ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାର ପାଳନକୁ ନେଇ ବିବାଦ ଉପୁଜିଥିଲା। ଏପରି ପରିସ୍ଥିତିରେ ମୁଖ୍ୟ ପ୍ରଶ୍ନ ହେଉଛି, ଆଇନ ଯେଉଁ ସର୍ତ୍ତ ଓ ପଦ୍ଧତି ନିର୍ଦ୍ଧାରଣ କରିଛି, ତାହା ପାଳନ ନକରି କୌଣସି ଜନପ୍ରତିନିଧିଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରିବ କି? ଆଇନର ଉତ୍ତର ସ୍ପଷ୍ଟ ଯେଉଁଠାରେ ବିଧି ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ ବାଧ୍ୟତାମୂଳକ, ସେଠାରେ ତାହାକୁ ଅଣଦେଖା କରିବାର ସ୍ୱାଧୀନତା କାହାରି ନାହିଁ। ପ୍ରସ୍ତାବକୁ ସମର୍ଥନ କରୁଥିବା ସଦସ୍ୟଙ୍କ ସଂଖ୍ୟା ଯେତେ ଅଧିକ ହେଉନା କାହିଁକି, ଆବଶ୍ୟକ ଆଇନଗତ ପ୍ରକ୍ରିୟାର ଗୁରୁତର ତ୍ରୁଟିକୁ କେବଳ ସଂଖ୍ୟାଗତ ସମର୍ଥନ ଦ୍ୱାରା ବୈଧ କରାଯାଇପାରିବ ନାହିଁ। ଏଠାରେ ଗୋଟିଏ ମୌଳିକ ପାର୍ଥକ୍ୟ ବୁଝିବା ଦରକାର। ସଂଖ୍ୟାଗରିଷ୍ଠତା ଗଣତନ୍ତ୍ରର ଏକ ମହତ୍ତ୍ୱପୂର୍ଣ୍ଣ ନୀତି, କିନ୍ତୁ ଆଇନର ଶାସନ ହେଉଛି ସେହି ନୀତିର ନିୟନ୍ତ୍ରକ ସୀମା। ସଂଖ୍ୟାବଳ ନିଷ୍ପତ୍ତି ନେବାର ଅଧିକାର ଦେଇପାରେ, କିନ୍ତୁ ଆଇନ ଉଲ୍ଲଂଘନ କରିବାର ଅନୁମତି ଦେଇପାରେ ନାହିଁ।

ଏହି ତତ୍ତ୍ୱକୁ ଭୁଲିଗଲେ ଗଣତନ୍ତ୍ର ଜନସେବାର ମାଧ୍ୟମ ନହୋଇ ଗୋଷ୍ଠୀଗତ ପ୍ରଭୁତ୍ୱର ହାତିଆରରେ ପରିଣତ ହେବାର ଆଶଙ୍କା ରହିଥାଏ। ନ୍ୟାୟାଳୟର ହସ୍ତକ୍ଷେପର ମୂଳ ମହତ୍ତ୍ୱ ଏହିଠାରେ ନିହିତ। ନ୍ୟାୟାଳୟ କୌଣସି ଜନପ୍ରତିନିଧିଙ୍କୁ ଆଇନର ଊର୍ଦ୍ଧ୍ୱରେ ସ୍ଥାନ ଦିଏ ନାହିଁ; ବରଂ ତାଙ୍କ ସମେତ ସମସ୍ତଙ୍କୁ ଆଇନର ଅଧୀନରେ ରଖିବାର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରେ। ଅନାସ୍ଥା ପ୍ରସ୍ତାବ ଆଣିବାର ଅଧିକାର ଯେପରି ସଦସ୍ୟମାନଙ୍କର ରହିଛି, ସେହିପରି ଆଇନସମ୍ମତ ପ୍ରକ୍ରିୟା ପାଇବାର ଅଧିକାର ସମ୍ପୃକ୍ତ ଜନପ୍ରତିନିଧିଙ୍କର ମଧ୍ୟ ରହିଛି। ତେଣୁ ନିୟମ ପାଳନ କରିବା ଦୁର୍ବଳତା ନୁହେଁ, ଏହା ହେଉଛି ସୁଶାସନର ପ୍ରଥମ ସର୍ତ୍ତ। ଏହି ଘଟଣାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମହିଳା ନେତୃତ୍ୱର ମର୍ଯ୍ୟାଦା। ପଞ୍ଚାୟତ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ଦ୍ୱାରା ରାଜନୈତିକ ଅଂଶଗ୍ରହଣର ସୁଯୋଗ ବଢ଼ିଛି। ଅନେକ ମହିଳା ଆଜି ନିଜ ଗ୍ରାମର ଉନ୍ନତି, ଶିକ୍ଷା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟ ପାଇଁ ଦାୟିତ୍ୱ ଗ୍ରହଣ କରୁଛନ୍ତି। ତଥାପି କେତେକ ସ୍ଥାନରେ ମହିଳା ଜନପ୍ରତିନିଧିଙ୍କ ସ୍ୱାଧୀନ ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ସାମାଜିକ ଓ ରାଜନୈତିକ ଚାପର ଅଭିଯୋଗ ଉଠୁଥାଏ। ଏହି ପରିପ୍ରେକ୍ଷୀରେ ଚାମେଲି ଓଝାଙ୍କ ମାମଲା ଏକ ବ୍ୟାପକ ପ୍ରଶ୍ନ ଉଠାଏ ଜଣେ ମହିଳା ସରପଞ୍ଚ ନିଜ ଦାୟିତ୍ୱ ନିର୍ବାହ କରିବାବେଳେ ଆଇନଗତ ଅଧିକାରର ସୁରକ୍ଷା ପାଇବା ପାଇଁ କେତେ ଦୂର ଲଢ଼ିବାକୁ ବାଧ୍ୟ ହେବେ? ଏହାର ଉତ୍ତର ହେଉଛି, କୌଣସି ମହିଳା ଜନପ୍ରତିନିଧିଙ୍କୁ ନିଜର ମର୍ଯ୍ୟାଦା ଓ ଆଇନଗତ ଅଧିକାର ସୁରକ୍ଷା ପାଇଁ ଅତିରିକ୍ତ ସଂଘର୍ଷ କରିବାକୁ ପଡ଼ିବା ଉଚିତ ନୁହେଁ। ତାଙ୍କ କାର୍ଯ୍ୟର ମୂଲ୍ୟାୟନ ହେଉ ତଥ୍ୟ, ନିୟମ ଓ ଜନସ୍ୱାର୍ଥର ଆଧାରରେ; ବ୍ୟକ୍ତିଗତ ବିରୋଧ, ଲିଙ୍ଗଗତ ପୂର୍ବାଗ୍ରହ କିମ୍ବା ଗୋଷ୍ଠୀଗତ ଚାପର ଆଧାରରେ ନୁହେଁ। ତେବେ ଏହା ମଧ୍ୟ ସମାନ ଭାବେ ସତ୍ୟ ଯେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରତ୍ୟେକ ଜନପ୍ରତିନିଧି ନିଜ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ। ଅଧିକାର ଓ ଉତ୍ତରଦାୟିତ୍ୱ ପରସ୍ପରର ପରିପୂରକ; ଗୋଟିଏକୁ ଅସ୍ୱୀକାର କରି ଅନ୍ୟଟିକୁ ସୁଦୃଢ଼ କରାଯାଇପାରିବ ନାହିଁ। ସେହିପରି ଏହି ଘଟଣାରୁ ପ୍ରଶାସନ ପାଇଁ ମଧ୍ୟ ଏକ ସ୍ପଷ୍ଟ ଶିକ୍ଷା ମିଳୁଛି। ସରକାରୀ କର୍ମଚାରୀଙ୍କ ଦାୟିତ୍ୱ କେବଳ କାଗଜପତ୍ର ପ୍ରସ୍ତୁତ କରିବା କିମ୍ବା ଉପରିସ୍ଥ ନିର୍ଦ୍ଦେଶ ପାଳନ କରିବାରେ ସୀମିତ ନୁହେଁ।

ଆଇନ ଅନୁଯାୟୀ ପ୍ରକ୍ରିୟା ସମ୍ପନ୍ନ ହେଉଛି କି ନାହିଁ, ସମସ୍ତ ପକ୍ଷ ଆବଶ୍ୟକ ସୂଚନା ପାଉଛନ୍ତି କି ନାହିଁ, ନିର୍ଦ୍ଧାରିତ ସମୟସୀମା ଓ ବିଧିଗତ ସର୍ତ୍ତ ପାଳନ ହେଉଛି କି ନାହିଁ ଏସବୁ ନିଶ୍ଚିତ କରିବା ମଧ୍ୟ ପ୍ରଶାସନର କର୍ତ୍ତବ୍ୟ। ନିୟମରେ ଅସ୍ପଷ୍ଟତା ଥିଲେ ତାହାର ସମାଧାନ କରିବା, ଅଭିଯୋଗ ଆସିଲେ ନିରପେକ୍ଷ ଭାବେ ଯାଞ୍ଚ କରିବା ଏବଂ କୌଣସି ପକ୍ଷ ଅନ୍ୟାୟର ଶିକାର ନହେବାକୁ ଦୃଷ୍ଟି ଦେବା ହେଉଛି ଉତ୍ତମ ପ୍ରଶାସନର ପରିଚୟ। ଏଥିରେ ଅବହେଳା ହେଲେ ଏକ ସ୍ଥାନୀୟ ବିବାଦ ଦୀର୍ଘ ଆଇନଗତ ଲଢ଼େଇରେ ପରିଣତ ହୁଏ, ସରକାରୀ ସମୟ ଓ ସମ୍ବଳ ବ୍ୟୟ ହୁଏ ଏବଂ ସାଧାରଣ ଲୋକଙ୍କ ମନରେ ପ୍ରଶାସନ ପ୍ରତି ଅବିଶ୍ୱାସ ଜନ୍ମ ନିଏ। ତେଣୁ ନ୍ୟାୟାଳୟର ରାୟ ପରେ ଆବଶ୍ୟକ ହେଉଛି ଆତ୍ମସମୀକ୍ଷା, ଦୋଷାରୋପର ରାଜନୀତି ନୁହେଁ। ଏହି ଘଟଣାରେ କାହାର ଉଦ୍ଦେଶ୍ୟ କ'ଣ ଥିଲା, କିଏ କାହାକୁ ରାଜନୈତିକ ଭାବେ ଚାପରେ ରଖିବାକୁ ଚାହୁଁଥିଲା, ତାହା ସମ୍ପର୍କରେ ପ୍ରମାଣ ବିନା ନିଷ୍କର୍ଷ ଦେବା ଉଚିତ ନୁହେଁ। କିନ୍ତୁ ଏକ କଥା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଆଇନଗତ ପ୍ରକ୍ରିୟାର ଉଲ୍ଲଂଘନ ଯେଉଁଠାରେ ପ୍ରମାଣିତ ହୁଏ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ ଓ ଭବିଷ୍ୟତରେ ତ୍ରୁଟିର ପୁନରାବୃତ୍ତି ରୋକିବା ଆବଶ୍ୟକ। ଗ୍ରାମପଞ୍ଚାୟତ ହେଉଛି ସାଧାରଣ ଲୋକଙ୍କ ଜୀବନ ସହିତ ସିଧାସଳଖ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏଠାରେ ଅନାବଶ୍ୟକ ବିବାଦ ଓ ପ୍ରକ୍ରିୟାଗତ ତ୍ରୁଟିର ପ୍ରଭାବ କେବଳ ନିର୍ବାଚିତ ପ୍ରତିନିଧିଙ୍କ ଉପରେ ପଡ଼େ ନାହିଁ; ଏହା ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ, ଲୋକଙ୍କ ସମସ୍ୟାର ସମାଧାନ ଏବଂ ସାମୂହିକ ଆସ୍ଥାକୁ ମଧ୍ୟ ପ୍ରଭାବିତ କରିପାରେ। ଯେଉଁ ସମୟରେ ଗ୍ରାମାଞ୍ଚଳରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ରାସ୍ତାଘାଟ ଓ ପରିମଳ ଭଳି ଅନେକ ସମସ୍ୟାର ସମାଧାନ ଆବଶ୍ୟକ, ସେହି ସମୟରେ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଆଇନସମ୍ମତ ସହଯୋଗ ଅତ୍ୟନ୍ତ ଜରୁରୀ। ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ମତଭେଦର ସମାଧାନ ହେବା ଉଚିତ ଆଲୋଚନା, ପ୍ରମାଣ, ନିୟମ ଓ ଆଇନଗତ ପଦ୍ଧତି ମାଧ୍ୟମରେ। ଗଣତନ୍ତ୍ରରେ ବିରୋଧୀ ମତକୁ ଶତ୍ରୁତା ଭାବେ ଦେଖିବା ଯେପରି ଅନୁଚିତ, ସେହିପରି ଜନପ୍ରତିନିଧିଙ୍କୁ ପ୍ରଶ୍ନ କରିବାର ଅଧିକାରକୁ ଦମନ କରିବା ମଧ୍ୟ ଅଗ୍ରହଣୀୟ। ଏକ ସୁସ୍ଥ ପଞ୍ଚାୟତ ବ୍ୟବସ୍ଥାରେ ଜନମତ, ସମାଲୋଚନା, ଉତ୍ତରଦାୟିତ୍ୱ ଓ ଆଇନର ଶାସନ ପରସ୍ପରକୁ ସୁଦୃଢ଼ କରିବା ଆବଶ୍ୟକ।

ଚାମେଲି ଓଝାଙ୍କ ମାମଲାରେ ଉଚ୍ଚନ୍ୟାୟାଳୟଙ୍କ ରାୟର ମହତ୍ତ୍ୱ ଏହି ବ୍ୟାପକ ଗଣତାନ୍ତ୍ରିକ ଶିକ୍ଷା ମଧ୍ୟରେ ରହିଛି। ନ୍ୟାୟାଳୟର ଦ୍ୱାର ଜଣେ ସାଧାରଣ ଗ୍ରାମୀଣ ଜନପ୍ରତିନିଧିଙ୍କ ପାଇଁ ମଧ୍ୟ ଖୋଲା ରହିଛିଏହା ଆଇନର ଶାସନ ପ୍ରତି ଆସ୍ଥାକୁ ଦୃଢ଼ କରେ। ତେବେ ନ୍ୟାୟାଳୟକୁ ଯିବା ପୂର୍ବରୁ ହିଁ ପ୍ରଶାସନିକ ସ୍ତରରେ ନିୟମର ସଠିକ୍ ପାଳନ ସୁନିଶ୍ଚିତ ହେବା ଆହୁରି ଉତ୍ତମ ବ୍ୟବସ୍ଥାର ଲକ୍ଷଣ। ନ୍ୟାୟ ପାଇବା ପାଇଁ ଦୀର୍ଘ ସଂଘର୍ଷ କରିବାକୁ ପଡ଼ିବା ଅପେକ୍ଷା, ଆରମ୍ଭରୁ ଅନ୍ୟାୟର ସମ୍ଭାବନାକୁ ରୋକିବା ଅଧିକ ଶ୍ରେୟସ୍କର।

ଏହି ଘଟଣା ଆମକୁ ଆଉ ଏକ ସତ୍ୟ ସ୍ମରଣ କରାଏ କ୍ଷମତା ସ୍ଥାୟୀ ନୁହେଁ, ପଦବି ଚିରସ୍ଥାୟୀ ନୁହେଁ, ରାଜନୈତିକ ସମୀକରଣ ମଧ୍ୟ ସମୟ ସହିତ ବଦଳିଯାଏ; କିନ୍ତୁ ଆଇନର ମୂଲ୍ୟବୋଧ ଓ ନ୍ୟାୟର ଆବଶ୍ୟକତା ସବୁ ସମୟରେ ସମାନ ରହିଥାଏ। ଗ୍ରାମର ଜଣେ ସରପଞ୍ଚଙ୍କ ମାମଲା ହେଉ କିମ୍ବା ବଡ଼ ପ୍ରଶାସନିକ ନିଷ୍ପତ୍ତି, ଆଇନର ମାପକାଠି ସମସ୍ତଙ୍କ ପାଇଁ ସମାନ ହେବା ଦରକାର। ନିୟମ ପାଳନ କରିବା ଦ୍ୱାରା ହିଁ ଗଣତନ୍ତ୍ରର ମୂଳଦୁଆ ସୁଦୃଢ଼ ହୁଏ ଏବଂ ଜନସାଧାରଣଙ୍କ ଆସ୍ଥା ଅକ୍ଷୁଣ୍ଣ ରହେ। ଟିକିରିର ଏହି ଘଟଣା ତେଣୁ କେବଳ ଏକ ଆଇନଗତ ବିବାଦର ଉପସଂହାର ନୁହେଁ; ଏହା ପ୍ରତ୍ୟେକ ପଞ୍ଚାୟତ, ପ୍ରତ୍ୟେକ ପ୍ରଶାସନିକ କାର୍ଯ୍ୟାଳୟ ଏବଂ ପ୍ରତ୍ୟେକ ଜନପ୍ରତିନିଧିଙ୍କ ପାଇଁ ଏକ ଆତ୍ମସମୀକ୍ଷାର ଅବସର। ଗଣତନ୍ତ୍ରର ପ୍ରକୃତ ବିଜୟ କେବଳ ଜଣେ ବ୍ୟକ୍ତି ପଦବିରେ ରହିବା କିମ୍ବା ଅନ୍ୟ ଜଣେ ପଦବି ହରାଇବାରେ ନାହିଁ; ଏହାର ପ୍ରକୃତ ବିଜୟ ହେଉଛି ନିଷ୍ପତ୍ତି ନିୟମ ଅନୁଯାୟୀ ହେବା, ଅଧିକାରର ସୁରକ୍ଷା ହେବା ଏବଂ ଜନସାଧାରଣଙ୍କ ଇଚ୍ଛାକୁ ସମ୍ମାନ ମିଳିବା। ଚାମେଲି ଓଝାଙ୍କ ମାମଲାରେ ଅନାସ୍ଥା ପ୍ରକ୍ରିୟାକୁ ଅବୈଧ ଘୋଷଣା କରିଥିବା ଉଚ୍ଚନ୍ୟାୟାଳୟଙ୍କ ରାୟ ଏହି ମୌଳିକ ସନ୍ଦେଶକୁ ଆହୁରି ସ୍ପଷ୍ଟ କରୁଛି ଗଣତନ୍ତ୍ରରେ ମତଭେଦ ଥାଇପାରେ, ସଂଖ୍ୟାବଳର ପରିବର୍ତ୍ତନ ହୋଇପାରେ, କିନ୍ତୁ ଆଇନକୁ ଅଣଦେଖା କରି କୌଣସି ପଦକ୍ଷେପ ନେବାର ଅଧିକାର କାହାରି ନାହିଁ। ଯେଉଁଠାରେ ନିୟମର ମର୍ଯ୍ୟାଦା ଅକ୍ଷୁଣ୍ଣ ରହେ, ସେଠାରେ ଜନମତ ସୁରକ୍ଷିତ ରହେ; ଯେଉଁଠାରେ ନ୍ୟାୟର ଦ୍ୱାର ଖୋଲା ରହେ, ସେଠାରେ ସାଧାରଣ ଲୋକଙ୍କ ଆସ୍ଥା ଜୀବନ୍ତ ରହେ। ଏହା ହିଁ ତୃଣମୂଳ ଗଣତନ୍ତ୍ରର ପ୍ରକୃତ ଶକ୍ତି, ଏହା ହିଁ ଆଇନର ଶାସନର ଅବିଚଳ ଭିତ୍ତି ଏବଂ ଏହା ହିଁ ଏକ ନ୍ୟାୟପୂର୍ଣ୍ଣ ଓ ଦାୟିତ୍ୱବାନ ଓଡ଼ିଶା ଗଠନର ଅପରିହାର୍ଯ୍ୟ ପଥ।

ଭୁବନେଶ୍ୱର
ମୋ: ୯୪୩୭୯୯୪୩୭୯

କାର୍ତ୍ତିକ ମହାତ୍ମ୍ୟ

ଡ଼ଃ.ଅରୁନ୍ଧତୀ ଦେବୀ

ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି। କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କୁମାର ପୂର୍ଣ୍ଣିମା ପରଦିନଠାରୁ କାର୍ତ୍ତିକ ମାସର ଆରମ୍ଭ ହୋଇଥାଏ। ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ କରିଥାନ୍ତି। ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ଆରମ୍ଭ ହୁଏ। ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ବିଶ୍ୱାସ ଆସେ ଯେ ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି। ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି।

କାର୍ତ୍ତିକ ମାସରେ ପ୍ରାତଃସ୍ନାନ କଲେ ସମସ୍ତ ବିଘ୍ନ ନାଶ ଏବଂ ମନୋବାଞ୍ଛା ପୂରଣ ହୋଇଯାଏ ବୋଲି ପଦ୍ମପୁରାଣରେ ଉଲ୍ଲେଖ ଅଛି। ବାସ୍ତବରେ କାର୍ତ୍ତିକ ମାସରେ ପ୍ରତ୍ୟୁଷରୁ ଯେଉଁ ବ୍ରତୀ ପୁଷ୍କରିଣୀରେ ସ୍ନାନ କରେ ସେ ପାଞ୍ଚଗୁଣ ଧର୍ମଫଳ ପ୍ରାପ୍ତ ହୁଏ। ଏହି ସ୍ନାନ ପରେ ପରିଧାନ କରୁଥିବା ବସ୍ତ୍ରର ବର୍ଣ୍ଣ ବିଶେଷକରି ଶୁକ୍ଳ ଏବଂ ହଳଦିଆ ହୋଇଥିବା ବିଧେୟ। ଅନ୍ୟବର୍ଣ୍ଣର ବସ୍ତ୍ର ପରିଧାନ କରି ଦେବ ମନ୍ଦିରକୁ ଗଲେ ସିଦ୍ଧିଲାଭ ହୋଇନଥାଏ। ଏହି ମାସରେ ପଳାଶ ପତ୍ରର ଗୁରୁତ୍ୱ ସର୍ବାଧିକ ଅନୁଭବ କରାଯାଇଥାଏ ବୋଲି ବିଶ୍ୱାସ ଅଛି। ଏହା ବ୍ରହ୍ମାଙ୍କ ସ୍ୱରୂପ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି। କାର୍ତ୍ତିକ ମାସରେ ଅରୁଣୋଦୟରେ ଜାଗରଣ ପୂର୍ବକ ଶଯ୍ୟାତ୍ୟାଗ, ତିଳଦାନ, ସତ୍‌କଥା ଶ୍ରବଣ, ବୈଷ୍ଣବ ଜନସମ୍ପର୍କ, ସାଧୁସେବା, ସର୍ବକାମଦ ମୁକ୍ତିଦାୟକ ପଳାଶ ପତ୍ରରେ ଭୋଜନ କରି ଦାମୋଦରଙ୍କ ପୂଜାର୍ଚ୍ଚନା କଲେ ଗୋସହସ୍ର ଦାନର ଫଳ ଲାଭ ହୁଏ। ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଛନ୍ତି। ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, କେନାଲ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି। ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି। ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି। ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ।

ହିନ୍ଦୁ ପରମ୍ପରାରେ କାର୍ତ୍ତିକ ସ୍ନାନର ଏକ ସ୍ୱତନ୍ତ୍ରତା ରହିଛି। କାର୍ତ୍ତିକ ମାସରେ ଜଳ ପୃଥିବୀ ପୃଷ୍ଠରୁ ଅଧିକ ଚୁମ୍ବକୀୟ ଶକ୍ତି ସଂଗ୍ରହ କରିଥାଏ। ଏହା ସୂର୍ଯ୍ୟୋଦୟ ଆଗରୁ ଘଟେ ବୋଲି କେତେକ ବୈଜ୍ଞାନିକ କାରଣ ରହିଛି। ଫଳତଃ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ଆଗରୁ ସ୍ନାନ କରିବା ବିଧେୟ। ପ୍ରବାହିତ ହେଉଥିବା କୌଣସି ଏକ ଜଳାଶୟରେ କାର୍ତ୍ତିକ ମାସରେ ୧୫ ମିନିଟ୍ ଗାଧୋଇଲେ ପେଟ ସମ୍ବନ୍ଧୀୟ ସମସ୍ୟା, ଲିଭର ସମସ୍ୟା ଭଳି ରୋଗରୁ ମଣିଷ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରେ। ଏହା ଚୁମ୍ବକୀୟ ଥେରାପି ହେତୁ ହୋଇଥାଏ। କାର୍ତ୍ତିକ ମାସକୁ ରାଇ ଦାମୋଦର ମାସ ବି କୁହାଯାଏ। କାରଣ ଏହି ମାସରେ ବିଷ୍ଣୁଙ୍କ ଆରାଧନା କରାଯାଇଥାଏ। ଯେଉଁମାନେ ତିରିଶ ଦିନ ଯାକ ପୂଜାବିଧି କରିନପାରନ୍ତି ସେମାନେ ଅତି କମ୍‌ରେ ଦଶ ଦିନ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କରନ୍ତି। କାର୍ତ୍ତିକ ମାସ ଭଳି ଧର୍ମୀୟ ମାସ ଆଉ ନଥିବା କଥା ପୁରାଣରେ ବର୍ଣ୍ଣିତ। ଉଭୟ ମହାଦେବ ଏବଂ ବିଷ୍ଣୁଙ୍କର ଏହା ଅତିପ୍ରିୟ ମାସ।

କଟକ, ଦୂରଭାଷ : ୯୯୩୭୧୭୨୮୧୦

'ଯସ୍ୟାଃ ପରତରଂ ନାସ୍ତି'

ହେମନ୍ତ କୁମାର ପରିଡ଼ା

ଏହି ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଶକ୍ତିମୟ। ସବୁକିଛି ଶକ୍ତିର ପରିପ୍ରକାଶ। ଶକ ଧାତୁ ସହ ତିନି ପ୍ରତ୍ୟୟ ଯୋଗ ହୋଇ ଶକ୍ତି ଶବ୍ଦ ନିଷ୍ପନ୍ନ ହୋଇଛି। ଏହା ସାମର୍ଥ୍ୟ ସୂଚକ ଅଟେ। ଏହି ସୃଷ୍ଟିରେ ଦୃଶ୍ୟ ଅଦୃଶ୍ୟ ଯାହା କିଛି ରହିଛି ସେ ସବୁ ଶକ୍ତିର ସ୍ୱରୂପ ଭିନ୍ନ ଅନ୍ୟ କିଛି ନୁହେଁ। ଦାର୍ଶନିକ ଦୃଷ୍ଟିକୋଣ ହେଉ ଅଥବା ଆଧୁନିକ ବସ୍ତୁ ବିଜ୍ଞାନର ପ୍ରମାଣ ହେଉ ସବୁ ହେଉଛି ଶକ୍ତିର ଘନିଭୂତ ରୂପ। ଆଧ୍ୟାତ୍ମିକ ବିଜ୍ଞାନ ଦୃଷ୍ଟି କୋଣରୁ ଏହା ଚେତନାର ଚୈତନ୍ୟମୟ ପ୍ରକାଶ। ଶ୍ରୀଦୁର୍ଗା ସପ୍ତଶତୀନର ଦେବୀତତ୍ତ୍ୱ ଓ ଦେବୀ ମାହାତ୍ମ୍ୟର ବିଶେଷ ବର୍ଣ୍ଣନା ହୋଇଛି। ଏହାଛଡ଼ା ଅନ୍ୟାନ୍ୟ ଅନେକ ଶକ୍ତି ଶାସ୍ତ୍ରରେ ଶକ୍ତିଭତା ସନାତନୀ ମାଆଙ୍କ ବର୍ଣ୍ଣନା ଅଛି। ସୌଭାଗ୍ୟ ହୃଦୟରେ କୁହାଯାଇଛି – 'ଦେଶକାଳ ପଦାର୍ଥାତ୍ମଯଦ ଯଦ ବସ୍ତୁ ଯଥା ଯଥା, ତତ୍ତଦ୍ରୁପେଣ ଯାଭାତି ତାଂଶ୍ରୟେ ସାଂବିଦୀଂ କଳାମ୍।' ଅର୍ଥାତ୍ ଦେଶକାଳ ପଦାର୍ଥାଦି ଓ ଭେଦରେ ଯେଉଁସବୁ ବସ୍ତୁ ଯେଉଁ ଯେଉଁ ରୂପରେ ଅବସ୍ଥିତ ସେହି ସେହି ରୂପରେ ପ୍ରକାଶିତ ବା ପ୍ରତିଭାତ ହେଉଥିବା ସଂବିତ୍ କଳାକୁ ମୁଁ ଆଶ୍ରୟ କରୁଛି। ଏହି ସଂବିତ୍ କଳା ହିଁ ମହାଶକ୍ତି, ମହାପ୍ରକାଶମୟୀ ବିଶ୍ୱାତ୍ମିକା ଓ ବିଶ୍ୱାତୀତା ଚିନ୍ମୟ ସତ୍ତା।

ପରମେଶ୍ୱର ଚିନ୍ମୟ ଚିର ସୁନ୍ଦର ଆଦିଶକ୍ତି ରୂପରେ ସାକ୍ଷାତ ସଚ୍ଚିଦାନନ୍ଦ ସ୍ୱରୂପିଣୀ ମା' ଅଟନ୍ତି। ତାଙ୍କ ଠାରୁ ସଚରାଚର ସୃଷ୍ଟି ସମ୍ଭୂତ ହୋଇଛି। ସେ ବିଶ୍ୱାତ୍ମିକା ମାତୃଶକ୍ତି ଓ ଆମ ସମସ୍ତଙ୍କର ମା। ମା ଠାରୁ ବଳି ଅତି ଆପଣାର ଏ ସୃଷ୍ଟିରେ ଆଉ କେହି ନାହାନ୍ତି। ମା ସୃଷ୍ଟିର ଆଧାର। ସନାତନ ସଂସ୍କୃତିରେ ସୃଷ୍ଟିକର୍ତ୍ତାଙ୍କୁ ମା ରୂପରେ ଅବିହିତ କରାଯାଇଛି। ଜନ୍ମଦାତ୍ରୀ, ଜନ୍ମଭୂମି ଆଦି ସବୁକିଛିକୁ ମା' ରୂପରେ ଅବତାରଣା କରାଯାଇଛି। ଏହା ସାରା ବିଶ୍ୱ ପାଇଁ ଭାରତବର୍ଷର ଏକ ଶ୍ରେଷ୍ଠ ଦାନ ଅଟେ। ଏହି ମହାଶକ୍ତିଙ୍କର ମହିମାକୁ ଅନୁଭବ କରି ନିତ୍ୟ ଜ୍ଞାନରତ ଭାରତୀୟ ମୁନିଋଷିମାନେ ଘୋଷଣା କଲେ ସ୍ରଷ୍ଟା ହେଉଛନ୍ତି ସାକ୍ଷାତ ମାତୃଶକ୍ତି।

ବିଶ୍ୱରେ ଭାରତ ଏକମାତ୍ର ଦେଶ। ଏଠାରେ ସବୁକିଛି ଶକ୍ତିରୂପରେ ବନ୍ଦନୀୟ। ଆମ ଦେଶକୁ ଆମେ 'ମା' ବୋଲି କହିଥାଉ। ବନ୍ଦେ ମାତରମ୍ ଭାରତ ମାତାକି ଜୟ କହି ବନ୍ଦନା କରିଥାଉ। ଏଠାରେ ନଦୀମାନେ ମାତୃ ସ୍ୱରୂପା। ସାରା ପ୍ରକୃତି ଭାରତୀୟଙ୍କ ଦୃଷ୍ଟିରେ 'ମା'। ସ୍ରଷ୍ଟା 'ମା', ସୃଷ୍ଟି 'ମା', ସବୁକିଛି ଏଠାରେ ଶକ୍ତି ସ୍ୱରୂପିଣୀ 'ମା'ର ଶାଶ୍ୱତ ସ୍ୱରୂପ। ପ୍ରତ୍ୟେକ ନାରୀ ଜାତି ମାତୃ ରୂପରେ ବନ୍ଦନୀୟ। 'ମା' ଆଦ୍ୟା ଶକ୍ତି ପରା ପ୍ରକୃତିଙ୍କର ଅଂଶଭୂତା ଅଟନ୍ତି। ସେ ଉଦ୍ଭବ, ସ୍ଥିତି, ସଂହାରର ମୂଳ କାରଣ ଜଗଦିଶ୍ୱରୀଙ୍କ ପ୍ରତୀକ ଅଟନ୍ତି। ଶ୍ରୀ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣନା କରାଯାଇଛି। 'ବିଶ୍ୱେଶ୍ୱରି ତ୍ୱଂ ପରିପାସି, ବିଶ୍ୱାତ୍ମିକା ଧାରୟସୀତି ବିଶ୍ୱମ୍। ବିଶ୍ୱେଶ ବନ୍ଦ୍ୟା ଭବତୀ ଭବନ୍ତି, ବିଶ୍ୱଂଶ୍ରୟା ଯେ ତ୍ୱୟି ଭକ୍ତିନମ୍ରାଃ।।' ଅର୍ଥାତ୍ ହେ ବିଶ୍ୱେଶର ! ତୁମେ ସାରା ସୃଷ୍ଟିକୁ ପରିପାଳନ କରୁଛ। ବିଶ୍ୱରୂପା ହୋଇ ବିଶ୍ୱକୁ ଧାରଣ କରିଛ। ବ୍ରହ୍ମା ଆଦି ସମସ୍ତ ଦୈବୀ ଶକ୍ତିଙ୍କ ଦ୍ୱାରା ତୁମେ ବନ୍ଦନୀୟା। ଯେଉଁମାନେ ଭକ୍ତି ପୂର୍ବକ ତୁମକୁ ପ୍ରଣାମ କରନ୍ତି ସେମାନେ ସମର ବିଶ୍ୱକୁ ଆଶ୍ରୟ ଦେବା ପାଇଁ ସମର୍ଥ ଅଟନ୍ତି। ଯେତେବେଳେ ବିଶ୍ୱରେ ବିପଦ ଆସିଛି, ବିଶ୍ୱାର୍ତ୍ତି ହାରିଣୀ ପ୍ରଣତ ପାଳିନୀ ଜଗଜନନୀ ମା'ଦୁର୍ଗା ରୂପରେ ବିଶ୍ୱର ଦୁର୍ଗତି ଦୂର ପାଇଁ ସେଠାରେ ଆବିର୍ଭୂତ ହୋଇଛନ୍ତି। ଶ୍ରୀ ଦେବ୍ୟା ଅଥର୍ବଶୀର୍ଷରେ କୁହାଯାଇଛି – 'ଯସ୍ୟା ପରତର ନାସ୍ତି ସୈଷା ଦୁର୍ଗା ପ୍ରକୀର୍ତ୍ତିତା।' ଅର୍ଥାତ୍ ଯାହାଙ୍କ ଠାରୁ ଆଉ କେହି ଶ୍ରେଷ୍ଠ ନାହାନ୍ତି ସେ ଦୁର୍ଗା ନାମରେ ପ୍ରସିଦ୍ଧ ଅଟନ୍ତି। ଗର୍ଭଧାରିଣୀ ମା' ଯେପରି ତା ସନ୍ତାନର ସୁରକ୍ଷା ବିଧାନ କରିଥାଆନ୍ତି ସେହିଭଳି ବିଶ୍ୱ ଜନନୀ ଆମ ସମସ୍ତଙ୍କର 'ମା' ହୋଇଥିବାରୁ ଆମର ସମସ୍ତ ଜୀବନ ଭାର ବହନ କରିଥାଆନ୍ତି। ସେ କରୁଣାମୟୀ ପରମ କଲ୍ୟାଣୀ। ତାର ବରଦହସ୍ତ, ଅଭୟପ୍ରଦ ପଣତକାନିରେ ଆମ ସମସ୍ତଙ୍କୁ ଘୋଡ଼ାଇ ରଖିଥାନ୍ତି। ମା' ଶକ୍ତିରୂପରେ ଅଗ୍ନିଭଳି ସର୍ବତ୍ର ପରିବ୍ୟାପ୍ତ ହୋଇଥିଲେ ମଧ୍ୟ ଦୃଶ୍ୟ ହୁଅନ୍ତି ନାହିଁ। ଅଗ୍ନି ଯେପରି ବିଶେଷ ବିଶେଷ ସ୍ଥାନ ମାନଙ୍କରେ ବିଶେଷ ଭାବେ ପ୍ରକାଶିତ ହୁଅନ୍ତି ଠିକ୍ ସେହିଭଳି ମା' ତାର ସନ୍ତାନର ନିର୍ମଳ ପ୍ରୀତି ଓ ବିମଳ ଭକ୍ତିରେ ପ୍ରକଟ ହୋଇଥାନ୍ତି।

ଥରେ ସମସ୍ତ ଦେବତାମାନେ ମହାଦେବୀଙ୍କୁ ପଚାରିଲେ ହେ ମହାଦେବୀ ! ଆପଣ କିଏ? ସେ କହିଲେ – ଅହଂ ବ୍ରହ୍ମସ୍ୱରୂପିଣୀ। ମତ୍ତ ପ୍ରକୃତି ପୁରୁଷାତ୍ମକଂ ଜଗତ ଶୂନ୍ୟଂଞ୍ଚା ଶୂନ୍ୟଞ୍ଚ। ଅହମାନନ୍ଦାନାନନ୍ଦୈ। ଅହଂ ବିଜ୍ଞାନା ବିଜ୍ଞାନେ। ଅହଂ ବ୍ରହ୍ମ ବ୍ରହ୍ମଣୀ ବେଦିତବ୍ୟେ। ଅହଂ ପଞ୍ଚ ଭୂତାନ୍ୟ ପଞ୍ଚଭୂତାନି। ଅହମଖିଳଂ ଜଗତ।' ଅର୍ଥାତ୍ ମୁଁ ବ୍ରହ୍ମ ସ୍ୱରୂପ ଅଟେ। ମୋ ଠାରୁ ପ୍ରକୃତି ପୁରୁଷାତ୍ମକ ସଦ୍ରୁପ ଏବଂ ଅସଦରୂପ ଜଗତ ଉତ୍ପନ୍ନ ହୋଇଛି। ମୁଁ ଆନନ୍ଦ ଏବଂ ଅନାନନ୍ଦରୂପା ଅଟେ। ମୁଁ ବିଜ୍ଞାନ ଏବଂ ଅବିଜ୍ଞାନ ରୂପା ଅଟେ। ଜ୍ଞାତବ୍ୟ ବ୍ରହ୍ମ ଏବଂ ଅବ୍ରହ୍ମ ମଧ୍ୟ ମୁଁ ଅଟେ।

ଏହି ସାରା ପରିଦୃଶ୍ୟମାନ ଜଗତ ମୁଁ ଅଟେ। ସର୍ବତ୍ର ସର୍ବ ନାମ ରୂପରେ ମହାଶକ୍ତି ମା' ହିଁ ବିଦ୍ୟମାନ ଅଟନ୍ତି। ଅଥର୍ବ ଶୀର୍ଷରେ ଅଛି ଯାହାଙ୍କ ସ୍ୱରୂପକୁ ବ୍ରହ୍ମା ପ୍ରଭୃତି ଜାଣି ପାରନ୍ତି ନାହିଁ। ତେଣୁ ତାହାଙ୍କୁ 'ଅଜ୍ଞେୟା କୁହନ୍ତି। ଯାହାଙ୍କ ଅନ୍ତ କେହି ପାଆନ୍ତି ନାହିଁ। ତେଣୁ ତାହାଙ୍କୁ ଅନନ୍ତା କୁହନ୍ତି। ଯାହାଙ୍କ ଲକ୍ଷ୍ୟ ସମସ୍ତଙ୍କ ଲକ୍ଷ୍ୟର ଅଗୋଚର ତେଣୁ ସେ ଅଲକ୍ଷ୍ୟା। ଯାହାଙ୍କ ଜନ୍ମ ଅବିଦିତ ସେ ଅଜ ବା ଅଜନ୍ମା ଅଟନ୍ତି। ଯିଏ ଏକାକୀ ସର୍ବତ୍ର ବିଦ୍ୟମାନ ସେ ଏକ ନାମରେ ପରିଚିତ ଏବଂ ଯିଏ ସର୍ବନାମ ରୂପରେ ପ୍ରକାଶିତ। ତାଙ୍କୁ ଅନେକା ବୋଲି ସମ୍ବୋଧିତ କରନ୍ତି। ତେଣୁ ଭକ୍ତମାନେ ମହାଦେବୀଙ୍କୁ ଏକାଧାରରେ ଅଜ୍ଞେୟା, ଅନନ୍ତା, ଅଲକ୍ଷ୍ୟା, ଅଜା, ଏକା ଏବଂ ନୈକା ବୋଲି କୁହନ୍ତି। ଏହି ମହାଭୟ ବିନାଶ କାରିଣୀ, ସଙ୍କଟ ତାରିଣୀ ସାକ୍ଷାତ କରୁଣା ମୂର୍ତ୍ତି ମହାଦେବୀ ଦୁର୍ଗାଙ୍କୁ ଅନନ୍ତ କୋଟି ପ୍ରଣାମ।

ସତ୍ୟ ଏକ ଏଂବ ଅଦ୍ୱିତୀୟ ଅପରିବର୍ତ୍ତନ ସତ୍ତା। ଶକ୍ତି ହିଁ ସତ୍ୟଙ୍କ ପ୍ରକାଶ। ସତ୍ୟ ଓ ଶକ୍ତି ଏକ ଅଭିନ୍ନ ସୂର୍ଯ୍ୟ ଏବଂ ସୂର୍ଯ୍ୟଙ୍କ ରଶ୍ମି ଭଳି। ସତ୍ୟ ପରମବ୍ରହ୍ମ ପରମାତ୍ମା। ସବୁ ମତ ପନ୍ଥ ଓ ଶାସ୍ତ୍ରରେ ତାଙ୍କର ଉପାସନା ପାଇଁ ନିର୍ଦ୍ଦେଶ କରାଯାଇଛି। ଶ୍ରୀମଭାଗବତ ମହାପୁରାଣର ଆରମ୍ଭ ଓ ଶେଷରେ ସେହି ସତ୍ୟର ଉପାସନା ପାଇଁ ନିର୍ଦ୍ଦେ ଦିଆଯାଇଛି। ଅକ୍ଷର ବ୍ରହ୍ମ ଅବ୍ୟକ୍ତ ଥିଲେ। ଅବ୍ୟକ୍ତ ଅକ୍ଷର କ୍ଷର ହେବାକୁ ଇଚ୍ଛା କଲେ। ତେଣୁ ଏକାକ୍ଷର ହୋଇ ସୃଷ୍ଟି ହିତ୍ୟର୍ଥେକ୍ଷର ହେଲେ। ସତ୍ୟ ସ୍ୱରୂପ ପରମାତ୍ମା ଶକ୍ତିମୟ ହୋଇ ସଂକ୍ଷରିତ ହେଲେ। ସେହି କ୍ଷରତତ୍ତ୍ୱ ବୋଧଗମ୍ୟ ହେବା ପାଇଁ ଅନନ୍ତ ଶାସ୍ତ୍ର ଅନନ୍ତ ଧାରାର ପରିକଳ୍ପନା କରି ସ୍ୱୟଂ ପ୍ରକାଶିତ ହୋଇଗଲେ। ସତ୍ୟଙ୍କର ଏହି ଶକ୍ତିମୟ ପ୍ରକାଶକୁ ଆମ ସନାତନ ସଂସ୍କୃତିରେ ତ୍ରିବିଧା ଭାବେ ବ୍ୟକ୍ତ କରାଯାଇଛି। ସେଗୁଡ଼ିକ ହେଲେ ବୈଦିକ, ପୌରାଣିକ ଓ ତାନ୍ତ୍ରିକ ଧାରା। ଏହିସବୁ ସେହି ଏକର ହିଁ ଉପାସନା।

ଯେଉଁ ସତ୍ୟ ପରମ ହରି ଶକ୍ତି ସ୍ୱରୂପରେ ସର୍ବତ୍ର ସର୍ବ ରୂପରେ ପରିପୂର୍ଣ୍ଣ ହୋଇଛନ୍ତି ସେ ଅତ୍ୟନ୍ତ ଗୁହ୍ୟ ଓ ଅତି ସମୀପ ମଧ୍ୟ। ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ ସେ ସହଜ ଜ୍ଞାତବ୍ୟ ନୁହଁନ୍ତି। ତେଣୁ ଶକ୍ତି ହିଁ ସତ୍ୟଙ୍କୁ ପ୍ରକାଶ କରିବାରେ ସମର୍ଥ ହୋଇଥାଆନ୍ତି। ଅଭିନ୍ନ ହେଲେ ବି ଉପାସନା ଅର୍ଥରେ ଭିନ୍ନ ଭଳି ବୋଧ ହେଉଛନ୍ତି। ସତ୍ୟ ହିଁ ଶକ୍ତି। ସେ ଶକ୍ତି ସ୍ୱରୂପା ଦୁର୍ଗା ରୂପରେ ପ୍ରକୀର୍ତ୍ତିତା। ମା ଦୁର୍ଗା ଜୀବ ମାତ୍ରକେ ସମସ୍ତଙ୍କ ପାଇଁ କଲ୍ୟାଣ କାରିଣୀ। ମନମୋହିନୀ ମମତାମୟୀ ଅଟନ୍ତି।

ମୋ: ୮୭୬୩୧୦୭୧୨୬

ସୁସ୍ଥ ଯକୃତ ପାଇଁ ସତର୍କତା

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜିର ଜୀବନଶୈଳୀ ଓ ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ଯକୃତ ସମସ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ଯକୃତର କାର୍ଯ୍ୟକ୍ଷମତାକୁ ସବୁଠାରୁ ଅଧିକ ପ୍ରଭାବିତ କରିଥାଏ। ଅନେକଙ୍କ ଠାରେ ବର୍ଷ ତମାମ ପେଟ ସମସ୍ୟା ଲାଗି ରହିଥାଏ। ଯଦି ଆଧୁନିକ ଚିକିତ୍ସା ବିଜ୍ଞାନ ଆପଣାଇ ଆମେ ନିଜର ଦୈନନ୍ଦିନ ଅଭ୍ୟାସରେ ପରିବର୍ତ୍ତନ ଆଣିପାରିବା, ତେବେ ଯକୃତକୁ ସୁରକ୍ଷିତ ରଖିପାରିବା। ସବୁଠାରୁ ବଡ଼ କଥା ହେଉଛି ନିଜ ଭିତରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷା, ସୁଷମ ଖାଦ୍ୟ ଓ ଏକ ଭଲ ରୁଟିନର ଜୀବନଚର୍ଯ୍ୟାଟି ତିଆରି କରି ଏହାକୁ କାର୍ଯ୍ୟକାରି କରିପାରିବା।

ସବୁଠାରୁ ପ୍ରଥମ କାର୍ଯ୍ୟଟି ହେଉଛି ଜୀବନଶୈଳୀ ଓ ସଚେତନତା। ଚିକିତ୍ସା ବିଜ୍ଞାନ କହୁଛି ସୁସ୍ଥ ଯକୃତ ପାଇଁ ସୁସ୍ଥ ଜୀବନଶୈଳୀ ଜରୁରୀ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିପଦ ସମ୍ପର୍କରେ ଜାଣିବା ଓ ସଚେତନ ରହିବା ଦ୍ୱାରା ଯକୃତକୁ ଦୀର୍ଘସ୍ଥାୟୀ କ୍ଷତିରୁ ରକ୍ଷା କରାଯାଇପାରିବ। ନଚେତ ନେଡିଗୁଡ଼ କହୁଣୀକୁ ବୋହିଗଲା ପରି ପରିସ୍ଥିତି ସଙ୍କଟ ଜନକ ହେବା ବେଳକୁ ଜଣେ ପରାମର୍ଶ ବା ଚିକିତ୍ସା ପାଇଁ ବିଶେଷଜ୍ଞଙ୍କ ସହାୟତା ନେଇଥାଏ।

ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମଧୁମେହ ଓ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ। ବର୍ତ୍ତମାନ ସମୟରେ ଅନେକଙ୍କ ଅବ୍ୟବସ୍ଥିତ ଜୀବନ ଶୈଳୀ, ଖାଇବା ପିଇବା, ବିଶ୍ରାମର ସଠିକତାର ଅଭାବ, ମାନସିକ ଚାପ ଓ ନିଶା ଦ୍ରବ୍ୟ ସେବନ ଏହିପରି ସମସ୍ୟ ପାଇଁ ମଧୁମେହ ସମସ୍ୟା ଓ ବ୍ଲଡ଼ ପ୍ରେସର ସମସ୍ୟା ଘାତକକ ପରିସ୍ଥିତି ସୃଷ୍ଟି କରୁଛି। ଅଧିକ ରକ୍ତଶର୍କରା ଯକୃତର ସୂକ୍ଷ୍ମ ରକ୍ତନଳୀ ଗୁଡ଼ିକୁ କ୍ଷତିଗ୍ରସ୍ତ କରିଥାଏ ଓ ଉଚ୍ଚ ରକ୍ତଚାପ ଫିଲଟରିଂ ୟୁନିଟ ଉପରେ ଚାପ ପକାଇଥାଏ। କେତେକ କ୍ଷେତ୍ରରେ ଏହା ବ୍ଲକେଜ ପରି ଗୁରୁତର ପରିସ୍ଥିତି ସୃଷ୍ଟି କରିଥାଏ ଓ ଶରୀର ଅଭ୍ୟନ୍ତରର ରକ୍ତବାହୀ ଯୋଗାଯୋଗ ବ୍ୟବସ୍ଥା ବାଧା ପ୍ରାପ୍ତ ହୋଇଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ।

ଅନେକଙ୍କର ଏକ ବଦଅଭ୍ୟାସ ହେଉଛି ଘଣ୍ଟା ଘଣ୍ଟା ଧରି କିଛି କାର୍ଯ୍ୟକ୍ରମର ବାହାନାରେ ପରିସ୍ରାକୁ ଅଟକାଇବା। ଜୀବନ ସଞ୍ଚାଳନ ବ୍ୟବସ୍ଥାରେ ଝାଡ଼ା ପରିସ୍ରା ଏକ ଶାରୀରିକ ପ୍ରକୃତିଗତ ବ୍ୟବସ୍ଥାଚକ୍ର। ତେଣୁ ପରିସ୍ରା ଅଟକାଇବା କ୍ଷତିକାରକ।

ଦୀର୍ଘ ସମୟ କାମ କରିବା, ଯାତ୍ରା କରିବା କିମ୍ବା ବ୍ୟସ୍ତତା ଯୋଗୁଁ ପରିସ୍ରାକୁ ଅଟକାଇ ରଖିବା ମୂତ୍ରାଶୟ ଉପରେ କୁପ୍ରଭାବ ପକାଏ। ଶରୀରର ପ୍ରାକୃତିକ ବେଗକୁ ରୋକିବା ଦ୍ୱାରା ଅନ୍ତର୍ନିହିତ ଅସନ୍ତୁଳନ ସୃଷ୍ଟି ହୁଏ, ଯାହା ବିପଦଜ୍ଜନକ ମୂତ୍ରନଳୀ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ। କେତେକ କ୍ଷେତ୍ରରେ ପରିଣତ ବୟସରେ ଏହି ବ୍ୟବସ୍ଥା ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିଥାଏ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖାଦ୍ୟ ଅନୁଯାୟୀ ଏବଂ ଆପଣଙ୍କର ଦୈନନ୍ଦିନ ଆବଶ୍ୟକତାକୁ ଦେଖି ପାଣି ପିଅନ୍ତୁ, ଅତ୍ୟଧିକ ପାଣି ପିଅନ୍ତୁ ନାହିଁ।

ପରିସ୍ରା ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ। ପରିସ୍ରା ସମୟରେ ଜଳାପୋଡ଼ା କିମ୍ବା ବାରମ୍ବାର ପରିସ୍ରା ଲାଗିବା ଭଳି ଲକ୍ଷଣ ବଡ଼ ବିପଦର କାରଣ ହୋଇପାରେ। କୌଣସି ସଂକ୍ରମିତ ସ୍ଥାନରେ ବା ବିକିରଣ ହେଉଥିବା ଅଞ୍ଚଳରେ ପରିସ୍ରା କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କର ସଂକ୍ରମଣ ସମସ୍ୟା ହୋଇପାରେ। ପର୍ଯ୍ୟାପ୍ତ ପାଣି ପିଅନ୍ତୁ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଯକୃତରେ ପଥୁରୀ ହେବାର ଆଶଙ୍କା କମିଥାଏ। ତେବେ ପାଣିର ପରିମାଣ ଶରୀରର ପରିସ୍ଥିତି ଉପରେ ନିର୍ଭର କରେ। ଏକାଥରକେ ଅତ୍ୟଧିକ ପାଣି ନ ପିଇ ବରଂ ନିର୍ଦ୍ଦିଷ୍ଟ ଅନ୍ତରରେ ପାଣି ପିଅନ୍ତୁ। ଉଷୁମ ପାଣି ଶରୀର ପାଇଁ ଖୁବ ଭଲ।

ସେହିପରି ଶେଷରେ ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ଭାବରେ କୁହାଯିବ ଯେ ଖାଦ୍ୟପେୟରେ ସଂଯମ ରଖନ୍ତୁ। ଯକୃତ ସମସ୍ୟା ଥିଲେ ପୋଟାସିୟମ, ଫସଫରସ, ସୋଡିୟମ ଓ ପ୍ରୋଟିନ ମାତ୍ରା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ। ଡାକ୍ତରଙ୍କ ପରାମର୍ଶରେ କାକୁଡ଼ି, ଟମାଟୋ, ଦହି, ଭାତ କିମ୍ବା କିଛି ନିର୍ଦ୍ଦିଷ୍ଟ ଡାଲିର ପରିମାଣ ନିୟନ୍ତ୍ରଣ କରିବାକୁ ପଡ଼ିପାରେ। ସୁଷମ ଖାଦ୍ୟ ଓ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରୁହନ୍ତୁ। ଯୋଗ ପ୍ରାଣାୟାମ ଖୁବ ଭଲ ଅଭ୍ୟାସ। ଆଧ୍ୟାତ୍ମିକ ଭାବନାର ଏକ ସକରାତ୍ମକ ଜୀବନ ଚିନ୍ତନକୁ ନିଜ ଭିତରେ ଅନୁଭବ କରି ଆଗେଇ ଚାଲନ୍ତୁ। ଦେଖିବେ ଆପଣଙ୍କ ଯକୃତ ଆପଣଙ୍କ ପାଇଁ ଚିନ୍ତାର କାରଣ ହେବନାହିଁ। ଆପଣ ଏକ ଉତ୍ତମ ଜୀବନ ଜୀଇଁପାରିବେ ଏବଂ ଅନ୍ୟମାନଙ୍କୁ ବଞ୍ଚିବାର ଆନନ୍ଦପୂର୍ଣ୍ଣ ଜୀବନର ପଥ ପ୍ରଦର୍ଶକ ହୋଇପାରିବେ।

କଟକ
ଦୂରଭାଷ : ୯୪୩୭୦୫୧୯୫୭

ପ୍ରଣାମ ଓଡ଼ିଶା
ବୁଧବାର, ନଭେମ୍ବର-୦୪, ୨୦୨୬
ନିର୍ଭୟ ସୂଚନା

ହରଦୀପ ପୁରୀଙ୍କୁ ନେଇ ୩ ବଡ଼ ଆପତ୍ତି ଉଠାଇଲେ ବିଧାୟକ



ଭୋପାଳ,୩।୧୧: ମଧ୍ୟପ୍ରଦେଶରେ ରାଜ୍ୟ ସଭା ଉପନିର୍ବାଚନକୁ ନେଇ ରାଜନୈତିକ ମାହୋଲ ସରଗରମ ହୋଇଛି । ଭାଜପା ପ୍ରାର୍ଥୀ ହରଦୀପ ପୁରୀଙ୍କ ନାମାଙ୍କନକୁ ନେଇ ଆପତ୍ତି ଉଠାଇଛି କଂଗ୍ରେସ। ମଧ୍ୟପ୍ରଦେଶ କଂଗ୍ରେସ ବିଧାୟକ ହେମନ୍ତ କଟାରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଏକାଧିକ ଆପତ୍ତି ଦାଖଲ କରିଛନ୍ତି । ଏନେଇ କଂଗ୍ରେସର ରାଜ୍ୟ ସଭାପତି ଜିତୁ ପଟୱାରୀ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଜିତୁ ପଟୱାରୀଙ୍କ କହିବା ଅନୁଯାୟୀ, ହେମନ୍ତ କଟାରେ ନାମାଙ୍କନ ସତ୍ୟପାଠକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ସେ ଦାଖଲ କରିଥିବା ଆପତ୍ତିଗୁଡ଼ିକ ମଧ୍ୟରେ ରହିଛି: ପତ୍ନୀଙ୍କ ସମ୍ପତ୍ତି ବିବରଣୀ: ନାମାଙ୍କନ ସତ୍ୟପାଠରେ ପତ୍ନୀଙ୍କ ନାମ ଓ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଉଲ୍ଲେଖ ହୋଇନଥିବା ଅଭିଯୋଗ। ବିଦେଶରେ ସମ୍ପତ୍ତି: ଜେନେଭାରେ ଥିବା ଆପାର୍ଟମେଣ୍ଟ ଏବଂ ବିଦେଶୀ ବ୍ୟାଙ୍କ ଖାତାରେ ଥିବା ସମ୍ପତ୍ତିର ବିବରଣୀ ଓ ମୂଲ୍ୟାଙ୍କନକୁ ନେଇ ପ୍ରଶ୍ନ ଉଠାଯାଇଛି। ନୋଟାରୀ ପ୍ରକ୍ରିୟା: ନାମାଙ୍କନ ସତ୍ୟପାଠର ନୋଟାରୀ ପ୍ରକ୍ରିୟାର ଆଇନଗତ ବୈଧତାକୁ ନେଇ ମଧ୍ୟ ଆପତ୍ତି ଉଠିଛି। ତେବେ ଏଗୁଡ଼ିକ କଂଗ୍ରେସ ପକ୍ଷରୁ ଉଠାଯାଇଥିବା ଆପତ୍ତି । ଏହା ଉପରେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ସାମ୍ନାକୁ ଆସିପାରି ନାହିଁ । କଂଗ୍ରେସ ସଭାପତି ଜିତୁ ପଟୱାରୀ ଏହି ପ୍ରସଙ୍ଗରେ ଭାଜପାକୁ ଘେରିଛନ୍ତି। ସେ କହିଛନ୍ତି, ଯେଉଁ ପ୍ରାର୍ଥୀଙ୍କୁ ଭାଜପା ରାଜ୍ୟ ସଭା ପଠାଇବାକୁ ଚାହୁଁଛି, ତାଙ୍କ ନାମାଙ୍କନ ସତ୍ୟପାଠରେ ଏତେ ଗୁରୁତର ଅସଙ୍ଗତି କାହିଁକି ରହିଛି ?

ନୈତିକତା ଓ ସ୍ୱଚ୍ଛତାର କଥା କହୁଥିବା ଭାଜପା ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବ ନା ସତ୍ତା ବଳରେ ଏହାକୁ ଚାପିଦେବାକୁ ଚେଷ୍ଟା କରିବ ବୋଲି ସେ ପ୍ରଶ୍ନ କରିଛନ୍ତି । ଏଥିସହ ନିର୍ବାଚନ ଆୟୋଗଙ୍କୁ ସମସ୍ତ ଆପତ୍ତିର ନିରପେକ୍ଷ ଓ ଗମ୍ଭୀର ଯାଞ୍ଚ କରିବାକୁ ଦାବି କରିଛନ୍ତି। ମଧ୍ୟପ୍ରଦେଶରେ ନଭେମ୍ବର ୧୨ ତାରିଖରେ ରାଜ୍ୟ ସଭା ଉପନିର୍ବାଚନ ହେବ । ଭାଜପା ଅକ୍ଟୋବର ୨୮ ତାରିଖରେ ହରଦୀପ ପୁରୀଙ୍କ ନାମ ଘୋଷଣା କରିଥିଲା। ଏହାପରେ ଅକ୍ଟୋବର ୩୧ ତାରିଖରେ ସେ ନିଜର ନାମାଙ୍କନ ଦାଖଲ କରିଥିଲେ। କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗନଙ୍କ ଇସ୍ତଫା ପରେ ରାଜ୍ୟ ସଭାର ଏହି ଆସନ ଖାଲି ପଡ଼ିଥିଲା। ନଭେମ୍ବର ୨ ତାରିଖରେ ନାମାଙ୍କନ ଦାଖଲର ଶେଷ ତାରିଖ ଥିବାବେଳେ ନଭେମ୍ବର ୩ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ । ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ।

ନେପାଳରେ ଦୁଇ ହେଲିକପ୍ଟର ମୁହାଁମୁହିଁ ଧକ୍କା

ଜଣେ ମୃତ ଓ ଜଣେ ଆହତ

ନେପାଳ,୩।୧୧: ଏହି ସମୟର ବଡ଼ ଖବର ନେପାଳରୁ ସାମ୍ନାକୁ ଆସିଛି । ନେପାଳର ସୋଲୁଖୁମ୍ବୁ ଜିଲ୍ଲାରେ ଦୁଇଟି ହେଲିକପ୍ଟର ମଧ୍ୟରେ ଧକ୍କା ହେବାରୁ ବଡ଼ ଦୁର୍ଘଟଣା ଘଟିଛି । ଲ୍ୟାଣ୍ଡିଂ ସମୟରେ ଦୁଇ ହେଲିକପ୍ଟର ପରସ୍ପର ସହ ଧକ୍କା ହୋଇଥିବା ଜଣାପଡ଼ିଛି । ଏହି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି ।

ଦୁର୍ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଯେଉଁଥିରେ ଦୁଇଟି ହେଲିକପ୍ଟର ମଧ୍ୟରେ ଧକ୍କା ହେଉଥିବାର ଦୃଶ୍ୟ କଏଦ ହୋଇଛି । ଘଟଣାସ୍ଥଳ ନିକଟରେ ଅନେକ ଲୋକ ଉପସ୍ଥିତ ଥିବା ମଧ୍ୟ ଭିଡିଓରେ ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ନେପାଳର ସୋଲୁଖୁମ୍ବୁ ଜିଲ୍ଲାର ଫେରିଚେ ହେଲିପ୍ୟାଡ୍ ?ରେ ଅବତରଣ ସମୟରେ ଫିଷ୍ଟେଲ୍ ଏବଂ ଡାଇନାଷ୍ଟି ଏୟାରର ଦୁଇଟି ହେଲିକପ୍ଟର ପରସ୍ପର ସହ ଧକ୍କା ହୋଇଥିଲା । ନେପାଳ ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ (ଉଇଇଘ)ର ସୂଚନା ଅଧିକାରୀ ଜ୍ଞାନେନ୍ଦ୍ର ଭୁଲ୍ ?ଙ୍କ କହିବା ଅନୁଯାୟୀ, ଦୁଇଟି ହେଲିକପ୍ଟର ଅବତରଣ



କରୁଥିବା ସମୟରେ ସେମାନଙ୍କର ପଙ୍ଖା ପରସ୍ପର ସହ ଧକ୍କା ହୋଇଥିଲା । ଏହି ଦୁର୍ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି । ସୋଲୁଖୁମ୍ବୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଡିଏସପି ନବୀନରାଜ ବୁଢ଼ାଥୋକିଙ୍କ ଅନୁଯାୟୀ, ଖୁମ୍ବୁ ପାସାଙ୍ଗ ଲହାମୁ ଅଞ୍ଚଳର ଫେରିଚେ ହେଲିପ୍ୟାଡ୍ ?ରେ ଅବତରଣ ସମୟରେ ଦୁଇ ହେଲିକପ୍ଟରର ପଙ୍ଖା ପରସ୍ପର ସହ ଧକ୍କା ହୋଇଥିଲା । ଫଳରେ ଏହି ଦୁର୍ଘଟଣା ଘଟିଥିଲା । ମୃତକ କେଉଁ ଦେଶର ନାଗରିକ, ତାହା ପ୍ରଥମେ ସ୍ପଷ୍ଟ ହୋଇନାହିଁ । ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ମାଉଣ୍ଟେନ୍ ହେଲିକପ୍ଟର ଯୋଗେ ପଠାଯାଇଛି । ସୋଲୁଖୁମ୍ବୁର ପୁଲିସ ଇନ୍ସପେକ୍ଟର ମୌସମ ତାମାଙ୍ଗଙ୍କ ସୂଚନା ଅନୁଯାୟୀ, ମୃତକ ଜଣେ ବିଦେଶୀ ନାଗରିକ । ତାଙ୍କ ମୃତଦେହକୁ ପ୍ରଭୁ ହେଲିକପ୍ଟର ଯୋଗେ ଲୁକ୍ଲାକୁ ଅଣାଯାଇଛି ।

ସେପଟେ ଆମେରିକାର ଫ୍ଲୋରିଡାରେ ମଧ୍ୟ ଆଉ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଛି । ସୋମବାର ଦକ୍ଷିଣ ଫ୍ଲୋରିଡାର ଏକ ଜନବସତି ଅଞ୍ଚଳରେ ଏକ ବିଜନେସ୍ ଜେଟ୍ ବିମାନ ଖସିପଡ଼ିବାରୁ ଏଥିରେ ଥିବା ସମସ୍ତ ୯ ଜଣଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୨ଟା ୫୦ ମିନିଟ୍ ସମୟରେ ପାମ୍ ବିଚ୍ କାଉଣ୍ଟିର କ୍ରେଷ୍ଟହେଭେନ୍ ଅଞ୍ଚଳରେ ଏହି ଜେଟ୍ ବିମାନଟି ଖସିପଡ଼ିଥିଲା । ଖସିପଡ଼ିବା ପରେ ବିମାନଟି ଏକ ବଡ଼ ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାମ୍ ବିଚ୍ ?ସ୍ଥିତ ରିସର୍ଟ 'ମା-ଏ-ଲାଗୋ'ଠାରୁ ପ୍ରାୟ ୯ ମାଇଲ୍ ବା ୧୪ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଛି । ଏହି ଭୟଙ୍କର ବିମାନ ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ।

ବିମାନ ଟିକେଟ୍ ବୁକିଂ ନିୟମରେ ପରିବର୍ତ୍ତନ

ଜାନୁଆରୀ ୧ରୁ ନୂଆ ନିୟମ ଲାଗୁ

ନୂଆଦିଲ୍ଲୀ: ବିମାନ ଯାତ୍ରୀଙ୍କ ପାଇଁ ବଡ଼ ଖବର । ଏଣିକି ବିମାନ ଟିକେଟ୍ ବୁକ୍ କରିବା ସମୟରେ ଭଡ଼ା ସହ ଅନ୍ୟାନ୍ୟ ଶୁଳ୍କକୁ ନେଇ ଆଉ ରହିବନି ଦ୍ୱନ୍ଦ୍ୱ । ଟିକେଟ୍ ବାତିଲ୍ କଲେ କେତେ ଟଙ୍କା କଟିବ ଏବଂ କେତେ ଟଙ୍କା ଫେରସ୍ତ ମିଳିବ, ତାହା ମଧ୍ୟ ଜାଣିପାରିବେ ଯାତ୍ରୀ । ଏଥିପାଇଁ କେନ୍ଦ୍ର ସରକାର ନୂଆ ବିମାନ ନିୟମ ଅଧିସୂଚିତ କରିଛନ୍ତି । ୨୦୨୭ ଜାନୁଆରୀ ୧ ତାରିଖରୁ ଏହି ନିୟମ ଲାଗୁ ହେବ ।

ସରକାରଙ୍କ ନୂଆ ନିୟମ ଅନୁଯାୟୀ, ବିମାନ କମ୍ପାନୀଗୁଡ଼ିକୁ ନିଜ ୱେବସାଇଟ୍ ଏବଂ ଅନ୍ୟ ବୁକିଂ ପ୍ଲାଟଫର୍ମରେ ଟିକେଟର ମୋଟ ମୂଲ୍ୟ ସହ ପ୍ରତ୍ୟେକ ଶୁଳ୍କର ବିସ୍ତୃତ ତଥ୍ୟ ଦେବାକୁ ପଡ଼ିବ । ଅର୍ଥାତ୍ କେବଳ ଟିକେଟର ମୋଟ ଦାମ୍ ନୁହେଁ, ବରଂ କେଉଁ ବାବଦରେ କେତେ ଟଙ୍କା ନିଆଯାଉଛି, ତାହା ମଧ୍ୟ ସ୍ପଷ୍ଟ ଭାବେ ଦର୍ଶାଇବାକୁ ହେବ । ଟିକେଟ୍ ବୁକିଂ ସରିବା ପରେ ଜାରି ହେଉଥିବା ଟିକେଟରେ ମଧ୍ୟ ଏହି ସମସ୍ତ ତଥ୍ୟ ଉଲ୍ଲେଖ ରହିବ । ନୂଆ ନିୟମ ଅନୁସାରେ, ଟିକେଟର ମୂଳ ଭଡ଼ା ବା ବେସ୍ ଫେୟାର, ଟ୍ୟାକ୍ସ,



ଅନ୍ୟାନ୍ୟ ଫିସ୍, କ୍ୟାନ୍ସଲେସନ୍ ଚାର୍ଜ ଏବଂ ରିଫଣ୍ଡ ସମ୍ପର୍କିତ ସର୍ତ୍ତକୁ ଅଲଗା ଅଲଗା ଭାବେ ଦର୍ଶାଇବାକୁ ପଡ଼ିବ । ଏହା ସହ ବୁକିଂ ସମୟରେ ଅନ୍ୟ କୌଣସି ଅତିରିକ୍ତ ଶୁଳ୍କ ନିଆଯାଉଥିଲେ, ସେ ସମ୍ପର୍କରେ ମଧ୍ୟ ଯାତ୍ରୀଙ୍କୁ ଜଣାଇବାକୁ ହେବ । ଫଳରେ ଟିକେଟ୍ ବୁକ୍ କରିବା ପୂର୍ବରୁ ଯାତ୍ରୀମାନେ ନିଜର ମୋଟ ଖର୍ଚ୍ଚ ଜାଣିପାରିବେ । ଏଥିସହ ଟିକେଟ୍ ବାତିଲ୍ କରିବା ପରେ କେତେ ଟଙ୍କା ଫେରସ୍ତ ମିଳିବ, ସେନେଇ ମଧ୍ୟ ଆଗୁଆ ସ୍ପଷ୍ଟ ସୂଚନା ପାଇପାରିବେ ।

ଅନ୍ୟପଟେ, ନୂଆ ନିୟମରେ ବିମାନ ଭଡ଼ା ଉପରେ ସରକାରଙ୍କ ହସ୍ତକ୍ଷେପ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। କୌଣସି ଅସାଧାରଣ ପରିସ୍ଥିତିରେ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଲିଖିତ ଆଦେଶ ଜାରି କରି ବିମାନ ଭଡ଼ା ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ଦେଇପାରିବେ। ତେବେ କେଉଁ ପରିସ୍ଥିତିକୁ ଅସାଧାରଣ ବୋଲି ବିବେଚନା କରାଯିବ, ତାହା ନିୟମରେ ସ୍ପଷ୍ଟ କରାଯାଇନାହିଁ । ବିମାନ କମ୍ପାନୀଗୁଡ଼ିକ ଧାର୍ଯ୍ୟ କରୁଥିବା ଭଡ଼ା ଏବଂ ଏହା ସହ ଜଡ଼ିତ ଶୁଳ୍କ ଉପରେ ନାଗରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡଏଉଇ) ନଜର ରଖିବ । ଯାତ୍ରୀଙ୍କୁ ସମସ୍ତ ଆର୍ଥିକ ତଥ୍ୟ ସ୍ୱଚ୍ଛ ଭାବେ ଜଣାଇବା ଏହି ନୂଆ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ।

ସୂଚନାଯୋଗ୍ୟ, ସରକାର ଗତ ଅକ୍ଟୋବର ୩୧ ତାରିଖରେ ଭାରତୀୟ ବିମାନ ନିୟମ, ୨୦୨୬ ଅଧିସୂଚିତ କରିଛନ୍ତି । ଏହା ପ୍ରାୟ ୯୦ ବର୍ଷ ପୁରୁଣା ବିମାନ ଆଇନ, ୧୯୩୪ର ସ୍ଥାନ ନେଇଥିବା ନୂଆ ଆଇନଗତ ବ୍ୟବସ୍ଥାର ଅଂଶ । ନୂଆ ନିୟମ ୨୦୨୭ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହୋଇ ୧୯୩୭ର ବିମାନ ନିୟମର ସ୍ଥାନ ନେବ । ତେବେ ଏହି ନୂଆ ନିୟମ ଲାଗୁ ହେବା ପରେ ବିମାନ ଟିକେଟ୍ ବୁକିଂ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହେବା ସହ ଯାତ୍ରୀମାନେ ନିଜ ଖର୍ଚ୍ଚ ଓ ରିଫଣ୍ଡ ସମ୍ପର୍କରେ ଆଗୁଆ ନିଷ୍ପତ୍ତି ନେଇପାରିବେ ।

କଂଗ୍ରେସ, ବିଜେଡି ଦଳ ଛାଡି ବିଜେପି ସାମିଲ ହେଲେ ବିରସ ପଞ୍ଚାୟତର ଦୁଇ ଶହରୁ ଉର୍ଦ୍ଧ୍ୱ କର୍ମୀ

ବାସୁଦେବପୁର, ୦୩।୧୧ (ନି.ସୂ) ଭଦ୍ରକ ଜିଲ୍ଲା ବାସୁଦେବପୁରରେ ଧିରେ ଧିରେ ଭାଙ୍ଗୁଛି ବିଜେଡିର ଗଡ। ବଢୁଛି ପଦ୍ମ ଶିବିର। ପୂର୍ବରୁ ବିଜେଡିର ବ୍ଲକ ଅଧ୍ୟକ୍ଷ୍ୟ,ପୂର୍ବତନ ସଂସଦ,ସରପଞ୍ଚ,ସମିତି ସଭ୍ୟ, କାଉସିଲର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସମେତ ହଜାର ହଜାର କର୍ମୀ ବିଜେପିର ମିଶ୍ରଣ ପରେ ଆଜି ବିଜେପିର ବିଧାନସଭା ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତିଙ୍କ ନେତୃତ୍ୱରେ ବିରସ ଗ୍ରାମପଞ୍ଚାୟତର ବିଜେଡି ଗଡ ଭାଙ୍ଗି କଂଗ୍ରେସ ଏବଂ ବିଜେଡି ଦଳ ଛାଡି ୨୦୦ ରୁଉର୍ଦ୍ଧ୍ୱ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ବିଶାଳ ମିଶ୍ରଣ ପର୍ବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା,ବିଧାନ ସଭା ନେତା ବାଣୀକଲ୍ୟାଣ ମହାନ୍ତି, ଉପସଭାପତି ଗିରିଜା ଶଙ୍କର ନାୟକ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ। ବିଦେଇପୁର ବଜାରରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ବଳପୁର ଗ୍ରାମରେ ପହଁଚିବା ପରେ ବଳପୁର ପଡିଆରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ



ହୋଇଥିଲା। ଦୀର୍ଘ ଦିନ ଧରି ବିଜେଡିରେ ରହି ମଧ୍ୟ କିଛି ସୁବିଧା ସୁଯୋଗ ପାଇନଥିବାରୁ ପ୍ରଧାନମନ୍ତ୍ରୀଙ୍କ ନିତି ଆର୍ଦଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଥିବା କହିଛନ୍ତି ଅନ୍ୟ ଦଳ ତ୍ୟାଗ କରିଥିବା ବ୍ୟକ୍ତି। ଯସ୍ୱଶୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନ ସାକାର ହେବ ବୋଲି ଆଜି ଅନ୍ୟଦଳ ଛାଡି ଭାରତୀୟ ଜନତା ପାର୍ଟିରେ ସାମିଲ ହେଉଛନ୍ତି। ଆଗାମୀ ଦିନରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ପଦ୍ମ ଫୁଟିବ ବୋଲି କହିଛନ୍ତି ବିଜେପି ବିଧାନସଭା ନେତା ବାଣୀକଲ୍ୟାଣ ମହାନ୍ତି ।

ବିଶାଖାପାଟଣା ତୈଳ ରିଫାଇନାରୀରେ ବିସ୍ଫୋରଣ

ବିଶାଖାପାଟଣା: ବିଶାଖାପାଟଣା ତୈଳ ରିଫାଇନାରୀରେ ବିସ୍ଫୋରଣ । ହୁତୁହୁତୁ ହୋଇ ଜଳିଲା ନିଆଁ । ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଥିବା ଏଚପିସିଏଲ୍ ତୈଳ ରିଫାଇନାରୀରେ ଅଗ୍ନିକାଣ୍ଡ ଘଟିଛି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ତେବେ ସୌଭାଗ୍ୟବଶତଃ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନାହାଁନ୍ତି।

ଅଘଟଣର ଅନେକ ଭିଡିଓ ଭାଇରାଲ ହେଉଛି । ଏଥିରେ ନିଆଁ ଆକାଶକୁ ଉଠୁଥିବା ଦେଖିବାକୁ ମିଳିଛି । କେଉଁ କାରଣରୁ ଅଗ୍ନିକାଣ୍ଡ ହୋଇଥିଲା ତାହାର କାରଣ ଜଣା ପଡି ନାହିଁ । କମ୍ପାନୀ ପକ୍ଷରୁ ଏହାର କାରଣ ବାବଦରେ ସ୍ପଷ୍ଟ କରାଯିବ । ଏବେ ନିଆଁକୁ ଆୟତ୍ତ କରାଯାଇଛି । ଅଘଟଣ ପରେ ତୁରନ୍ତ ଦମକଳ ବାହିନୀ ସେଠାରେ ପହଁଚିଥିଲେ । ସେମାନେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ । ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ।

ଭାରତୀୟ ନୌସେନାର ବଡ଼ ସଫଳତା

ସମୁଦ୍ର ଲୁଟେରାଙ୍କ କବଳରୁ ୨୦ କ୍ରୁ ସଦସ୍ୟ ଉଦ୍ଧାର

ନୂଆଦିଲ୍ଲୀ, ୩।୧୧ : ଆରବ ସାଗରରେ ଭାରତୀୟ ନୌସେନାର ବଡ଼ ସଫଳତା । ସମୁଦ୍ର ମଧ୍ୟରେ ଲୁଟେରାଙ୍କ କବଳରେ ଫସିଥିବା ମାଛଧରା ଜାହାଜ 'ଅଜିନି'ର ସମସ୍ତ ୨୦ ଜଣ କ୍ରୁ ମେମ୍ବରଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ଭାରତୀୟ ନୌସେନା । ମୁମ୍ବାଇଠାରୁ ୩ ହଜାର କିଲୋମିଟରରୁ ଅଧିକ ଦୂରରେ ଏହି ଉଦ୍ଧାର ଅଭିଯାନ ଚାଲିଥିଲା । ଏହି ଅପରେସନ୍ ପୂରା କରିବାକୁ ନୌସେନାକୁ ୪୮ ଘଣ୍ଟା ସମୟ ଲାଗିଥିଲା ।ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, ଆମର ଯବାନମାନେ ପୁଣି ଥରେ ପ୍ରମାଣ କରିଛନ୍ତି ଯେ, ସମୁଦ୍ରରେ ବିପଦରେ ପଡ଼ିଥିବା ଲୋକଙ୍କ ଜୀବନ ରକ୍ଷା ଓ ସୁରକ୍ଷା ଯୋଗାଇବାରେ ଭାରତ ସକ୍ଷମ । ସମଗ୍ର ଭାରତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ଭାରତର ପ୍ରତିବଦ୍ଧତାକୁ ମଧ୍ୟ ସେ ଦୋହରାଇଛନ୍ତି । ଏଥିସହ ଭାରତୀୟ ନୌସେନାକୁ ଅଭିନନ୍ଦନ ଜଣାଇଛନ୍ତି ।

ସୂଚନା ଅନୁସାରେ, ସୋମାଲିଆର ଉତ୍ତର-ପୂର୍ବ



ଉପକୂଳ ନିକଟରେ 'ଅଜିନି' ନାମକ ଜାହାଜକୁ ସୋମାଲିଆ ସମୁଦ୍ର ଲୁଟେରାମାନେ ଅପହରଣ କରିଥିଲେ । ଗୁରୁବାର ଦିନ ବନ୍ଦର ବାଇଲା ଏବଂ ହାଫୁନ୍ ଉପକୂଳବର୍ତ୍ତୀ ସହର ମଧ୍ୟରେ ଏହି ଜାହାଜକୁ ଅପହରଣ କରାଯାଇଥିଲା । ପ୍ରାୟ ୧୨ ଜଣ ଲୁଟେରା ଜାହାଜକୁ କବ୍ଜା କରିଥିବା ଅଧିକାରୀମାନେ କହିଛନ୍ତି । ପ୍ରାଥମିକ ସୂଚନା ଅନୁସାରେ, ଅପହରଣ ସମୟରେ ଜାହାଜରେ ଇରାନୀୟ କ୍ରୁ ସଦସ୍ୟ ରହିଥିଲେ । ଅନ୍ୟପଟେ, ଆଦେନ୍ ଉପସାଗର ଏବଂ ପଶ୍ଚିମ ଭାରତ ମହାସାଗରରେ ପୁଣି ଥରେ ସୋମାଲିଆ ସମୁଦ୍ର ଲୁଟେରାଙ୍କ ଆକ୍ରମଣ ବଢ଼ିବାରେ ଲାଗିଛି । ଗତ କିଛି ମାସ ମଧ୍ୟରେ ସେମାନେ ଅନେକ ବାଣିଜ୍ୟିକ ଜାହାଜକୁ ଟାର୍ଗେଟ୍ କରିଛନ୍ତି ।

ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ସମୁଦ୍ର ଲୁଟେରାମାନେ ୬ଟି ବାଣିଜ୍ୟିକ ଜାହାଜକୁ ଅପହରଣ କରିଥିଲେ । ଏଥିମଧ୍ୟରୁ କିଛି ଜାହାଜକୁ ସୋମାଲିଆ ଉପକୂଳଠାରୁ ବହୁ ଦୂରରେ ଅପହରଣ କରାଯାଇଥିଲା । ଏହି ଜାହାଜଗୁଡ଼ିକ ମଧ୍ୟରେ 'ସିବୁ-୧' ନାମକ ଏକ ତୈଳ ଟ୍ୟାଙ୍କର ମଧ୍ୟ ସାମିଲ ଥିଲା । ଏହାକୁ ୟେମେନର ଅଲ୍-ମୁକଲ୍ଲା ସହରଠାରୁ ପ୍ରାୟ ୨୫୨ କିଲୋମିଟର ପୂର୍ବରେ ଅପହରଣ କରାଯାଇଥିଲା । ଭାରତୀୟ ନୌସେନାର ଏହି ସଫଳ ଅପରେସନ୍ ସମୁଦ୍ର ପଥରେ ଭାରତର ସୁରକ୍ଷା କ୍ଷମତା ଓ ମାନବିକତାର ଆଉ ଏକ ଉଦାହରଣ ସୃଷ୍ଟି କରିଛି ।

ଭୋଟର ତାଲିକାରୁ ବାଦ ପଡିଥିବାରୁ ଅଭିଯୋଗ



ସିମୁଳିଆ ୦୩।୧୧(ନି.ସୂ.) ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ୍ବରି ଓ ମାର୍କୋଣା ପଞ୍ଚାୟତର ୪୦୦ ରୁ ଅଧିକ ଲୋକଙ୍କର ଏସ.ଆଇ.ଆର୍ ତଦନ୍ତ ପରେ ଭୋଟର୍ ପରିଚୟପତ୍ର ରୁ ନାମ ଅପସାରିତ ହୋଇଥିଲା। ଏଣୁ ଏହାକୁ ବିରୋଧ କରି ସେମାନେ ପ୍ରଥମେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ସିମୁଳିଆ ଥାନାଧିକାରୀ ଶ୍ରୀଯୁକ୍ତ ଦେବରାଜ ଜେନା ଙ୍କ ପାଖରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଗତକାଲି ଭୁବନେଶ୍ୱର ଠାରେ ରାଜ୍ୟ ଇଲେକ୍ସନ କମିସନରଝସ୍ୱବକ୍ସର ଓ ମୁଖ୍ୟ ଇଲୋକ୍ଟ୍ରାଲ ଅଫିସର୍ ଙ୍କୁ ଭେଟି ଏକ ପିଟିସନ ବରି ପଞ୍ଚାୟତ ରେ ୩ ଟି ଈକ୍ଟକ୍ଟସ୍ୱଷ ରେ କଟି ଥିବା ଭୋଟର ମାନଙ୍କ (ପାଖା ପାଖି ୪୦୦), ସରପଞ୍ଚ ଙ୍କ ସହିତ ଦେଇଥିଲେ ।ଯେଉଁମାନେ କି ଭାରତୀୟ ଏବଂ ଦୀର୍ଘ ୫୦ ରୁ ୬୦ ବର୍ଷ ଧରି ଜୀବନ ଜୀବିକା ପାଇଁ ପଶ୍ଚିମ ବଙ୍ଗ ର ମେଦିନୀପୁର, କାନ୍ଥି ଇତ୍ୟାଦି ଅଞ୍ଚଳରୁ ଏବଂ ଓଡ଼ିଶାର ବସ୍ତା, ଜଳେଶ୍ୱର ଅଞ୍ଚଳରୁ ଆସି ରହିଛନ୍ତି, ତଥା ସେମାନଙ୍କ ସବୁ ନଥିପତ୍ର ଅଛି। ସେମାନଙ୍କୁ ଖାଲି ସନ୍ଦେହ ଓ ଚାପ ଭିତ୍ତି ରେ ଭୋଟର ଲିଷ୍ଟ ରୁ ବାଦ୍ ପକେଇବା ଦୁର୍ଭାଗ୍ୟଜନକ ଅଟେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।ତେଣୁ ଏହାର ତଦନ୍ତ ହେବା ସହିତ ସେମାନଙ୍କୁ ନ୍ୟାୟ ଦେବା ପାଇଁ ସେମାନେ ଦାବି କରିଛନ୍ତି।

ଗଜଲକ୍ଷ୍ମୀ ପୂଜାରେ ନଗର କଂଗ୍ରେସ ପକ୍ଷରୁ ସେବା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୩।୧୧ :ଐତିହାସିକ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନଗର କଂଗ୍ରେସ ପକ୍ଷରୁ ସହରର ବିଭିନ୍ନ ପୂଜା ମଣ୍ଡପରେ ସେବାକାର୍ଯ୍ୟ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ନଗର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଏକାଠି ହୋଇ ଏହି ସେବା ମନୋଭାବ ପୋଷଣ କରିଥିଲେ। ନଗର ସଭାପତି ଶ୍ରୀ ପ୍ରଧାନ କେନ୍ଦ୍ରାପଡ଼ା ସହରର ପ୍ରତ୍ୟେକ ଗଜଲକ୍ଷ୍ମୀ ମେଢ଼ ବୁଲି ଦର୍ଶନ କରିବା ସହ ମା'ଙ୍କ ନିକଟରେ ମୁଣ୍ଡ ଟେକି ଜିଲ୍ଲା ତଥା ରାଜ୍ୟର ମଙ୍ଗଳ ପାଇଁ ଆଶୀର୍ବାଦ ଭିକ୍ଷା



କରିଥିଲେ। ଏଥିସହିତ ପୂଜା କାର୍ଯ୍ୟର ସୁପରିଚାଳନା ନିମନ୍ତେ ଦଳ ପକ୍ଷରୁ ମା'ଙ୍କ ପୂଜା ଉଦ୍ଦେଶ୍ୟରେ ବିଭିନ୍ନ କମିଟିକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ପୂଜା ସମୟରେ ଶ୍ରଦ୍ଧାଳୁ ତଥା ଦର୍ଶକମାନଙ୍କ ସୁବିଧା ପାଇଁ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ପିସିସି ପଛୁଆବର୍ଗ ସାଧାରଣ ସମ୍ପାଦକ ବେଣୁଧର ସାହୁ ଏବଂ ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଭାଗୀରଥି ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହା ବ୍ୟତୀତ ଗୋପାଳ ମହାରଣା, ରଞ୍ଜନ ରାଉତ, ସେକ୍ ଜଲ୍ଲାଉଦ୍ଦିନ, ଭୁବନମୋହନ ଭୋଇ ଓ ପ୍ରଭାତ ରାଉତଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ ନେତା ତଥା କର୍ମୀ ଏହି ସେବାକାର୍ଯ୍ୟରେ ସାମିଲ ହୋଇଥିଲେ ।ଉତ୍ସବ ସମୟରେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଏଭଳି ସାମାଜିକ ତଥା ଆଧାତ୍ମିକ କାର୍ଯ୍ୟରେ ସାମିଲ ହେବା ଏବଂ ପୂଜା କମିଟି ଗୁଡ଼ିକୁ ସହଯୋଗର ହାତ ବଢ଼ାଇବା ନଗର କଂଗ୍ରେସର ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମହଲରେ ଚର୍ଚ୍ଚା ହୋଇଛି।

ଖୋରଧା ଜିଲାରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ ପାଇଁ ଡିଆରଏସସି ବୈଠକ



ଖୋରଧା ୩/୧୧(ସ ପ୍ର) : ଖୋରଧା ଜିଲକ୍ଷରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ କରିବା ଉଦ୍ଦେଶ୍ୟରେ ଆଜି ଖୋରଧା ଜିଲକ୍ଷପାଳଙ୍କ କାର୍ଯ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଜିଲକ୍ଷ ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅତିରିକ୍ତ ଜିଲକ୍ଷପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଖୋରଧା ପୋଲିସ, ଜାତୀୟ ରାଜପଥ ପ୍ରାଧିକରଣର ଭୁବନେଶ୍ୱର ଓ ବ୍ରହ୍ମପୁର କାର୍ଯ୍ୟାଳୟର ଅଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ , ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଜଞ୍ଜଡ) ଭୁବନେଶ୍ୱର-ଓ ଓ ଓଓ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସମ୍ପୃକ୍ତ ଅଂଶୀଦାରମାନେ ଯୋଗ ଦେଇଥିଲେ ।ରାଜ୍ୟର ଅଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବା ଜିଲକ୍ଷ ଗୁଡ଼ିକ ମଧ୍ୟରେ ଖୋରଧା ଜିଲା ଅନ୍ୟତମ ହୋଇଥିବାରୁ ବୈଠକରେ ଏହାକୁ ଗୁରୁତ୍ୱର ସହ ଆଲୋଚନା କରାଯାଇଥିଲା। ସଡ଼କ ଦୁର୍ଘଟଣା ରୋକିବା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଓ କାର୍ଯ୍ୟ ଆବଣ୍ଟନ କରାଯାଇଥିଲା। ବିଶେଷକରି ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ଓ ଯାଞ୍ଚ , ସଡ଼କ ଭିତ୍ତିଭୂମିର ଉନ୍ନତି ଓ ତ୍ରୁଟି ସୁଧାର ଏବଂ ଦୁର୍ଘଟଣା ପରବର୍ତ୍ତୀ ତ୍ୱରିତ ଚିକିତ୍ସା ଓ ଜରୁରୀକାଳୀନ ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ସହ ଜିଲକ୍ଷରେ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ଆହ୍ୱାନ ଦିଆଯାଇଥିଲା।

ପୁଣେର ସଡ଼କ ଦୁର୍ଘଟଣାରେ ଓଡ଼ିଆ ଯୁବକଙ୍କ ମୃତ



ଧାମନଗର,୦୩।୧୨(ନିସୂ) : ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସ୍ଥିତ କୋରୁଆ ଗ୍ରାମର ଯୁବକ ହିତେଶ କୁମାର ବେହୁରିଆ(୨୦)ଙ୍କର ପୁଣେ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି ।ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଛି। କୋରୁଆ ଗ୍ରାମର ସଦାଶିବ ବେହୁରିଆଙ୍କ ଏକମାତ୍ର ପୁଅ ହିତେଶ ମହାରାଷ୍ଟ୍ର ରାଜ୍ୟର ପୁଣେ ଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ସୋମବାର ରାତି ପ୍ରାୟ ୧୦.୩୦ ସମୟରେ ହିତେଶ ଏବଂ କୋରୁଆ ଗ୍ରାମର ତାଙ୍କର ଅନ୍ୟ ୪ ଜଣ ସାଙ୍ଗ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ପରସ୍ପର କଥାବାର୍ତ୍ତା ହେଉଥିଲେ ।ଏହି ସମୟରେ ଦ୍ରୁତଗତିରେ ଏକ କାର ଆସି ଠିଆ ହୋଇଥିବା ଯୁବକମାନଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଦୁଇ ଜଣ ହଠାତ୍ ପଳାଇ ଯାଇ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତିନିଜଣ କାର ଧକ୍କାରେ ଆହତ ହୋଇଥିଲେ। ମାତ୍ର ହିତେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ନିଆଯାଇଥିଲା ।ଭେଣ୍ଟିଲେଟର ସିଷ୍ଟମରେ ଥିବା ହିତେଶଙ୍କର ଆଜି ଅପରାହ୍ନରେ ସେଠାରେ ମୃତ୍ୟୁ ଘଟିଥିଲା। ସେଠାରେ ମୃତ ଯୁବକଙ୍କ ଶବ ବ୍ୟବଛେଦ କରାଯାଇଛି ।ବାଙ୍ଗାଲୋରରେ ରହୁଥିବା ତାଙ୍କର ସମ୍ପର୍କୀୟ ପୁଣେରେ ପହଞ୍ଚିଥିବା ବେଳେ ଆସନ୍ତାକାଲି ହିତେଶଙ୍କ ମୃତଦେହ କୋରୁଆ ଅଣାଯିବାର ସମ୍ଭାବନା ରହିଛି।

ଭାରୀଯାନ ଧକ୍କାରେ ଦୁଇ ବାଇକ ଆରୋହୀ ମୃତ : ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର

କ୍ଷତିପୂରଣ ପାଇଁ ରାସ୍ତାରୋକ,ପ୍ରତିଶ୍ରୁତି ପରେ ହଟିଲା

କଳାହାଣ୍ଡି, ଲାଞ୍ଜିଗଡ଼,୦୩/୧୧(ନି.ସୂ): ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ବଞ୍ଜାରୀଘାଟି- କୁଚେଇଜୋର ନିକଟରେ ଦ୍ରୁତଗତିରେ ଯାଉଥିବା ଏକ ଆଲୁମିନିୟମ ବୋଝେଇ ବଲକଟେନର ଧକ୍କାରେ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ ପ୍ରତିବେଡା ଗାଁର ଦୁର୍ଯ୍ୟୋଧନ ଭୋଇ (୨୮) ଓ ସେଇ ଗାଁର ଦିଗାମ୍ବର ଗଉଡ଼ (୧୮)ଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଦୁର୍ଯ୍ୟୋଧନ ସହିତ ଦିଗାମ୍ବର ୧ ତାରିଖ ରବିବାର ରାତି ପ୍ରାୟ ୧୦.୩୦ ସମୟରେ ନିଜ ଗାଁ ପ୍ରତିବେଡାରୁ ଏକ ବାଇକ(ଓଡି-୦୮- ଆର-୧୨୧୧) ଯୋଗେ ଦୁର୍ଯ୍ୟୋଧନଙ୍କ ଶ୍ୱଶୁର ଘର ନର୍ଲା ଥାନା ଗୋଖରାକୁ ଯାଉଥିଲେ। ଏହି ସମୟରେ କାକିନାଡ଼ାରୁ ଆଲୁମିନିୟମ ପାଉଡ଼ର ବୋଝେଇ କରି କୋରବା ଯାଉଥିବା ବଲକଟେନର(କେଏ-୪୮-ଏ-୦୯୭୦) ଦ୍ରୁତଗତିରେ ଦୁଇଜଣଙ୍କ ଉପରେ ମଡ଼ାଇ ଦେଇ ପଳାଉଥିଲା। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବାପରେ ପୁଲିସ ଛତିକୁଡ଼ା ନିକଟରେ ବଲକଟେନରକୁ ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖିଥିଲା। ସେହିପରି ଦୁଇଜଣଙ୍କ କ୍ଷତବିକ୍ଷତ ଶବକୁ ଉଦ୍ଧାର କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଶବାଗାରରେ ସଂରକ୍ଷିତ କରି ରଖାଯାଇଥିଲା। ଅପରପକ୍ଷରେ କ୍ଷତିପୂରଣ ଦାବିରେ ପରିବାର ଲୋକେ କୁଚେଇଜୋର ନିକଟରେ ରାସ୍ତାରୋକ କରିଥିଲେ। ଏହି ସମୟରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପସଭାପତି ଯୁଧିଷ୍ଠିର ଗଉଡ଼, ଆଇନ ପରାମର୍ଶଦାତା ସଞ୍ଜୟ ଧଙ୍ଗଡ଼ାମାଝୀ, କୋଷାଧ୍ୟକ୍ଷ ଈଶ୍ୱର ବଗର୍ତ୍ତି, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ଼ଙ୍କ ସମେତ ଲାଞ୍ଜିଗଡ଼ ଓ ନର୍ଲା ବ୍ଲକ୍ ଯାଦବ ମହାସଭାର ବହୁ କର୍ମକର୍ତ୍ତା, ସଦସ୍ୟ ସାମିଲ ଥିଲେ। କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ, ନର୍ଲା ଥାନାଧିକାରୀ କୈବଲ୍ୟ ସେଠ, ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରା, ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀମୋହନ ପିଡ଼ିକା ପ୍ରମୁଖ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ନର୍ଲା ତହସିଲଦାର ବିଷ୍ଣୁପ୍ରସାଦ ସିଂଙ୍କ ଦ୍ୱାରା ରେଡ଼କ୍ରସରୁ ମୃତକଙ୍କୁ ଦଶ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ପରେ ରାସ୍ତାରୋକ ହଟିଥିଲା। ସେହିପରି ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପୁଲିସ ପକ୍ଷରୁପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁରେ ଏକ ଶୋକାକୁଳ ପରିବେଶରେ ଶବ ସତ୍କାର କରାଯାଇଥିଲା। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ପାଇଁ ଚିକିତ୍ସାଳୟ ପରିସରରେ ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ପୀତବାସ ବେହେରା, ନର୍ଲା ବ୍ଲକ ଯାଦବ ମହାସଭାର ସଭାପତି ଲିଙ୍ଗରାଜ କରୁଆଁ, ବନ୍ଧପାରୀ ସରପଞ୍ଚ ଜଗବନ୍ଧୁ ମାଝୀ, ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

ଅଚଳ ପାଣିଟାଙ୍କି:କର୍ଣ୍ଣପାତ କରୁନାହାନ୍ତି ଅଧିକାରୀ !

ମ.ରାମପୁର,୦୩/୧୧(ନି.ସୂ):ନଳ ଅଛି, ପାଣିଟାଙ୍କି ଅଛି, ପାଇପ ଅଛି, ସରକାରୀ ଯୋଜନା ମଧ୍ୟ ଅଛି। ନାହିଁ କେବଳ ପାଣି। ଦିନେ ଦିନେ ଲୋକଙ୍କ ଘରେ ନଳ ଖୋଲୁଛି, କିନ୍ତୁ ବାହାରୁନାହିଁ ପାଣିର ଧାର। ଆଜି ନୁହେଁ, ମାସେ ନୁହେଁ,ଦୀର୍ଘ ଚାରି ବର୍ଷ ଧରି ଏହି ଅବସ୍ଥା।କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ମୁଡିଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘୋଡାପଖର ମହାବନ୍ଦ ଛକରେ ଥିବା ପାଣିଟାଙ୍କି ଏବେ ଲୋକଙ୍କ ତୃଷ୍ଣା ମେଣ୍ଟାଇବା ବଦଳରେ ବିଭାଗୀୟ ଅବହେଳାର ନିରବ ପ୍ରତୀକ ପାଲଟିଛି।ସୂଚନା ଅନୁଯାୟୀ, ୨୦୧୦ ମସିହାରୁ ଚାଲୁଥିବା ଏହି ଜଳଯୋଗାଣ ବ୍ୟବସ୍ଥା ଉପରେ ଘୋଡାପଖର ସମେତ ପିପଲପଡା, ଦୁର୍ଲାଦୁନି ଓ ମାଡେଦୁନି ଅଞ୍ଚଳର ପ୍ରାୟ ୭ ହଜାର ଲୋକ ନିର୍ଭର କରୁଥିଲେ। ଦିନେ ଏହି ଟାଙ୍କିର ପାଣି ଅନେକ ପରିବାରର ଜୀବନର ଭରସା ଥିଲା। କିନ୍ତୁ ଏବେ ସେହି ଭରସା ଭାଙ୍ଗିଯାଇଛି।ପାଣି ପାଇଁ ଲୋକଙ୍କୁ ଅନ୍ୟ ଉତ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଘରର ଦୈନନ୍ଦିନ କାମଠାରୁ ଆରମ୍ଭ କରି ପାନୀୟ ଜଳ ପର୍ଯ୍ୟନ୍ତ ସବୁଥିରେ ଦେଖାଦେଉଛି ସମସ୍ୟା। ପାଣି ଭଳି ମୌଳିକ ଆବଶ୍ୟକତା ପାଇଁ ଏତେ ବର୍ଷ ଧରି ଲୋକେ ଅପେକ୍ଷା କରିବାକୁ ବାଧ୍ୟ ହେବା କେତେ ଯୁକ୍ତିସଙ୍ଗତ? ଏହି ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ।ଗ୍ରାମବାସୀଙ୍କ ଅଭିଯୋଗ, ଟାଙ୍କି ଅଚଳ ହେବା ପରଠାରୁ ସମସ୍ୟାର ସମାଧାନ ପାଇଁ ବହୁଥର ବିଭାଗୀୟ ଅଧିକାରୀଙ୍କ ନିକଟରେ ଗୁହାରି କରାଯାଇଛି। ହେଲେ ଅଭିଯୋଗର ପାହାଡ଼ ଉପରେ ମଧ୍ୟ ବିଭାଗୀୟ ନିରବତା ଭାଙ୍ଗିନାହିଁ। ଗଣମାଧ୍ୟମରେ ଖବର ପ୍ରଚାର ପରେ କିଛିଦିନ ପୂର୍ବରୁ ପାଇପ କାମ ଆରମ୍ଭ ହୋଇଥିଲା। ଏହାକୁ ଦେଖି ଲୋକଙ୍କ ମନରେ ପୁଣି ଆଶା ଜାଗିଥିଲା ଏଥର ବୋଧହୁଏ ଘରକୁ ପାଣି ଆସିବ। କିନ୍ତୁ ସେହି ଆଶା ମଧ୍ୟ ଅଧା ରାସ୍ତାରେ ଅଟକିଗଲା। କିଛିଦିନ ପରେ କାମ ବନ୍ଦ ହୋଇଯିବାରୁ ଲୋକଙ୍କ ମନରେ ପୁଣି ନିରାଶା ଘୋଟି ଆସିଛି। ବିଦ୍ୟୁତ୍ କାମ ସମ୍ପୂର୍ଣ୍ଣ ହୋଇନଥିବାରୁ ଜଳଯୋଗାଣ ବ୍ୟବସ୍ଥା ସଚଳ ହୋଇପାରୁନଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ବିନୋଦ ବିହାରୀ ସିଂଙ୍କ ଭୂମିକାକୁ ନେଇ ମଧ୍ୟ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଏନେଇ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ପ୍ରତିକ୍ରିୟା ମିଳିନାହିଁ। ଯେଉଁ ପାଣିଟାଙ୍କି କେବେ ହଜାର ହଜାର ଲୋକଙ୍କ ତୃଷ୍ଣା ମେଣ୍ଟାଉଥିଲା, ଆଜି ସେହି ଟାଙ୍କି ନିଜେ



ଶୃଙ୍ଖଳା ଭରସାର ପ୍ରତୀକ। ଚାରି ବର୍ଷ ଧରି ଲୋକଙ୍କ ଅପେକ୍ଷାର ଅନ୍ତ କେବେ ହେବ? କେବେ ଘରର ଶୃଙ୍ଖଳା ନଳରୁ ପୁଣି ପାଣିର ଧାର ବାହାରିବ? ଏବେ ଅଞ୍ଚଳବାସୀଙ୍କ ଗୋଟିଏ ଦାବି ପ୍ରତିଶ୍ରୁତି ନୁହେଁ, ତୁରନ୍ତ ପାଣି ଦରକାର। ଦୀର୍ଘ ଚାରି ବର୍ଷର ଏହି ଜଳ ଯନ୍ତ୍ରଣାର ଅନ୍ତ କରି ଜଳଯୋଗାଣ ବ୍ୟବସ୍ଥାକୁ ଶୀଘ୍ର ସଚଳ କରାଯାଉ। ମଦନପୁର ରାମପୁର ପ୍ରତି ଭବିଷ୍ୟତ କୁ ନଜର ରଖିଥିବା ରାଜନେତା ମାନେ ଅଧିକାରୀ ସହିତ ସମ୍ପର୍କ ନ ରଖି ଜନତାଙ୍କ ହିତସକାସ ରେ କାର୍ଯ୍ୟ କରି ଲୋକ ସେବା କରନ୍ତୁ ବୋଲି ଜନସାଧାରଣ ରେ ଅନୁରୋଧ କରିଛନ୍ତି।

ବଡ଼ଓଷା ପାଇଁ କଟକ ଜିଲ୍ଲା ପ୍ରଶାସନର କଟକଣା: ୧୯ରୁ ୨୪ ନଭେମ୍ବର ଯାଏଁ ଟି-ବ୍ରିଜ୍‌ରେ ଯାନବାହନ ଚଳାଚଳ ନିଷେଧ

କଟକ,୦୩/୧୧(ନି.ସୂ): ପ୍ରସିଦ୍ଧ ବାବା ସିଂହନାଥଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷା ଉତ୍ସବ ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତାୟାତ କଟକଣା ଜାରି କରାଯାଇଛି। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୧୯ ନଭେମ୍ବର ମଧ୍ୟରାତ୍ରିରୁ ୨୪ ନଭେମ୍ବର ମଧ୍ୟରାତ୍ରି ପର୍ଯ୍ୟନ୍ତ ଟି-ବ୍ରିଜ୍‌କୁ 'ନୋ ଭେହିକିଲ୍ ଜୋନ୍' ଘୋଷଣା କରାଯାଇଛି। ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ, ବଡ଼ମ୍ବା ପାର୍ଶ୍ୱରୁ ବୈଦେଶ୍ୱର ପାର୍ଶ୍ୱକୁ ସଂଯୋଗ କରୁଥିବା ସମଗ୍ର ଟି-ବ୍ରିଜ୍‌ରେ କୌଣସି ଯାନବାହନ ଚଳାଚଳ କରିପାରିବ ନାହିଁ। ସେହିପରି ବଡ଼ମ୍ବା-ନରସିଂହପୁର ରାସ୍ତାର ଗୋପୀନାଥପୁର ଏବଂ ବାଙ୍କୀ-ବୈଦେଶ୍ୱର ରାସ୍ତାର ବୈଦେଶ୍ୱର ଛକଠାରେ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଏବଂ ଆମ୍ବୁଲାନ୍ସକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ବଡ଼ଓଷା ଓ ପଞ୍ଚକ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ବାବା ସିଂହନାଥଙ୍କ ଦର୍ଶନ ପାଇଁ ଆସୁଥିବାରୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା, ଟ୍ରାଫିକ୍ ବ୍ୟବସ୍ଥାର ସୁଚାରୁ ପରିଚାଳନା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେଣୁ ଉକ୍ତ ସମୟ ମଧ୍ୟରେ ଯାତାୟାତ କରୁଥିବା ଜନସାଧାରଣ ପ୍ରଶାସନର ନିୟମାବଳୀ ପାଳନ କରିବା ସହ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ,୧୨ ଗିରଫ; ୧୫ଟି ଚୋରି ମାମଲାର ପର୍ଦ୍ଦାଫାଶ, ୫୦୦ ଗ୍ରାମ ସୁନା ଓ ୧୧ କେଜି ରୁପା ଜବତ

ଖୋରଧା, ୩/୧୧(ନି.ସୂ) : ଖୋରଧା ଜିଲା ପୁଲିସକୁ ମିଳିଛି ବଡ଼ ସଫଳତା। ଦୀର୍ଘ ଦିନ ଧରି ଖୋରଧା ଓ ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ସୁନା, ରୁପା ଅଳଙ୍କାର ଦୋକାନ ଓ ଘରକୁ ଟାର୍ଗେଟ କରି ଚୋରି କରୁଥିବା ଏକ ଆନ୍ତଃଜିଲା ଚୋର ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି ପୁଲିସ। ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତ ଓ ଚୋରି ସାମଗ୍ରୀ କିଣୁଥିବା ଜଣେ ଗ୍ରହୀତାଙ୍କୁ ମିଶାଇ ମୋଟ ୧୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଏହି ଗ୍ୟାଙ୍ଗର ସମ୍ପୃକ୍ତି ଥିବା ୧୫ଟି ଚୋରି ମାମଲାର ମଧ୍ୟ ପର୍ଦ୍ଦାଫାଶ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୭ ଓ ୨୮ ତାରିଖ ରାତିରେ ବାଣପୁରସ୍ଥିତ ନିରଞ୍ଜନ ଜୁଏଲର୍ସ ଦୋକାନର ପଛପାଖ ପ୍ରାୟ ୧୦ ଇଞ୍ଚ ମୋଟା କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶିଥିଲେ। ସେଠାରୁ ନଗଦ ୫ ଲକ୍ଷ ଟଙ୍କା ସହ ପ୍ରାୟ ୪୦୦ ଗ୍ରାମ ସୁନା ଅଳଙ୍କାର ଓ ୧୩ କିଲୋଗ୍ରାମ ରୁପା ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ବାଣପୁର ଥାନାରେ ମାମଲା ରୁଜୁ ହୋଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ଖୋରଧା ଏସ୍‌ପି ପରମାର ସ୍ମିତ ପର୍ଶୋତ୍ତମଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ନାଚୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ଟାଙ୍ଗୀ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୂଜବଳ, ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଓ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ଟିମ୍‌ଗୁଡ଼ିକ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।ଚୋରିର କାର୍ଯ୍ୟଶୈଳୀ ବିଶ୍ଳେଷଣ, ଗୁପ୍ତ ସୂଚନା ସଂଗ୍ରହ ଓ ନିରନ୍ତର ତଦନ୍ତ ପରେ ପୁଲିସ ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ୧୨ ଜଣଙ୍କ ମଧ୍ୟରେ ୧୧ ଜଣ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତ ଥିବାବେଳେ ଜଣେ ଚୋରି ସାମଗ୍ରୀ କିଣୁଥିବା ଗ୍ରହୀତା ରହିଛନ୍ତି। ଏହି ଗିରଫଦାରି ଫଳରେ ଖୋରଧା ଜିଲାର ଟାଙ୍ଗୀ, ନାଚୁଣୀ, ବାଣପୁର ଓ ବାଲୁଗାଁ ସମେତ ନୟାଗଡ଼ ଜିଲାର ଚାନ୍ଦପୁର ଥାନା ଅଞ୍ଚଳର ମୋଟ ୧୫ଟି ଚୋରି ମାମଲାର ସମାଧାନ ହୋଇଛି। ପୁଲିସ ପକ୍ଷରୁ ଜବତ ସାମଗ୍ରୀ ମଧ୍ୟରେ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ରହିଛି। ଦୀର୍ଘ ଦୁଇ ବର୍ଷ ଧରି ଦୁଇଟି ଜିଲାରେ ସକ୍ରିୟ ଥିବା ଏହି ଚୋର ଗ୍ୟାଙ୍ଗକୁ ଧରିବା ଖୋରଧା ଜିଲା ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଇଛି। ବିଶେଷକରି ବାଲୁଗାଁ ଉପଖଣ୍ଡର ସୁନା ରୁପା ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଏହା ଆଶ୍ୱସ୍ତି ସୃଷ୍ଟି କରିଛି। ତେବେ ଏହି ଗ୍ୟାଙ୍ଗ୍ ?ର ଅନ୍ୟ କୌଣସି ଅପରାଧିକ ସମ୍ପୃକ୍ତି ରହିଛି କି ନାହିଁ, ତାହା ଜାଣିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।



ଅର୍ଣ୍ଣବ ବାତ୍ୟା ପରେ ବନ୍ୟାରେ ଧୋଇଗଲା ବର୍ଷ ବର୍ଷର ଝାଳବୁହା ଅର୍ଜିତ ସମ୍ପତ୍ତି !

ଧାନ,ଚାଉଳ,ସିମେଣ୍ଟ,ରଡ୍ ଓ ଦୋକାନ ଘର ଛାରଖାର; ନୂଆ ବୁରୁପଡ଼ାର ରମେଶ ଚନ୍ଦ୍ର ପାତ୍ରଙ୍କୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଦାବି

ହିଞ୍ଜିଳିକାଟୁ,୦୩/୧୧(ନି.ସୂ): ପ୍ରକୃତିର କରାଳ ରୂପ ଆଗରେ ହାର ମାନିଛି ବର୍ଷ ବର୍ଷର ପରିଶ୍ରମ। ଅର୍ଣ୍ଣବ ବାତ୍ୟା ପରେ ଆସିଥିବା ବନ୍ୟା ଜଳ ଧୋଇ ନେଇଛି ଜଣେ ବ୍ୟବସାୟୀଙ୍କ ଜୀବନର ସାରା ସଞ୍ଚିତ ପୁଞ୍ଜି ଓ ଝାଳବୁହା ଅର୍ଜିତ ସମ୍ପତ୍ତି। ବନ୍ୟା ପାଣିରେ ଧାନ, ଚାଉଳ, ସିମେଣ୍ଟ, ରଡ୍ ସହ ଦୋକାନ ଘର ଓ ମିଲ୍‌ର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବାର। ଏଭଳି ଏକ ଦୁଃଖଦ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ନୂଆ ବୁରୁପଡ଼ା ଗ୍ରାମରେ ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ, ନୂଆ ବୁରୁପଡ଼ା ଗ୍ରାମରେ ଥିବା ମା' ସମଲାଇ ରାଇସ୍ ମିଲ୍ ସହ ଏହା ସଂଲଗ୍ନ ଜଗନ୍ନାଥ ଟ୍ରେଡ଼ସ ସିମେଣ୍ଟ ଓ ରଡ୍ ଦୋକାନରେ ବନ୍ୟା ଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ୟା ପାଣିର ପ୍ରବଳ ସ୍ରୋତରେ ଦୋକାନ ଘରର କିଛି ଅଂଶ ଭାଙ୍ଗିଯିବା ସହ ଘର ନିର୍ମାଣ ପାଇଁ ଗଚ୍ଛିତ ରଖାଯାଇଥିବା ବହୁ ସାମଗ୍ରୀ ନଷ୍ଟ ହୋଇଛି। ପ୍ରାୟ ୩୦୦ ବସ୍ତାରୁ ଊର୍ଦ୍ଧ୍ୱ ସିମେଣ୍ଟ ଓ ପ୍ରାୟ ୧୮୦୦ କିଲୋଗ୍ରାମ ରଡ଼ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।କେବଳ ସିମେଣ୍ଟ ଓ ରଡ୍ ଦୋକାନ ନୁହେଁ, ରାଇସ୍ ମିଲ୍‌ରେ ଗଚ୍ଛିତ ଥିବା ଧାନ ଓ ଚାଉଳ ମଧ୍ୟ ବନ୍ୟା ପାଣିରେ ଭିଜି ନଷ୍ଟ ହୋଇଛି। ମିଲ୍‌ର କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ ବ୍ୟବସାୟ ପୁଣି ଆରମ୍ଭ କରିବା ଏବେ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି।ଏହି ମିଲ୍‌ର ମାଲିକଙ୍କ ସ୍ୱାମୀ ରମେଶ ଚନ୍ଦ୍ର ପାତ୍ରଙ୍କ କହିବା ଅନୁଯାୟୀ, ବନ୍ୟା ଯୋଗୁଁ ମିଲ୍‌ରେ ଥିବା ଧାନ, ଚାଉଳ, କୋଠାବାଡ଼ି, ସିମେଣ୍ଟ ଓ ରଡ୍ ଦୋକାନ ସମେତ ସମସ୍ତ ସମ୍ପତ୍ତିରେ ପ୍ରାୟ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଛି। ବର୍ଷ ବର୍ଷ ଧରି ଦିନରାତି ପରିଶ୍ରମ କରି ଯାହା ସଞ୍ଚୟ କରିଥିଲେ, ତାହା ଗୋଟିଏ ବନ୍ୟାରେ ନଷ୍ଟ ହୋଇଯାଇଛି ବୋଲି ସେ ଦୁଃଖର ସହ ପ୍ରକାଶ କରିଛନ୍ତି।ବ୍ୟବସାୟ ଉପରେ ନିର୍ଭର କରି ଚଳୁଥିବା ପରିବାର ପାଇଁ ଏହି କ୍ଷତି କେବଳ ଆର୍ଥିକ ନୁହେଁ, ବରଂ ଜୀବନ ଜୀବିକା ଉପରେ ଏକ ବଡ଼ ଆଘାତ। ଏତେ ବଡ଼ କ୍ଷତି ପରେ ପୁଣି ଥରେ ବ୍ୟବସାୟକୁ ଠିଆ କରିବା କିପରି ସମ୍ଭବ ହେବ, ସେନେଇ ଚିନ୍ତାରେ ରହିଛନ୍ତି ରମେଶ ଚନ୍ଦ୍ର ପାତ୍ର।ଏପରି ସ୍ଥିତିରେ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ଦାବି ଉଠିଛି। ସରକାରୀ ସ୍ତରରେ କ୍ଷତିର ସଠିକ୍ ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ମିଳିଲେ ହିଁ ସେମାନେ ପୁଣି ଥରେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଥିବା ସ୍ୱପ୍ନ ଭାଙ୍ଗିଯାଇଥିବା ବେଳେ ଏବେ ପ୍ରଶାସନର ସହାୟତାକୁ ଅପେକ୍ଷା କରିଛନ୍ତି ପାତ୍ର ପରିବାର।



ଗଞ୍ଜାମରେ ବିଦ୍ୟୁତ ଓ ଜଳ ଯୋଗାଣ ମରାମତିରେ ସରକାରୀ ଆଇଟିଆଇ ଛାତ୍ର

ଛତ୍ରପୁର,୩/୧୧(ନି.ସୂ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥା ଓ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାଣି ଉଠା ପମ୍ପ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ କ୍ଷତିଗ୍ରସ୍ତ ହୋଇ ଅକାମୀ ହୋଇପଡ଼ିଛି। ଏପରି ପରିସ୍ଥିତିରେ ଜିଲ୍ଲାର ୫ଟି ସରକାରୀ ଆଇ.ଟି.ଆଇ. ଓ ସରକାରୀ ଇଞ୍ଜିନିୟରିଂ କଲେଜର ଛାତ୍ରମାନେ ମରାମତି କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହୋଇଛନ୍ତି। ଆସିକା ଉପଖଣ୍ଡ ଚିକିତ୍ସାଳୟରେ କ୍ଷତିଗ୍ରସ୍ତ ବୈଦ୍ୟୁତିକ ସାମଗ୍ରୀର ମରାମତି କାର୍ଯ୍ୟ ମଧ୍ୟ ସଫଳତାର ସହ ସମ୍ପନ୍ନ କରିଛନ୍ତି। ସରକାରୀ ଆଇ.ଟି.ଆଇ,ବ୍ରହ୍ମପୁର, ଶେରଗଡ଼, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ ଓ ଛତ୍ରପୁର ସହିତ



ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁରର ଛାତ୍ରମାନେ ଏହି କାର୍ଯ୍ୟରେ ଯୋଗଦେଇଛନ୍ତି । ସେମାନେ କ୍ଷତିଗ୍ରସ୍ତ ବୈଦ୍ୟୁତିକ ଉପକରଣ ଏବଂ ଜଳ ଯୋଗାଣ ବ୍ୟବସ୍ଥାର ମରାମତି କରି ସାଧାରଣ ଜୀବନଯାତ୍ରା ସ୍ୱାଭାବିକ କରିବାକୁ ଉଦ୍ୟମ କରୁଛନ୍ତି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ପୁନରୁଦ୍ଧାର କାର୍ଯ୍ୟରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଛାତ୍ର ଦଳଙ୍କୁ ଜଣେ ଲେଖାଏଁ ସୁପରଭାଇଜର ତଦାରଖ କରୁଛନ୍ତି । ବୈଷୟିକ ଶିକ୍ଷାକୁ ସାମାଜିକ ସେବା ସହ ଯୋଡ଼ି ଏହି ଯୁବ ଛାତ୍ରଛାତ୍ରୀମାନେ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ ଓ ପୁନରୁଦ୍ଧାର କାର୍ଯ୍ୟରେ ନିଜ ଦକ୍ଷତାର ସଫଳ ପରିଚୟ ପ୍ରଦାନ କରିଛନ୍ତି ।

ବାଲେଶ୍ୱରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ,ପ୍ରତି ବ୍ଲକରେ ହେବ କମିଟି ଗଠନ

ଜଳେଶ୍ୱର,୩/୧୧(ନି.ସୂ):ନିଶାମୁକ୍ତ ତଥା ସୁସ୍ଥ ସମାଜ ଗଠନ ଲକ୍ଷ୍ୟ ନେଇ ରାଜ୍ୟର ଅଗ୍ରଣୀ ସଂଗଠନ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ବାଲେଶ୍ୱର ଶାଖା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ବାଲେଶ୍ୱରର ଅଡ଼ଙ୍ଗ ବଜାର ନିକଟସ୍ଥ ଆନନ୍ଦ ମାର୍ଗ ପରିସରରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ପ୍ରତିଟି କୋଣ ଅନୁକୋଣରେ ନିଶା ନିବାରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସଂକଳ୍ପ ଗ୍ରହଣ କରାଯାଇଛି।ଶାଖା ସଭାପତି ଅଶୋକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶା ରାଜ୍ୟ ମୋନା କମିଟିର ସମ୍ପାଦକ ମନମୋହନ ମିଶ୍ର,ବାଲେଶ୍ୱର ଜିଲ୍ଲା ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ମନୋଜ କୁମାର ନାୟକ,ବିଶିଷ୍ଟ ସମାଜସେବୀ ଷ୍ଟାଲିନ ମିଶ୍ର ଓ ସନାତନ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଦିଗଦର୍ଶନ ପ୍ରଦାନ କରିଥିଲେ। ସମ୍ପାଦିକା ଜ୍ୟୋତ୍ସ୍ନା ରାଣୀ ମହାନ୍ତି ନବଗଠିତ କମିଟିର ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସାଧୁ ଚରଣ ମଲ୍ଲିକ ସାଙ୍ଗଠନିକ କାର୍ଯ୍ୟକୁ ଆଗେଇ ନେବା ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇଦେବାକୁ ଉପସ୍ଥିତ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ।ଏହି ଅବସରରେ କାର୍ଯ୍ୟକାରୀ ସଭାପତି ଅମରେନ୍ଦ୍ର ନାୟକ,ଉପସଭାପତି ଆଇନଜୀବୀ ଅରୁଣ କୁମାର ରାଉତ,ପୂର୍ବତନ ସଭାପତି ପିତାମ୍ବର ଭୂୟାଁ,ମୀନକେତନ ବେହେରା,ମାଧବୀ ସେନାପତି,ଶଙ୍କର୍ଷଣ ବାରିକ ଓ ଅଧ୍ୟାପକ ଭାସ୍କର ରାଉତ ପ୍ରମୁଖ ଉପସ୍ଥିତ ରହି ସଂଗଠନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ।ଜିଲ୍ଲାରେ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସର୍ବସମ୍ମତିକ୍ରମେ ସମସ୍ତ ବ୍ଲକରେ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ରେମୁଣା, ନୀଳଗିରି, ବସ୍ତା, ବାଲିଆପାଳ,ଭୋଗରାଇ, ଔପଦା ଏବଂ ବାଲେଶ୍ୱର ସଦର ବ୍ଲକ। ଦ୍ୱିତୀୟ ପର୍ଯ୍ୟାୟ ସୋର, ସିମୁଳିଆ, ବାହାନଗା ଏବଂ ଖଇରା ବ୍ଲକ। ନିଶା କବଳରୁ ଯୁବପିଢ଼ିଙ୍କୁ ରକ୍ଷା କରିବା ନିମନ୍ତେ ବିଶେଷକରି ମହିଳା ଓ 'ଜେନ୍-ଜି' ବର୍ଗର ଯୁବକଯୁବତୀ ମାନଙ୍କୁ ଏହି ଅଭିଯାନରେ ସାମିଲ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ନିଶାମୁକ୍ତ ସମାଜ ଗଠନର ସ୍ୱପ୍ନକୁ ସାକାର କରିବା ସହ ଗାନ୍ଧୀବାଦୀ ନେତା ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବାଲେଶ୍ୱର ଜିଲ୍ଲାରେ ଏହି ସଂଗ୍ରାମକୁ ଅବ୍ୟାହତ ରଖିବାକୁ କର୍ମକର୍ତ୍ତାମାନେ ଶପଥ ନେଇଥିଲେ।

ୟୁଜିସି ରେଗୁଲେସନ ପ୍ରତ୍ୟାହାର ଦାବିରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

କଳାହାଣ୍ଡି,(ନି.ସୂ):ସବର୍ଣ୍ଣ ସମାଜ ବିରୋଧୀ ତଥା ଛାତ୍ର ଛାତ୍ରୀଙ୍କ ପ୍ରତି ଘୋର ପକ୍ଷପାତ ସୃଷ୍ଟିକାରୀ ୟୁଜିସି ରେଗୁଲେସନ ୨୦୨୬ କୁ ତୁରନ୍ତ ପ୍ରତ୍ୟାହାର ଦାବିରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ଉପ-ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ବ୍ରାହ୍ମଣ ସମାଜର ସଦସ୍ୟ ସଦସ୍ୟା ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରିବା ସହ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ସାଧାରଣ ସବର୍ଣ୍ଣ ବର୍ଗର ଛାତ୍ର ଛାତ୍ରୀଙ୍କ ପ୍ରତି ପକ୍ଷପାତ ସୃଷ୍ଟିକାରୀ ଏହି ୟୁଜିସି ରେଗୁଲସନ ଭାରତୀୟ ସମ୍ବିଧାନର ଧାରା ୧୪ ସମାନତା ଅଧିକାରକୁ କ୍ଷୁର୍ଣ୍ଣ କରୁଛି ଏବଂ ସାମାଜିକ ସଦଭାବନା ରକ୍ଷା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିବ।ଏହା ସବର୍ଣ୍ଣ ସମାଜ ଛାତ୍ର ଛାତ୍ରୀଙ୍କ ପ୍ରତି ଅବିଚାର ତେଣୁ ଏହି କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ବ୍ରାହ୍ମଣ ସମାଜ କଳାହାଣ୍ଡି ଦାବି କରିଛି। ଅନ୍ୟ ମାନଙ୍କ ମଧ୍ୟରେ ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର କମିଟି ଉପ-ସଭାପତି ଆଦିତ୍ୟ ମିଶ୍ର,ସମ୍ପାଦକ ଶେଷଦେବ ମିଶ୍ର, ସମାଜର ସଭ୍ୟ ବରିଷ୍ଠ ଓକିଲ ସନ୍ତୋଷ ପଣ୍ଡା, ନିହାର ରଞ୍ଜନ ମିଶ୍ର, ସମାଜର ବରିଷ୍ଠ ସଭ୍ୟ ଦେବୀ ପ୍ରସାଦ ଦାଶ, ଚକ୍ରଧର ଦାଶ,ସୁଦେଷ୍ଣା ପଣ୍ଡା, ଗୀତାଞ୍ଜଳି ବେହେରା, ଅର୍ଚ୍ଚନା ମିଶ୍ର, ସବିତା ଶତପଥୀ, ଶଶାଙ୍କ ଦାଶ, ସନ୍ତୋଷ ଦାଶ, ଉମା ଶଙ୍କର ମୁଣ୍ଡ, ଲକ୍ଷ୍ମୀ ନାରାୟଣ ପଣ୍ଡା ସମେତ ସମାଜର ବହୁ ସଭ୍ୟଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଦିଅଁପଡ଼ାରେ ବାଙ୍କନାଥ ରୋଷଘର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

୫ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟରେ ହେବ ନିର୍ମାଣ; ବିଧାୟକ ଛବି ମଲ୍ଲିକଙ୍କ ଉନ୍ନୟନମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରଶଂସା

ଫୁଲନଖରା,(ନି.ସୂ):କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ପଞ୍ଚାୟତ ସମିତିର କୋରକରା ଗ୍ରାମ ପଞ୍ଚାୟତ ଅଧୀନ ଦିଅଁପଡ଼ା ଗ୍ରାମରେ ଥିବା ପ୍ରସିଦ୍ଧ ବାଙ୍କନାଥଙ୍କ ରୋଷଘର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୫ ଲକ୍ଷ ୮୪ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ରୋଷଘର ନିର୍ମାଣ କରାଯିବ। ଏହାଦ୍ୱାରା ମନ୍ଦିରରେ ନିୟମିତ ପୂଜାନୀତି, ଭୋଗ ପ୍ରସ୍ତୁତି ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ସୁବ୍ୟବସ୍ଥିତ ଭାବେ ସମ୍ପାଦନ କରିବାରେ ସୁବିଧା ହେବ ବୋଲି ଆଶା ପ୍ରକାଶ ପାଇଛି।ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ନିଆଳି ବିଧାୟକ ଛବି ମଲ୍ଲିକ ନିର୍ଦ୍ଦେଶଙ୍କ କ୍ରମେ ପ୍ରତିନିଧି ଧୀରେନ୍ଦ୍ର ବାରିକ ଯୋଗଦେଇ ରୋଷଘର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର, ଡାକ୍ତର ସୁଦର୍ଶନ ପଣ୍ଡା, କୋରକରା ଗ୍ରାମ ପଞ୍ଚାୟତ ପ୍ରମୁଖ ପ୍ରଦୀପ ସ୍ୱାଇଁ, ଅକ୍ଷୟ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ନିଆଳି ବିଧାୟକ ଛବି ମଲ୍ଲିକଙ୍କ ଉନ୍ନୟନମୂଳକ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ଅଞ୍ଚଳର ଧାର୍ମିକ ଓ ସାମାଜିକ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏଭଳି ଜନହିତକର କାର୍ଯ୍ୟକୁ ଆଗକୁ ନେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳର ଭିତ୍ତିଭୂମି ସହିତ ଧାର୍ମିକ ଅନୁଷ୍ଠାନଗୁଡ଼ିକର ବିକାଶ ପ୍ରତି ଏଭଳି ଧ୍ୟାନ ଦିଆଯିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଉନ୍ନତିର ଧାରା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା କନକଲତା ଜେନା, ମାୟାଧର ପଣ୍ଡା, ଯୋଗେଶ ପଣ୍ଡା, କ୍ଷୀରୋଦ କୁମାର ପଣ୍ଡା, ଦିଲ୍ଲୀପ କୁମାର ପଣ୍ଡା, ଦୁଷ୍ମନ୍ତ କୁମାର ପଣ୍ଡା, ଅମୂଲ୍ୟ କୁମାର ଭୋଳ, ରଞ୍ଜନ କୁମାର ସିଂ, ବିଷ୍ଣୁ ଚରଣ ଶତପଥୀ, କ୍ଷୀରୋଦ ଚନ୍ଦ୍ର ଜେନା, ସୁଶାନ୍ତ କୁମାର ମହାରଣା, ମନୋଜ କୁମାର ପଣ୍ଡା, ଜୀବାନନ୍ଦ ପଣ୍ଡା, ସଞ୍ଜୟ ପ୍ରଧାନ, ହୃଷୀକେଶ ବାରିକ, ବିଶ୍ୱଜିତ ସାମଲ ଓ ହିମାଂଶୁ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




'ଆମ କଳାକାର': ନୂଆପଡ଼ାରେ ଜିଲ୍ଲାସ୍ତରୀୟ ସାଂସ୍କୃତିକ ଦଳ ଚୟନ ପ୍ରକ୍ରିୟା ଉଦ୍‌ଘାଟିତ

ନୂଆପଡ଼ା, ୦୩/୧୧(ନି.ସୂ): ରାଜ୍ୟର କଳା, ସଂସ୍କୃତି ଓ ପାରମ୍ପରିକ ଲୋକକଳାର ସଂରକ୍ଷଣ, ପ୍ରଚାର ଓ ପ୍ରସାର ସହ କଳାକାରମାନଙ୍କୁ ଉପଯୁକ୍ତ ମଞ୍ଚ ଓ ସୁଯୋଗ ପ୍ରଦାନ ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ 'ଆମ କଳାକାର' ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଆଜି ସ୍ଥାନୀୟ ରେଳ ଫାଟକ ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାସ ଦୀପ ପ୍ରଜ୍ୱଳନ କରି ଏହି ଚୟନ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚୟନ ପ୍ରକ୍ରିୟାର ପ୍ରଥମ ଦିନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪୬ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ।ସାଂସ୍କୃତିକ ଦଳଗୁଡ଼ିକ ପାରମ୍ପରିକ ଲୋକନୃତ୍ୟ, ଲୋକସଙ୍ଗୀତ ଓ ବିଭିନ୍ନ ଲୋକକଳା ପରିବେଷଣ କରି ନିଜ ନିଜର କଳାତ୍ମକ ପ୍ରତିଭା ଓ ପରିବେଷଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଚାରକମଣ୍ଡଳୀ ଭାବେ ଅର୍ଜୁନ ଛତ୍ରିଆ, ନନ୍ଦଲାଲ ବାରିକ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ଦଳଗୁଡ଼ିକର ପରିବେଷଣ ଓ ଦକ୍ଷତାର ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମହରା କାର୍ଯ୍ୟକ୍ରମ ଆୟୋଜନରେ ସଂଯୋଜନା କରିଥିବା ବେଳେ ଜିଲ୍ଲା ସମ୍ବଳ ସଂଯୋଜକ ଅନିଲ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ।



କଟକ ଦୁର୍ଗା ପୂଜା ଭସାଣୀକୁ ନେଇ କଟକିଆ ଅସନ୍ତୋଷ,ଜିଲ୍ଲାପାଳଙ୍କୁ ଦାବିପତ୍ର

କଟକ,(ନି.ସୂ): ଆଜି ସୁଭାଷ ସଂଗଠନ ତରଫରୁ ଦଶହରା ଭସାଣି ଅବ୍ୟବସ୍ଥାକୁ ନେଇ ଏକ ଦାବି ପତ୍ର ଦେଇଛନ୍ତି,ଯେଉଁଥିରେ ଉଲ୍ଲେଖ କରିଛନ୍ତି କଟକର ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବାରେ ପ୍ରମୁଖ ଭୂମିକା ପ୍ରଶାସନ ଓ ଶାନ୍ତି କମିଟିର ହାତ ଅଛି, ହଜାର ବର୍ଷର ସହର କାହିଁ ପୁରାତନ ସଂସ୍କୃତି ପରମ୍ପରା କୁ ନେଇ ରହି ଆସିଛି ସହରରେ ରାତିସାରା ଭଷାଣି ଉତ୍ସବ ଲାଗିରହିଥାଏ,କିନ୍ତୁ ଏବେ ଦେଖିବାକୁ ମିଳୁଛି ରାତି ୧୨ ଟା ପରେ ପ୍ରଶାସନର ହସ୍ତକ୍ଷେପରେ ରୋଷଣୀ ଓ ବାଜା ବନ୍ଦ କରିଦିଆଯାଉଛି। ପୂର୍ବ ଭଳି କଟକ ଦଶହରା ର ସୌନ୍ଦର୍ଯ୍ୟ ଖୁର୍ଣ୍ଣ ହେବାକୁ ବସିଲାଣି ଏହା ପ୍ରତି କାହାର ଧାନ ନାହିଁ, ଏଣୁ ଏ ବର୍ଷ ଭଷାଣି ଅବ୍ୟସ୍ଥା ପାଇଁ ପ୍ରଶାସନ ଓ ଶାନ୍ତିକମିଟି ମିଳିତ ଉଦ୍ୟମରେ ହୋଇଥିବା କୁତ୍ରିମ ପୋଖରୀ ରେ ସଂଖ୍ୟା କମ ଥିବାରୁ ବିସର୍ଜନ ବହୁ ସମୟ ସାପକ୍ଷ ଥିଲା ସେଥିପାଇଁ ମେଢ଼ ଗୁଡିକ ରାସ୍ତାରେ ବହୁ ସମୟ ଧରି ପଡ଼ି ରହିଥିଲା, ଦୂରରୁ ଯେଉଁ ମେଢ଼ ଆସୁଥିଲା ସେମାନଙ୍କୁ ତାଙ୍କ ସମୟରେ ଯିବାକୁ ଦେଇନଥିଲେ, ଯାହାଫଳରେ ତାଳଦଣ୍ଡା କେନାଲରେ ବିସର୍ଜନ କରିଥିଲେ।ଏପ୍ରକାର ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହାଲରେ ନିନ୍ଦା କରିଛନ୍ତି ଓ ବୁଦ୍ଧିଜୀବୀଙ୍କ ପରାମର୍ଶ କ୍ରମେ ଜିଲ୍ଲାପାଳଙ୍କୁ ସଂଗଠନ ତରଫରୁ ପ୍ରସ୍ତାବ ଦିଆଯାଇଛି, ଆଗାମୀ ଦିନରେ ଏ ପ୍ରକାର ଅବ୍ୟବସ୍ଥା ନହେବା ପାଇଁ ଦେବୀଙ୍କ ପାଇଁ ବିସର୍ଜନ ସ୍ଥଳୀରେ ଆଉ ଅଧିକ କୁତ୍ରିମ ପୋଖରୀ କରାଯାଉ,ଦୂରରୁ ଆସୁଥିବା ମେଢ଼ ଗୁଡ଼ୁକୁ ନିର୍ଦ୍ଦିଷ୍ଟ ସମୟରେ ଦେବୀ ଗଡା ବିସର୍ଜନ ପାଇଁ ସମୟ ନିର୍ଧାରଣ କରାଯାଉ,ସହରର ସଂସ୍କୃତି ପ୍ରମ୍ପରାକୁ ନଜର ରଖି ରାତିସାରା ହାତ ବାଜା ବଜାଇବାକୁ ପ୍ରଶାସନ ଅନୁମତି ପ୍ରଦାନ କରୁ। ଏ ପ୍ରକାର ପ୍ରସ୍ତାବ ସଂଗଠନ ତରଫରୁ ଦିଆ ଯାଇଛି,ଆଜି କାର୍ଯ୍ୟକ୍ରମ ରେ ଅନେକ ସାହି ଅଧିକାରୀ ଓ ମୁରବି ଉପସ୍ଥିତ ଥିଲେ ଯଥା କିରୋଧ କୁମାର ସାହୁ, ଉମେଶ କୁମାର ବାରିକ,ତୀର୍ଥବାସୀ ବେହେରା,ଚନ୍ଦଶେଖର ବିଶ୍ୱାଳ, ପ୍ରହ୍ଲାଦ ମହାରଣା,ସଂଗଠନର ପ୍ରତିଷ୍ଠାତା ତଥା ସଭାପତି ସୁରେଶ ମହାନ୍ତି, ସନ୍ତୋଷ ମହାନ୍ତି,ସୁରେଶ ଭୂୟାଁ,ଭବାନୀ ମହାପାତ୍ର,ଅର୍ପିତା ପ୍ରସାଦ ଦାଶ,ହରେକୃଷ୍ଣ ନାୟକ,କାର୍ତ୍ତିକ କୁମାର ସାହୁ, ବିବେକ ସେନାପତି,ସଂଗ୍ରାମ ବ୍ରହ୍ମା,ହରେରାମ ସାହୁ, ପ୍ରଶାନ୍ତ ମହାରଣା,ଉପେନ୍ଦ୍ର ମହାରଣା, ଅଜିତ କୁମର ଦାସ, ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ରାକ୍ଷିରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭବାନୀପାଟଣା,୩।୧୧(ନି.ସୂ): ରାକ୍ଷି ପଞ୍ଚାୟତ ପରିସରରେ ମଙ୍ଗଳବାର ଦିନ ନର୍ଲା ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ନର୍ଲା ବିଏସଏସଓ ପ୍ରଦୀପ ବେହେରାଙ୍କ ତତ୍ୱାବଧାନରେ ଏନେଇ ଆୟୋଜିତ ଉଦଘାଟନୀ ସମାରୋହରେ ନର୍ଲା ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, କର୍ଲାମୁଣ୍ଡା ଜିଲ୍ଲା ପରିଷଦ ସଦସ୍ୟ ତଥା କଳାହାଣ୍ଡି ଜିଲ୍ଲା ଭିନ୍ନକ୍ଷମ ସମିତି ସଭାପତି ସୁରେଶ ଚନ୍ଦ୍ର ଚୌଧୁରୀ, ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ନର୍ଲା ଏବିଡିଓ ଦେବେନ୍ଦ୍ର ସାମଲ, ଡିଡିଆରଓ ନିବାଶ ଚନ୍ଦ୍ର ସାହୁ, ଜିଲ୍ଲା ଭିନ୍ନକ୍ଷମ ସମିତିର ସାଧାରଣ ସମ୍ପାଦକ ଡୋଲାମଣି ପଧାନ, ରାକ୍ଷି ସରପଞ୍ଚ ଯେମନ୍ତ ପୋଡ, ସମିତି ସଭ୍ୟ ଚୁମନ ଭୋଇ, ଘଣ୍ଟମାଲ ସରପଞ୍ଚ ଦେବେନ୍ଦ୍ର ସା, ବାଗପୁର ସରପଞ୍ଚ ଗୋପାଳ ହାତୀ, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ଧଙ୍ଗଡାମାଝୀ। ଏହି ଶିବିରରେ ଅସ୍ଥିଶୈଲ୍ୟ ବିଶେଷଜ୍ଞ ଡା. ସୁନୀଲ କୁମାର ପାଢୀ, ମାନସିକ ରୋଗ ବିଶେଷଜ୍ଞ ଡା. ଅନନ୍ତ ଚରଣ ମେହେର, ଆଖି, ନାକ, ଗଳା ବିଶେଷଜ୍ଞ ଡା. ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚକ୍ଷୁ ବିଶେଷଜ୍ଞ ଡା. ନିବେଦିତା ମହାରଣାଙ୍କ ସମେତ ବିଭାଗୀୟ ଟେକନିସିଆନମାନେ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ପରୀକ୍ଷା କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ମାନଙ୍କୁ ପ୍ରମାଣପତ୍ର ଓ ଆବଶ୍ୟକୀୟ ଉପକରଣ ସବୁ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗର ପଞ୍ଜିକରଣ ଓ ଚିଠା ପ୍ରସ୍ତୁତି ଦାଇତ୍ୱରେ ନର୍ଲା ବ୍ଲକ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ ଓ ଏଡିଇଓମାନେ ଦାଇତ୍ୱ ତୁଲାଇ ଥିଲେ। ସେହିଭଳି ରାକ୍ଷି ପିଇଓ ଶହଶ୍ରାଂସୁ ମିଶ୍ର, ଯୋଗାଣ ସହାୟକ ଚୈତନ୍ୟ ସାହୁ ଓ ବ୍ଲକର ଅନ୍ୟାନ୍ୟ ଷ୍ଟାଫମାନେ ମଧ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ବ୍ଲକ ମୁଖ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହେଉଥିବାବେଳେ ବର୍ତ୍ତମାନ ପଞ୍ଚାୟତ ସ୍ତରରେ ଏହା ପ୍ରଥମ ଥର ପାଇଁ ଆୟୋଜନ କରିଥିବାରୁ ନର୍ଲା ବ୍ଲକ୍ ପ୍ରଶାସନକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।



ପ୍ରଣାମ ଓଡ଼ିଶା
ବୁଧବାର, ନଭେମ୍ବର-୦୪, ୨୦୨୬

ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଘରକୁ ଘର ସର୍ଭେ

୫୯ ହଜାର ଭୋଟରଙ୍କ ତଥ୍ୟ ସଂଗ୍ରହରେ ୮୪ଟି ଟିମ୍ ନିୟୋଜିତ



ନବରଙ୍ଗପୁର, ୩।୧୧ (ନି.ସୂ): ଆଗାମୀ ଗ୍ରାମ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ନିର୍ବାଚନୀ ପ୍ରସ୍ତୁତି ସ୍ୱରୂପ ଘରକୁ ଘର ଯାଇ ଭୋଟରଙ୍କ ସର୍ଭେ କାର୍ଯ୍ୟ ଜାରି ରହିଛି।

ଏହି ସର୍ଭେ କାର୍ଯ୍ୟରେ ପ୍ରାୟ ୫୯ ହଜାର ଭୋଟରଙ୍କ ତଥ୍ୟ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରହିଛି। ବୁଥ୍ ?ସ୍ତରୀୟ ଅଧିକାରୀ (ଇଖଡ), ପଞ୍ଚାୟତ ନିର୍ବାହୀ ଅଧିକାରୀ (ଚରଡ), ଅଙ୍ଗନବାଡ଼ି କର୍ମୀ (ଇଡଡ) ଏବଂ ବୁଥ୍ ?ସ୍ତରୀୟ ଅଧିକାରୀଙ୍କ ତଦାରଖକାରୀଙ୍କୁ ନେଇ ମୋଟ ୮୪ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ଗୁଡ଼ିକ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନିର୍ଦ୍ଧାରିତ ନିର୍ବାଚନୀ ବୁଥ୍ ଓ ୱାର୍ଡଗୁଡ଼ିକରେ ଘରକୁ ଘର ଯାଇ ସର୍ଭେ କାର୍ଯ୍ୟ ତଦାରଖ କରିବା ସହ ଭୋଟରଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଛନ୍ତି। ସର୍ଭେ କାର୍ଯ୍ୟକୁ ଆସନ୍ତା ୬ ତାରିଖ ସୁଦ୍ଧା ସମାପ୍ତ କରିବା ପାଇଁ ବିଡିଓ ମନୋଜ କୁମାର ପାଣିଗ୍ରାହୀ ଓ ଜିପିଡିଓମାନଙ୍କୁ ନବରଙ୍ଗପୁର ଅବଜର୍ଭର ରତ୍ନାକର ସାହୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଅଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ କରିବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ।

ସମେଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ୧.୪୦ କୋଟି ଟଙ୍କା ମଞ୍ଜୁର

- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ
- କୁରୁମ ବୌଦ୍ଧପୀଠ ପାଇଁ ୪୦ ଲକ୍ଷ ଟଙ୍କାର ପ୍ରକଳ୍ପ



କାକଟପୁର, ୩।୧୧ (ନି.ସୂ) କାକଟପୁର ଅଞ୍ଚଳର ଧାର୍ମିକ ଓ ଐତିହାସିକ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। କାକଟପୁରର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ସମେଶ୍ୱର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ୪୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହି ଅର୍ଥରେ ମନ୍ଦିରର ସର୍ବାଙ୍ଗୀନ ବିକାଶ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତିକରଣ କରାଯିବାକୁ ଯୋଜନା ରହିଛି। ଏହି ଅବସରରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ସମେଶ୍ୱର ମନ୍ଦିର ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନୁଦାନ ରାଶି ଘୋଷଣା କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମନ୍ଦିରର ପାରିପାର୍ଶ୍ୱିକ ପରିବେଶରେ ସୁଧାର ଆସିବା ସହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ। ଏଥିସହିତ ଏହି ପ୍ରାଚୀନ ଶୈବପୀଠର ଧାର୍ମିକ ମର୍ଯ୍ୟାଦା ଓ ପର୍ଯ୍ୟଟନ ଆକର୍ଷଣ ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶକୁ ମଧ୍ୟ ନୂତନ ଦିଗ ମିଳିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

ସେହିପରି କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତରେ ଅବସ୍ଥିତ ପ୍ରାଚୀନ କୁରୁମ ବୌଦ୍ଧପୀଠର ଉନ୍ନତିକରଣ ପାଇଁ ମଧ୍ୟ ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଭୟ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଦ୍ୱାରା ଅଞ୍ଚଳର ଶୈବ ଓ ବୌଦ୍ଧ ଐତିହ୍ୟର ସଂରକ୍ଷଣ ସହ ପର୍ଯ୍ୟଟନର ବିକାଶ ପାଇଁ ନୂତନ ସମ୍ଭାବନା ସୃଷ୍ଟି ହେବ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ରାକେଶ ଧରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମେଶ୍ୱର ମନ୍ଦିର ଓ କୁରୁମ ବୌଦ୍ଧପୀଠର ଉନ୍ନତିକରଣ ପାଇଁ ସରକାରଙ୍କ ଏହି ଅନୁଦାନକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି।

ନିଖୋଜ ସୁନୀଲର ଶବ ବ୍ରାହ୍ମଣୀ ନଦୀରୁ ଉଦ୍ଧାର

ପଚ୍ଚାମୁଣ୍ଡାଇ ସଦର ୩।୧୧ (ନି.ସୂ) : ଅମୃତମଣୋହିଁ ଗ୍ରାମର ନାରାୟଣ ମଲ୍ଲିକଙ୍କ ପୁଅ ସୁନୀଲ କୁମାର ମଲ୍ଲିକ ଓରଫ କାଳିଆ (୩୮) ଗତ ଶନିବାର ରାତିରୁ ନିଖୋଜ ହୋଇ ଯାଇଥିଲେ !



ଯେତେ ଖୋଜାଖୋଜି କରାଯାଇ ଥିଲେହେଁ ତାଙ୍କର ସନ୍ଧାନ ମିଳିଲା ନାହିଁ। ଆଜି ଦ୍ୱିପ୍ରହର ସମୟରେ ସିଦ୍ଧବାଲି ଗାଁ ପାଖ ବ୍ରାହ୍ମଣୀ ନଦୀ (ସାନ ନାଳ) ପାଖରେ ଥିବା ଏକ ଗଛରେ ଶବ ଲାଗିଥିବା ଚାଷୀମାନେ ଦେଖିଥିଲେ ! ପରେ ଚଉଦକୁଲାଟ ଫାଣ୍ଡିକୁ ଖବର ଦିଆଯିବା ପରେ ପଚ୍ଚାମୁଣ୍ଡାଇ ଅଗ୍ନିଶମ ବାହିନୀ ଆସି ଶବ ଉଦ୍ଧାର କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଶବ ଫୁଲି ବିକୃତ ହୋଇ ଯାଇଥିବାରୁ ତାହା ସୁନୀଲ ର କିମ୍ବା ଆଉ କାହାର ପୋଲିସ ଦ୍ୱନ୍ଦ୍ୱରେ ପଡିଥିଲା, ତେବେ ସୁନୀଲ ହାତରେ କରିଥିବା ଟାଟୁ ହିଁ ଶେଷରେ ସୁନୀଲର ଶବ ବୋଲି ସ୍ପଷ୍ଟ ହୋଇଥିଲା। ସୁନୀଲ ଘରେ ପରିବାର କହିଲେ କେବଳ ତା ବୁଢ଼ୀ ମା' ଯାହାର ସେ ସେବା କରେ। ମା ଭତ୍ତା ପାଏ ଏବଂ ସୁନୀଲ ଦିନ ମଜୁରିଆ ଭାବରେ କାମ କରୁଥିଲା। ପୁଅର ଏଭଳି ଅକାଳ ବିୟୋଗରେ ବୁଢ଼ୀ ମାଆ ବର୍ତ୍ତମାନ ବେସାହାରା।

ଧର୍ମପରାୟଣା ମହିଳାଙ୍କ ପରଲୋକ

କାକଟପୁର, ୩।୧୧ (ନି.ସୂ): କାକଟପୁର ଅଞ୍ଚଳର ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ତଥା ମିଳାପୀ ମହିଳା ସବିତା ଦୀକ୍ଷିତ (ଛବି)ଙ୍କ ବିୟୋଗରେ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗତ ଶନିବାର ରାତି ପ୍ରାୟ ୩ଟା ୩୦ ମିନିଟ୍ ସମୟରେ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା।

ସ୍ୱର୍ଗତା ସବିତା ଦୀକ୍ଷିତ ଗାଁର ଝିଅ ଭାବେ ଜନ୍ମଗ୍ରହଣ କରିଥିବା ବେଳେ ପରବର୍ତ୍ତୀ



ସମୟରେ ଏହି ଗାଁର ବୋହୂ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେ ମା' ମଙ୍ଗଳାଙ୍କ ପୀଠର ଜଣେ ବରିଷ୍ଠ ସେବାୟତ ତଥା ମା'ଙ୍କ ଷୋଡ଼ଶ ଉପଚାର ପୂଜାପଣ୍ଡା ସୁରେନ୍ଦ୍ର ନାଥ ଦୀକ୍ଷିତଙ୍କ ଧର୍ମପତ୍ନୀ ଥିଲେ। ଜଣେ ଧର୍ମପରାୟଣା ମହିଳା ଭାବେ ସେ ସମସ୍ତଙ୍କ ନିକଟରେ ବେଶ୍ ପରିଚିତ ଥିଲେ। ତାଙ୍କର ଏକମାତ୍ର ପୁତ୍ର କୃଷ୍ଣଚନ୍ଦ୍ର ଦୀକ୍ଷିତଙ୍କ ସମେତ ଦୁଇ ଝିଅ ଅଛନ୍ତି। ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନଙ୍କ ଭିଡ଼ ଜମିଥିଲା। ବିଭିନ୍ନ ସେବକ ସମିତିର ସଭାପତିମାନେ ଏହି ଦୁଃଖଦ ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ଏକ ଶୋକାକୁଳ ପରିବେଶରେ ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନିଜ ଗ୍ରାମର ଶ୍ମଶାନକୁ ନିଆଯାଇଥିଲା। ଏହି ଶେଷଯାତ୍ରାରେ ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ। ତାଙ୍କର ବଡ଼ ପୁତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସେବକ ସାହି ସମେତ ସମଗ୍ର ଅଞ୍ଚଳରେ ଏକ ଗଭୀର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ନୀଳମଣି କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ



ବାଲିଆପାଳ ୩।୧୧ (ନି ସୂ):ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟ ରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟ କ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସରୋଜ କୁମାର ପାଣି,ଅଧ୍ୟାପିକା ପିନାକ୍ଷୀ ପଣ୍ଡା,ଇତିଶ୍ରୀ ମହାନ୍ତ ଓ ଅଧ୍ୟାପକ ଶ୍ରବଣ କୁମାର ନାୟକ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିବା ସହ ଯୁବପିଢ଼ୀଙ୍କୁ ଏହି ମାରାତ୍ମକ ବ୍ୟାଧିଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କରାଯାଇଥିଲା।ଏହି ଅବସରରେ ସ୍ୱେଚ୍ଛାସେବୀ ରିଙ୍କି ମାଇତି, ମାନସୀ ସ୍ୱାଇଁ, ରଶ୍ମିତା ବେହେରା,ଜୟସ୍ମିତା ପରିଡ଼ା, ରାଜେନ୍ଦ୍ର ଦାସ, ଦୀନେଶ କୁମାର ଜେନା, ଧନଞ୍ଜୟ ନାୟକ ଓ ବାଦଲ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରି ଥିଲେ । ଛାତ୍ରଛାତ୍ରୀମାନେ ଏକ ସଚେତନତା ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନ କରାଇଥିଲେ। ଶେଷରେ ରଞ୍ଜିତ କୁମାର ତପସ୍ୱୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପାଣିରେ ବୁଡ଼ି ୩ ମୃତ ଶିଶୁଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା

ମାହାଙ୍ଗା,୦୩/୧୧(ନି.ସୂ) ଗତ ରବିବାର ଦିନ କଇଁ ଫୁଲ ତୋଳିବାକୁ ଯାଇଥିଲେ, ହେଲେ ଆଉ ଘରକୁ ଫେରିନଥିଲେ ୩ ଶିଶୁ । ଖେଳକୁଦ ବୟସରେ ଅକାଳରେ ଲିଭିଜାଇଛି



ତିନି ତିନୋଟି ନିଷ୍ପାପ ଶିଶୁଙ୍କ ଜୀବନ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର ଗ୍ରାମରେ ଗତ ରବିବାର ଦିନ ଘଟିଜାଇଛି ଏଭଳି ଏକ ହୃଦୟବିଦାରକ ଘଟଣା। ଏହି ଘଟଣା ପରେ ସମଗ୍ର ଗାଁରେ ଖେଳିଯାଇଛି ଶୋକର ଛାୟା।

ମୃତ ଶିଶୁମାନେ ହେଲେ ଇମ୍ରାନ ଖାଁଙ୍କ ୩ ବର୍ଷର ପୁଅ ଜିସାନ ଖାଁ, ୫ ବର୍ଷର ପୁଅ ସଲମାନ ଖାଁ ଏବଂ ଅନୱାର ଖାଁଙ୍କ ୪ ବର୍ଷର ପୁଅ ଅରହମ ଖାଁ। ଗତକାଲି ମାହାଙ୍ଗା ର ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୃତକଙ୍କ ପରିବାରକୁ ଭେଟି ଶୋକସନ୍ତପ୍ତ ସମବେଦନା ଜଣାଇଛନ୍ତି। ବିଜୁଜନତା ଦଳ ର ସମସ୍ତ କର୍ମୀ ମୃତକଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ବିପଦ ସମୟରେ ତାଙ୍କ ପିତାମାତାଙ୍କୁ ଭଗବାନ ସାହସ ଶକ୍ତି ଦେବାକୁ ପ୍ରାର୍ଥନା କରିଥିଲେ।

ବେତନଟୀ ରେଳବାଇ ପରମର୍ଶଦାତା କମିଟିର ବୈଠକ

ବେତନଟୀ, ୩।୧୧ : ବେତନଟୀ ରେଳବାଇ ପରାମର୍ଶଦାତା କମିଟିର ବୈଠକ ଷ୍ଟେସନ ମ୍ୟାନେଜର ମେଘରାୟ ହାଁସଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଡ଼ଗପୁରର ବାଣିଜ୍ୟିକ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ । ଏଥିରେ କମିଟିର ସଦସ୍ୟ ରବୀନ୍ଦ୍ର ନାଥ ମିଶ୍ର ,ଅଜୟ କୁମାର କର, ଜୟନ୍ତ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ବଳା ଓ



ଶାନ୍ତନୁ କୁମାର ପଣ୍ଡା ଯୋଗଦାନ କରି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ବେତନଟୀ ରେଳ ଷ୍ଟେସନ ଓ ପାର୍ଶ୍ୱବର୍ତ୍ତୀ ଷ୍ଟେସନ ମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ଉପରେ ଦୀର୍ଘ ଆଲୋଚନା କରାଯାଇଥିଲା । ଶେଷରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ବେତନଟୀ ରେଳ ଷ୍ଟେସନ ପରିସରରେ ସ୍ଥାପନ, ଷ୍ଟେସନରେ ପଶ୍ଚିମ ପାଖ ଲକ୍ଷ୍ମୀନାରାୟଣ ମନ୍ଦିର ସାମନାରେ ବନ୍ଦଥିବା କଂକ୍ରିଟ କାର୍ଯ୍ୟ ସମାପ୍ତ, ଅତିକମରେ ଦୁଇଜଣ ରେଲୱେ ପୋଲିସ ନିଯୁକ୍ତି, ୨୦୨୦ ପୂର୍ବଭଳି ମେମୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ଚଳାଇବା, ବାରିପଦାରୁ ପୁରୀ ପର୍ଯ୍ୟନ୍ତ ସପ୍ତାହକୁ ୨ଦିନ ଚାଲୁଥିବା ରାତ୍ରିକାଳୀନ ଟ୍ରେନକୁ ଦୈନିକ ଚଳାଚଳ କରିବା,ବେତନଟୀ ଷ୍ଟେସନଠାରୁ ୧୬ନଂ ଗେଟ୍ ପର୍ଯ୍ୟନ୍ତ ଜଳ ନିଷ୍କାସନ ନିମିତ୍ତ ଡ୍ରେନ ନିର୍ମାଣ ଆଦି ପ୍ରମୁଖ ଦାବି ଗୁଡିକ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି ।

ବାତ୍ୟା ପାଇଁ ବାଲିଗୁଡ଼ା ପ୍ରଶାସନ ସଜାଗ

କନ୍ଧମାଳ, ୩।୧୧(ନି. ସୂ): ରାଜ୍ୟରେ ବାତ୍ୟା ବିପର୍ଯ୍ୟସ୍ତ ନେଇ ରାଜ୍ୟ ସରକାରଙ୍କ ତଥା ସମସ୍ତ ପ୍ରଭାବିତ ଜିଲ୍ଲା ପ୍ରଶାସନ ସଜାଗ ଥିବା ଦେଖିବାକୁ ମିଳିଛି। ରାଜ୍ୟରେ ଭୟଙ୍କର ବାତ୍ୟା ଅର୍ଣ୍ଣବ ପରେ କନ୍ଧମାଳ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହି ବାତ୍ୟା ନ ସୁରୁଣୁ ଆଉ ଏକ ବାତ୍ୟା ଆସିଛି । ଯାହାକି କନ୍ଧମାଳ ଜିଲ୍ଲା ରେଡ ଜୋନରେ ରହିଥିବା ଦେଖିବାକୁ ମିଳିଛି । କିନ୍ତୁ ଆଜି ପ୍ରଥମ ଦିନରେ ବା ୩ ତାରିଖରେ ବାଲିଗୁଡା ଅଞ୍ଚଳରେ ସାମାନ୍ୟ ବର୍ଷା



ହୋଇଛି । ଏହି ବାତ୍ୟାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ବିଦ୍ୟାଳୟ ଓ ଅଙ୍ଗନବାଡିକ ଦୁଇ ଦିନ ନିମନ୍ତେ ଛୁଟି ଘୋଷଣା କରିଛନ୍ତି । ବାଲିଗୁଡ଼ା ପ୍ରଶାସନ ତରଫରୁ ମଧ୍ୟ ବାତ୍ୟାର ଜରୁରୀକାଳିନ ପରିସ୍ଥିତି ମୁକାବିଲା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏଥି ନିମନ୍ତେ ଗତକାଲି ଠାରୁ ଚାରିଗୋଟି ସ୍ଥାନ ଖମନଖୋଲ ପଂଚାୟତର ଗାଣ୍ଡାକିଆ ଓ କପୁକୁଛା ସଲାଗୁଡା ପଂଚାୟତର ଗୁଡିମିଳକା ଗ୍ରାମର ବିଦ୍ୟାଳୟ ଠାରେ ଏବଂ ସେନ୍ଦ୍ରିଗାଁ ପଂଚାୟତର ଗଞ୍ଜୁପଡ଼ି ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ନଦୀକୂଳିଆ ପାହାଡିଆଗାଁର ୧୯୦ରୁ ଉର୍ଦ୍ଧ ଲୋକଙ୍କୁ ଆଣି ରନ୍ଧାଖାଦ୍ୟ ଦେବାର ଆରମ୍ଭ କରିଛନ୍ତି ପ୍ରଶାସନ । ଏଥି ସହ ବ୍ଲକର ସମସ୍ତ ପଂଚାୟତର ପଂଚାୟତ ଗୃହ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି ଯଦୀ କିଛି ବାତ୍ୟା ପରିସ୍ଥିତି ଉପୁଯେ ସେ ନେଇ ଏହି ସ୍ଥାନ ଗୁଡାକରେ ସ୍ଥାନୀୟ ଲୋକ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଆଜି ଚାଲିଗୁଡା ବ୍ଲକର ବିଭିନ୍ନ ପଂଚାୟତ ତଥା ଆଶ୍ରୟସ୍ଥଳିକୁ ପ୍ରୋବେଜନାଲା ଆଇଏସ ସଜକରନ ସିଂ ବୁଲି ଦେଖିଛନ୍ତି । ବାଲିଗୁଡା ବିଡିଓ ଅକ୍ଷୟ ମଲ୍ଲିକ ଓ ତହସିଲଦାର ଦିପ୍ତୀ ପ୍ରକାଶ ବେହେରା ବ୍ଲକ ଓ ତହସିଲ କର୍ମଚାରୀ ମାନଙ୍କୁ ନେଇ ବାତ୍ୟା ସମ୍ଭାବିତ ଅଂଚଳ ବୁଲି ଦେଖିବା ବ୍ଲକର ସମସ୍ତ ଗ୍ରାମରେ କିଭଳି ଅସୁବିଧା ନହେବ ଏବଂ ବାତ୍ୟାକୁ ମୁକାବିଲ କରିବା ପାଇଁ ନିଜ କର୍ମଚାରୀ ମାନଙ୍କୁ ନିୟୋଜିତ କରି ସବୁ ସମୟର ଖବର ନେଉଥିବା ଦେଖିବାକୁ ମିଳିଛି ।

ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ପାଇଁ ଭାରତ ମୁଣ୍ଡା ସମାଜର ପ୍ରସ୍ତୁତି ବୈଠକ

ନଭେମ୍ବର ୧୫ରେ ରାଇରଙ୍ଗପୁରରେ ହେବ ଭବ୍ୟ ଆୟୋଜନ
ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଓ ଶିକ୍ଷା-ସାହିତ୍ୟର ବିକାଶ ଉପରେ ଗୁରୁତ୍ୱ

ବିଜାତଳା, ୩/୧୧ (ନି ସୂ): ମହାନ ଆଦିବାସୀ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ପାଳନ ନିମନ୍ତେ ଭାରତ ମୁଣ୍ଡା ସମାଜ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବିଜାତଳା ବ୍ଲକ ଅନ୍ତର୍ଗତ ମାଣିକପୁର ପଞ୍ଚାୟତର ହୁଟୁଡି ନୂଆଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧୫ ତାରିଖରେ ରାଇରଙ୍ଗପୁରଠାରେ ବିର୍ସା ମୁଣ୍ଡା ଜୟନ୍ତୀକୁ ମହାସମାରୋହରେ ପାଳନ କରିବା ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି।

ପୂର୍ବତନ ବିଇଓ ନପୋଲ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଦିଗାମ୍ବର ସିଂ ଓ ଭରତ ଚନ୍ଦ୍ର ସିଂ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଜୟନ୍ତୀ ଉତ୍ସବର ଆୟୋଜନ ଦାୟିତ୍ୱ ନପୋଲ ମୁଣ୍ଡା ଗ୍ରହଣ କରିଛନ୍ତି। ବୈଠକରେ ବିର୍ସା ମୁଣ୍ଡାଙ୍କ ବୀରତ୍ୱ, ତ୍ୟାଗ, ସଂଘର୍ଷ ଓ ଆଦିବାସୀ ସମାଜର ଅଧିକାର ସୁରକ୍ଷା ପାଇଁ ତାଙ୍କର ଐତିହାସିକ ଅବଦାନକୁ ସ୍ମରଣ କରାଯାଇଥିଲା। ଏଥିସହ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି, ସାମାଜିକ ଏକତା, ଭାଇଚାରା ଓ ସାଂସ୍କୃତିକ ଚେତନାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା।



ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବିକୁ ନେଇ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଣ୍ଡାରୀ ଭାଷାର ଲିପି 'ମୁଣ୍ଡାରୀ ବାନି'ର ବ୍ୟାପକ ପ୍ରଚାରପ୍ରସାର, ଭାଷାଭାଷୀ ଅଞ୍ଚଳର ପ୍ରତ୍ୟେକ ଗାଁରେ ସଚେତନତା ବୈଠକ ଆୟୋଜନ, ମୁଣ୍ଡାରୀ ଭାଷା ଶିକ୍ଷା ପାଇଁ ବିଦ୍ୟାଳୟ ସ୍ଥାପନ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ଦାବି ଉଠିଥିଲା। ଏହାସହ ମୁଣ୍ଡାରୀ ବାନି ଲିପିରେ ଅଧିକ ସଂଖ୍ୟକ ପୁସ୍ତକ ପ୍ରକାଶନ ଓ ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ସହ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବିକୁ ତୃଣମୂଳ ସ୍ତରରୁ କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ଜନସମାବେଶ ଓ ଧାରଣା ଭଳି ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ମତ ପ୍ରକାଶ ପାଇଥିଲା। ସମାଜର ଶିକ୍ଷା, ଭାଷା ଓ ସାହିତ୍ୟର ବିକାଶ ପାଇଁ ଆର୍ଥିକ ସହଯୋଗର ଆବଶ୍ୟକତା ରହିଥିବାରୁ ଆର୍ଥିକ ଭାବେ ସକ୍ଷମ ବ୍ୟକ୍ତିବିଶେଷ ଓ ସରକାରୀ କର୍ମଚାରୀମାନେ ଆଗେଇ ଆସି ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା।

ଆଗାମୀ ସାଧାରଣ ସଭା ଓ ମିଳନ ଉତ୍ସବରେ ମୁଣ୍ଡା ସମାଜର ଛାତ୍ରଛାତ୍ରୀ, ଯୁବକ-ଯୁବତୀ, ବୁଦ୍ଧିଜୀବୀ ଓ ସମାଜପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଉତ୍ସବକୁ ସଫଳ କରିବା ସହ ସମାଜର ସର୍ବାଙ୍ଗୀଣ ବିକାଶ ପାଇଁ ଏକଜୁଟ ହେବାକୁ ଅନୁରୋଧ କରାଯାଇଥିଲା।


"ଶିକ୍ଷା ଆମ ଅଧିକାର, ଏକତା ଆମ ଶକ୍ତି" ସ୍ଲୋଗାନକୁ ଆଧାର କରି ମୁଣ୍ଡା ସମାଜର ଶିକ୍ଷା, ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅଧିକାରର ସୁରକ୍ଷା ପାଇଁ ସମସ୍ତେ ଏକତାବଦ୍ଧ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା।

ବିଜାତଳା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

ସାଂସ୍କୃତିକ ବିଭାଗରେ ଚାମ୍ପିଅନ୍ ମଦନଶିଳା ଉପ୍ରା ସ୍କୁଲ, ଜିଲ୍ଲାସ୍ତରକୁ ମନୋନୀତ

ବିଜାତଳା, ୩।୧୧ (ନି.ସୂ): ବିଜାତଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍ ?ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ସାଂସ୍କୃତିକ ବିଭାଗରେ ମଦନଶିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚାମ୍ପିଅନ୍ ହୋଇ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି।

କାର୍ଯ୍ୟକ୍ରମର ଉଦ୍ ?ଘାଟନୀ ସଭା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଦିଲ୍ଲୀପ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜାତଳା ତହସିଲଦାର ବିରାଜ ଲେଥ ଖାଲଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଦିଗରେ ସରକାରଙ୍କ



ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ଶିଶୁମାନେ ଏହି ସୁଯୋଗର ସଦୁପଯୋଗ କରି ନିଜ ପ୍ରତିଭାର ବିକାଶ ସହ ଜୀବନରେ ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଥିଲେ।

ମହୋତ୍ସବରେ କନିଷ୍ଠ, ବରିଷ୍ଠ ଓ ତଦୂର୍ଦ୍ଧ୍ୱ ଏହି ତିନୋଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗୀମାନେ ନିଜର କଳା, ସୃଜନଶୀଳତା ଓ ଦକ୍ଷତାର ପରିଚୟ ଦେଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମୀନା ସୋରେନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବହୁମୁଖୀ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ସାଂସ୍କୃତିକ ବିଭାଗରେ ମଦନଶିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ପୂର୍ଣ୍ଣେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଏବିଇଓ ରଞ୍ଜନ କୁମାର ସାଣ୍ଡିଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ସିଆରସିସି ଓ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ମହୋତ୍ସବରେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ ପରିବେଷଣକୁ ଉପଭୋଗ କରିଥିଲେ।

ଦେଢ଼ଶୁରଙ୍କ ବିରୋଧରେ ଜମି ହଡ଼ପ ଉଦ୍ୟମ ଓ ଧମକ ଅଭିଯୋଗ

ଆରଆଇଙ୍କ ଦୁର୍ବ୍ୟବହାର ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କଳ୍ପନା

ଖୋରଧା ୨।୧୧(ନି.ସୁ) :ଖୋରଧାରେ ସ୍ୱାମୀଙ୍କ ମୃତ୍ୟୁ ପରେ ନିଜ ପିଲାମାନଙ୍କୁ ନେଇ ଜୀବନର ରାସ୍ତା ଖୋଜୁଥିବା ଜଣେ ମହିଳା ଏବେ ପୈତୃକ ସମ୍ପତ୍ତିକୁ ନେଇ ପାରିବାରିକ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ଯେଉଁ ଘରେ ସେ ନିଜ ପିଲାମାନଙ୍କ ସହ ରହୁଛନ୍ତି, ସେହି ଘରୁ ତାଙ୍କୁ ବାହାର କରିଦେବାକୁ ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଜମିର ମ୍ୟୁଟେସନ, ଉତ୍ତରାଧିକାରୀ ପ୍ରମାଣପତ୍ରରେ ନାମ ବାଦ୍? ପଡ଼ିବା ଏବଂ ରାଜସ୍ୱ ନିରୀକ୍ଷକଙ୍କ ଦୁର୍ବ୍ୟବହାର ଭଳି ଗୁରୁତର ଅଭିଯୋଗ ଆଣି ଶେଷରେ ସେ ନ୍ୟାୟ ପାଇଁ ଖୋରଧା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗକାରିଣୀ କଳ୍ପନା ଭୂୟାଁ ନିଜ ସ୍ୱାମୀ ସ୍ୱର୍ଗତ ଜ୍ଞାନ ରଞ୍ଜନ ଭୂୟାଁଙ୍କ ମୃତ୍ୟୁ ପରେ ପିଲାମାନଙ୍କ ସହ ଭୁବନେଶ୍ୱରର ବିଜେବି ନଗରରେ ରହୁଛନ୍ତି। ୨୦୧୪ ମସିହାରେ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ପରିବାରର ଦାୟିତ୍ୱ ତାଙ୍କ ଉପରେ ପଡ଼ିଥିଲା। ଏଭଳି ସ୍ଥିତିରେ ଶ୍ୱଶୁରଙ୍କ ନାମରେ ଥିବା ଘରବାଡ଼ି ଜମିକୁ ନେଇ ବିବାଦ ଦେଖାଦେଇଥିବା ସେ ଦର୍ଶାଇଛନ୍ତି। ଏହି ଜମି ସହ ତାଙ୍କ ପରିବାରର ରହିବା ଓ ଭବିଷ୍ୟତର ସ୍ୱାର୍ଥ ଜଡ଼ିତ ଥିବାରୁ ସେ ଏହାକୁ ନେଇ ଚିନ୍ତିତ ଅଛନ୍ତି। କଳ୍ପନାଙ୍କ ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରର ଲକ୍ଷ୍ମୀସାଗର ମୌଜାରେ ତାଙ୍କ ଶ୍ୱଶୁରଙ୍କ ନାମରେ ଖାତା ନମ୍ବର ୧୮୭୨, ପ୍ଲଟ୍ ନମ୍ବର ୨୫୮୮ରେ ୦.୦୪୬୦ ଡିସିମିଲ ପରିମିତ ଘରବାଡ଼ି ଜମି ରହିଛି। ଏହି ଜମିକୁ ନିଜ ନାମରେ ରେକର୍ଡ କରିବା ପାଇଁ ତାଙ୍କ ଦେଢ଼ଶୁର ମନୋରଞ୍ଜନ ଭୂୟାଁ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟରେ ମ୍ୟୁଟେସନ ମାମଲା ନମ୍ବର ୧୭୧୫୧/୨୦୨୬ ଦାଖଲ କରିଛନ୍ତି। ଏହି ଆବେଦନକୁ କଳ୍ପନା ବିରୋଧ କରିଛନ୍ତି। ତାଙ୍କ ମତରେ, ଜମି ସମ୍ପର୍କିତ ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତ ଆଇନସମ୍ମତ ଉତ୍ତରାଧିକାରୀଙ୍କ ଅଧିକାର ଓ ଦାବିକୁ ବିଚାରକୁ ନିଆଯିବା ଆବଶ୍ୟକ।

ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଶ୍ୱଶୁରଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରରୁ ତାଙ୍କ ଓ ତାଙ୍କ ପିଲାମାନଙ୍କ ନାମ ବାଦ୍ ଦେଇ ଜମିକୁ ଏକକ ଭାବେ ନିଜ ନାମରେ କରିବା ପାଇଁ ତାଙ୍କ ଦେଢ଼ଶୁର ଉଦ୍ୟମ କରୁଛନ୍ତି। ଏହା ଦ୍ୱାରା ସେ ଓ ତାଙ୍କ ପିଲାମାନେ ନିଜେ ରହୁଥିବା ଘର ହରାଇବା ଆଶଙ୍କାରେ ଅଛନ୍ତି। ଘରୁ ବାହାର କରିଦେବା ପାଇଁ ଧମକ ଦିଆଯାଉଥିବା ସହ କିଛି ଅସାମାଜିକ ବ୍ୟକ୍ତିଙ୍କ ଜରିଆରେ ତାଙ୍କୁ ଭୟଭୀତ କରାଯାଉଥିବା ସେ ଜିଲକ୍ଷପାଳଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହି ସମ୍ପତ୍ତିକୁ ନେଇ ବିବାଦ ନୂଆ ନୁହେଁ ବୋଲି କଳ୍ପନା କହିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ୨୦୧୮ ମସିହାରେ ଶ୍ୱଶୁର ଅସୁସ୍ଥ ଥିବା ସମୟରେ ତାଙ୍କ ଅସୁସ୍ଥତାର ସୁଯୋଗ ନେଇ ଏକ ପାୱାର ଅଫ୍ ଆଟର୍ଣ୍ଣି ଜରିଆରେ ଉକ୍ତ ଜମିକୁ ତାଙ୍କ ଦେଢ଼ଶୁର ନିଜ ନାମରେ କରି ନେଇଥିଲେ । ଏହାକୁ ବିରୋଧ କରି ସେ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମ୍ୟୁଟେସନ ଅପିଲ ମାମଲା ନମ୍ବର ୩୫୫/୨୦୨୦ ଦାଖଲ କରିଥିଲେ। ଉକ୍ତ ଅପିଲ ମାଧ୍ୟମରେ ସମ୍ପୃକ୍ତ ପଟ୍ଟା ଖାରଜ କରାଇଥିବା ସେ କହିଛନ୍ତି। ଏବେ ପୁନର୍ବାର ଜମିର ମ୍ୟୁଟେସନ ପାଇଁ ଆବେଦନ ହେବାରୁ ପୁରୁଣା ବିବାଦ ପୁଣି ତୀବ୍ର ହୋଇଥିବା କଳ୍ପନା ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଶ୍ୱଶୁରଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ସମ୍ପର୍କିତ ସେ କରିଥିବା ଆବେଦନ ନମ୍ବର ଇ-ଏଲ୍‌ଏଚ୍‌ସି-୨୦୨୬/୯୮୮୭୮କୁ ରାଜସ୍ୱ ନିରୀକ୍ଷକ (ଆରଆଇ) ନାକଚ କରିଦେଇଛନ୍ତି। କେଉଁ କାରଣରୁ ଏହି ଆବେଦନ ନାକଚ ହେଲା, ତାହା ଜାଣିବା ପାଇଁ ସେ ସମ୍ପୃକ୍ତ ଆରଆଇଙ୍କୁ ପଚାରିଥିଲେ। କିନ୍ତୁ ଏହି ପ୍ରଶ୍ନର ଉତ୍ତର ମାଗିବା ସମୟରେ ତାଙ୍କ ସହ ଦୁର୍ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଜମି ଓ ଉତ୍ତରାଧିକାର ସମ୍ପର୍କିତ ମାମଲାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ରହିବା ଆବଶ୍ୟକ ବୋଲି ଅଭିଯୋଗକାରିଣୀ ଦାବି କରିଛନ୍ତି। ତାଙ୍କ ମତରେ, ଉତ୍ତରାଧିକାରୀ ପ୍ରମାଣପତ୍ରରେ



ପ୍ରକୃତ ଉତ୍ତରାଧିକାରୀଙ୍କ ନାମ ସମ୍ପର୍କରେ ଯଦି କୌଣସି ଅନିୟମିତତା ହୋଇଥାଏ, ତେବେ ତାହାର ତଦନ୍ତ ହେବା ଉଚିତ। ସେହିପରି ମ୍ୟୁଟେସନ ଆବେଦନର ବିଚାର ସମୟରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ଦାବି ଶୁଣି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ଦରକାର। ଏହି ପରିପ୍ରେକ୍ଷୀରେ ଆଜି କଳ୍ପନା ଖୋରଧା ଜିଲକ୍ଷ ପାଳଙ୍କ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିରରେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ତାଙ୍କ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା, ଉତ୍ତରାଧିକାରୀ ପ୍ରମାଣପତ୍ର ସମ୍ପର୍କିତ ଅନିୟମିତତାର ଯାଞ୍ଚ କରିବା ଏବଂ ଜମିର ମ୍ୟୁଟେସନ ମାମଲାରେ ତାଙ୍କ ପକ୍ଷକୁ ବିଚାରକୁ ନେବା ପାଇଁ ସେ ନିବେଦନ କରିଛନ୍ତି। ଏଥିସହ ତାଙ୍କ ଦେଢ଼ଶୁର ଓ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଆଇନ ଅନୁଯାୟୀ ପଦକ୍ଷେପ ନେବା ସହ ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଜିଲା ପ୍ରଶାସନ ଏହି ଅଭିଯୋଗ ଉପରେ କି ପଦକ୍ଷେପ ଗ୍ରହଣ କରୁଛି, ତାହାକୁ ଏବେ ଅପେକ୍ଷା।

ଭତ୍ତା ଟଙ୍କା ନପାଇ ଶତାଧିକ ବୃଦ୍ଧା ଓ ବୃଦ୍ଧ ବ୍ଲକରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ



କରଞ୍ଜିଆ, ୩/ ୧ ୧ : କରଞ୍ଜିଆ ବ୍ଲକ ର ୧୫ ଟି ପଞ୍ଚାୟତ ରୁ ଶତାଧିକ ବୃଦ୍ଧ ବୃଦ୍ଧା ୩ ମାସ ହେଲା ଭତ୍ତା ଟଙ୍କା ପାଇବାରୁ ବଂଚିତ ହୋଇଥିବାରୁ ଶେଷରେ ଆଜି ବ୍ଲକ ସମ୍ମୁଖରେ ଧାରଣା ରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଘଟଣାରୁ ପ୍ରକାଶ ଯେ କରଞ୍ଜିଆ ବ୍ଲକର ୧୫ଟି ପଞ୍ଚାୟତ ରେ ଶତାଧିକ ଭତ୍ତାଧାରୀ ଅଛନ୍ତି, ସେଥିମଧ୍ୟରୁ କିଛି ହିତାଧିକରେ ନିଜ ନିଜ ପଞ୍ଚାୟତ ରୁ ଟଙ୍କା ସଂଗ୍ରହ କରିଥାନ୍ତି । ଆଉ କିଛି ହିତାଧିକଶ୍ରୀ ବ୍ୟାଙ୍କ ମାଧମରେ ଟଙ୍କା ନେଇଥାନ୍ତି । ବ୍ୟାଙ୍କରୁ ପାଉଥିବା ହିତାଧିକାରୀ ମନେ ଦୀର୍ଘ ତିନି ରୁ ଚାରିମାସ ହେଲା ଭତ୍ତା ଟଙ୍କା ପାଉନାହାନ୍ତି । ବୃଦ୍ଧ ଲୋକମାନେ ବ୍ୟାଙ୍କ କୁ ଗଲେ ପଞ୍ଚାୟତ କାର୍ଯ୍ୟାଳୟକୁ ପଠାଉଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ବ୍ୟାଙ୍କକୁ ପଠାଇ ନାନାଦି ହଇରାଣ କରୁଛନ୍ତି ।

କିଛି ବୃଦ୍ଧ ଓ ବୃଦ୍ଧା ଔଷଧ କିଣିବାକୁ ସକ୍ଷମ ହେଉନାହାନ୍ତି ବୋଲି ପ୍ରକାଶ କରିଛନ୍ତି ।ଆଉ କେତକ ସବୁବେଳେ ବ୍ୟାଙ୍କକୁ ସବୁବେଳେ ଯିବାକୁ ମଧ ସକ୍ଷମ ହେଉନାହାନ୍ତି ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଆଜି ଅବସ୍ଥା ଦୟନୀୟ ହୋଇପଡିବାରୁ ବାଧ ହୋଇ ବ୍ଲକ କୁ ଆସିଥିଲେ ।ତେବେ ବ୍ଲକ ରେ ଶତାଧିକ ହିତାଧିକାରୀଙ୍କୁ ସମାଗମ ହୋଇଥିବାରୁ କୌଣସି ଅଧିକାରୀ ବ୍ଲକ କୁ ଆସିବାକୁ ସାହସ କରି ନଥିଲେ । ଦୀର୍ଘ ସମୟ ଭୋକ ଓପାସରେ ରହି ବିକ୍ଷୋଭ କରୁଥିବାର ଖବର ପାଇଁ କିଛି ସରପଞ୍ଚ ବ୍ଲକ କୁ ଆସି ବୃଦ୍ଧା ବୃଦ୍ଧ ହିତାଧିକାରୀ ଙ୍କୁ ବୁଝା ସୁଝା କରିଥିଲେ । କେତେକ ହିତାଧିକାରୀ ଦୁଃଖ ପ୍ରକାଶ କରିଥିଲେ ଯେ ସେମାନଙ୍କ ବୟସ ୮୦ ରୁ ଉର୍ଦ୍ଧ ହୋଇଥିଲେ ମଧ ତାଂକ ଭତ୍ତା ଟଙ୍କା ସଂଶୋଧନ କରାଯାଇନାହିଁ, ପୂର୍ବଭଳି ମାତ୍ର ଏକ ହଜାର ଟଙ୍କା ପାଉଛନ୍ତି । କରଞ୍ଜିଆ. ବ୍ଲକର ବଳା ସରପଞ୍ଚ ସ୍ମିତା ନାୟକ, ଚିତ୍ରପୋଷି ସରପଞ୍ଚ ଗୀତାରାଣୀ ନାୟକ, ରଣମତଳାର ତରୁଲତା ନାୟକ, କେରକେରା ର ମଞ୍ଜୁଲତା ଗାଗରାଇ, ଦରି ର ମନମୋହନ ପୂର୍ତ୍ତି, ସାରଙ୍ଗ ଗଡ ର କୃଷ୍ଣ ଚନ୍ଦ୍ର ଚାମ୍ପିଆ ପ୍ରମୁଖ ସରପଞ୍ଚ ବ୍ଲକ ରେ ଉପସ୍ଥିତ ରହି ହିତାଧିକାରୀଙ୍କ ସମସ୍ୟା ସମ୍ପର୍କ ରେ ଅବଗତ ହୋଇ ତୁରନ୍ତ ଭତ୍ତା ଟଙ୍କା ପ୍ରଦାନ କଲେ ହିତାଧିକାରୀ ମାନେ ଆଶ୍ୱସ୍ତି ପାଇଥାନ୍ତେ ।

୪୬ କେଜି ଗଞ୍ଜେଇ ଜବତ, ୪ ଅଭିଯୁକ୍ତ କୋର୍ଟ ଚାଲାଣ

ସଇଁତଳା, ନି ସୁ ୩/ ୧ ୧ : ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧରେ ସଇଁତଳା ପୁଲିସକୁ ମିଳିଛି ବଡ଼ ସଫଳତା । ଏକ କାରରୁ ୪୬ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି ପୁଲିସ । ଏନେଇ ମଙ୍ଗଳବାର ସଇଁତଳା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟିଟିଲାଗଡ଼ ଏସଡିପିଓ ଯଶୋବନ୍ତ ପ୍ରଧାନୀ ଓ ସଇଁତଳା ଆଇଆଇସି ଖଗପତି ବିଶ୍ୱାଳ ସୂଚନା ଦେଇଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨ ନଭେମ୍ବର ସନ୍ଧ୍ୟାରେ କନ୍ଧମାଳରୁ ଏକ ହୋଣ୍ଡା ଡବ୍ଲୁଆର-ଭି କାର ଯୋଗେ ବିହାରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂଚନା ମିଳିଥିଲା । ଏହାପରେ ସଇଁତଳା ବସଷ୍ଟାଣ୍ଡ ନିକଟରେ ପୁଲିସ ନାକାବନ୍ଦୀ କରି ସନ୍ଦିଗ୍ଧ କାରଟିକୁ ଅଟକାଇ ଯାଞ୍ଚ କରିଥିଲା । ତହସିଲଦାର ଆଶିଷ ଏକ୍କାଙ୍କ ଉପସ୍ଥିତିରେ ଗାଡ଼ି ତଲାସୀ ବେଳେ ୪ଟି ଟ୍ରଲି ବ୍ୟାଗ ଓ ଗୋଟିଏ ଏୟାର ବ୍ୟାଗରୁ ମୋଟ ୪୬ କେଜି ଗଞ୍ଜେଇ ଜବତ ହୋଇଥିଲା । ଗଞ୍ଜେଇ ସହ ଗୋଟିଏ କାର, ୪ଟି ମୋବାଇଲ ଫୋନ୍ ଓ ନଗଦ ୨ ହଜାର ୫୦ ଟଙ୍କା ମଧ୍ୟ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ରମାକାନ୍ତ ବାଘ (୨୨), ବିହାରର ସତିଶ କୁମାର, ଧନଞ୍ଜୟ କୁମାର (୨୭) ଓ ରାଜୀବ କୁମାର (୨୪) । ଏନେଇ ସଇଁତଳା ଥାନାରେ ଏନଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି । ପୁଲିସ ପକ୍ଷରୁ ଚାରିଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।



ପିଲାଙ୍କ ଖାଦ୍ୟ ପରିବେଷଣରେ ସାଙ୍ଘାତିକ ଅଭିଯୋଗ ଆଣିଲେ ଏସ୍ଏମ୍ସି କମିଟି ।



ଝରିଗାଁ, ୩/ ୧ ୧ (ନି.ସୂ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଚଚା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ଖାଦ୍ୟ ପରିବେଷଣକୁ ନେଇ ଅନିୟମିତତା ଅଭିଯୋଗ ଉଠିଛି । ବିଦ୍ୟାଳୟର ମେନୁ ଚାର୍ଟରେ ଛାତ୍ରଛାତ୍ରୀଙ୍କ ପାଇଁ ଅଣ୍ଡା ତରକାରୀ ଓ ଆଚାର ଉଲ୍ଲେଖ ଥିବାବେଳେ ସେମାନଙ୍କୁ ଡାଲମା ଓ ଆଚାର ପରିବେଷଣ କରାଯାଉଥିବା ଅଭିଯୋଗ ହୋଇଛି ।

ଏନେଇ ପ୍ରଧାନଶିକ୍ଷକ ତରୁଣୀ ଶବରଙ୍କୁ ପଚାରିବାରୁ ସକାଳେ ଖାଦ୍ୟ ପ୍ରସ୍ତୁତିରେ ବିଳମ୍ବ ହେଉଥିବାରୁ ଅଣ୍ଡା ତରକାରୀ ରାତ୍ରି ଭୋଜନରେ ଦିଆଯାଉଥିବା ସେ କହିଥିଲେ । ତେବେ ହଷ୍ଟେଲର ରୋଷେୟାଙ୍କୁ ପଚାରିବାରୁ ତାଙ୍କୁ ଅଣ୍ଡା ଯୋଗାଇ ଦିଆଯାଇନଥିବା ସେ କହିଥିବା ଜଣାପଡ଼ିଛି । ଫଳରେ ଉଭୟଙ୍କ ମତରେ ଭିନ୍ନତା ଦେଖାଦେବା ସହ ଖାଦ୍ୟ ବ୍ୟବସ୍ଥାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ ଖାଦ୍ୟ ବାବଦରେ ସରକାରୀ ଅର୍ଥ ବ୍ୟୟ ହେଉଥିବାବେଳେ ମେନୁ ଅନୁଯାୟୀ ଖାଦ୍ୟ ଦିଆଯାଉନଥିବା ନେଇ ଏସ୍ଏମ୍ସି କମିଟି ପକ୍ଷରୁ ମଧ ତାଗିଦ୍ କରାଯାଇଥିବା ଜଣାପଡ଼ିଛି । ଗ୍ରାମବାସୀ ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏହି ଘଟଣାରେ ବିଜେପି ନେତା ଗୋପୀନାଥ ଗୌଡ଼, ମଣ୍ଟୁ ପୂଜାରୀ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ତଦନ୍ତ ଦାବି କରିଛନ୍ତି । ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ହଷ୍ଟେଲର ଖାଦ୍ୟ ବ୍ୟବସ୍ଥା ଯାଞ୍ଚ କରିବା ସହ ମେନୁ ଅନୁଯାୟୀ ଖାଦ୍ୟ ପରିବେଷଣ ହେଉଛି କି ନାହିଁ, ତାହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି ।

ଯୁଜିସି ରେଗୁଲେସନ ପ୍ରତ୍ୟାହାର ଦାବି

ଲାଞ୍ଜିଗଡ଼ ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ବ୍ରାହ୍ମଣ ସମାଜର ସ୍ମାରକପତ୍ର ପ୍ରଦାନ

ମୁନିଗୁଡା, ୩/ ୧ ୧ (ନି.ସୂ): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ପ୍ରସ୍ତାବିତ ନୂତନ ରେଗୁଲେସନକୁ ପ୍ରତ୍ୟାହାର କିମ୍ବା ବ୍ୟାପକ ସଂଶୋଧନ କରିବା ଦାବିରେ ଆଜି ମୁନିଗୁଡା ସୀମାନ୍ତ ଲାଞ୍ଜିଗଡ଼ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ରଟି ଲାଞ୍ଜିଗଡ଼ ତହସିଲଦାର ଡକ୍ଟର ବନମାଳୀ ମେହେରଙ୍କ ଜରିଆରେ ହସ୍ତାନ୍ତର କରାଯାଇଛି । ବ୍ଲକ ବ୍ରାହ୍ମଣ ସମାଜର ସଭାପତି ହରେକୃଷ୍ଣ ଯୋଷୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରସ୍ତାବିତ ନିୟମାବଳୀ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ସୁରକ୍ଷା ପ୍ରତି ଅଣଦେଖା କରୁଛି ଏବଂ ଏହା ସମ୍ବିଧାନର ଧାରା ୧୪ର ସମାନତା ନୀତିର ଉଲ୍ଲଂଘନ କରୁଛି । ଉଚ୍ଚଶିକ୍ଷାନୁଷ୍ଠାନରେ ଜାତିଗତ ଭେଦଭାବରୁ ଊର୍ଦ୍ଧ୍ୱରେ ରହି ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସମାନ ନିୟମ ଓ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି । ଏହାସହ ମିଥ୍ୟା ଅଭିଯୋଗକୁ ରୋକିବା ପାଇଁ ଉପଯୁକ୍ତ ସୁରକ୍ଷା ଧାରା ଏବଂ ଏକ ବିଶେଷଜ୍ଞ କମିଟି ଦ୍ୱାରା ଏହାର ପୁନର୍ବିଚାର ନହେବା ପର୍ଯ୍ୟନ୍ତ ଏହି ନିୟମ ଉପରେ ରୋକ ଲଗାଇବାକୁ ନିବେଦନ କରାଯାଇଛି ।



ଏହି ପ୍ରତିନିଧି ଦଳରେ ସମାଜର ଉପସଭାପତି ମନୋଜ ମହାପାତ୍ର, ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି, ସାଂଗଠନିକ ସମ୍ପାଦକ ଭଗବାନ ହୋତା, କୋଷାଧ୍ୟକ୍ଷ ଦୁର୍ଗାମାଧବ ରଥଙ୍କ ସମେତ ଲମ୍ବୋଦର ପତି, ବଳରାମ ଦାସ, ହୃଷିକେଶ ନନ୍ଦ, ସୌମ୍ୟ ରଞ୍ଜନ କର, ମଧୁସୂଦନ ପଣ୍ଡା, ଦିଲ୍ଲୀପ ମିଶ୍ର, ରାମଚନ୍ଦ୍ର ଶର୍ମା, ଉମାଶଙ୍କର ବେହେରା, ମହେନ୍ଦ୍ର ପଣ୍ଡା, ଭକ୍ତବନ୍ଧୁ ପତି, ଭବାନୀଶଙ୍କର ଆଚାର୍ଯ୍ୟ, ସତ୍ୟବ୍ରତ ଦାସ, ରଘୁନାଥ ପତି ଏବଂ ବ୍ରାହ୍ମଣ ସମାଜର ଅନ୍ୟାନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

ସିଟିବଜାର ମେଟ୍ରୋ ମଲ୍ ଉଦଘାଟନରେ ତତ୍ପରତା ସରକାରଙ୍କ ନିୟମକୁ ଫୁ

ଟିଟିଲାଗଡ଼ ,୩ ।୧୧ (ନି.ସୂ.): ଟିଟିଲାଗଡ଼ - ବଲାଙ୍ଗୀର ଯିବା ସର୍ଗିଗୁଡ଼ା ପଡ଼ା ମୁଖ୍ୟରସ୍ତା ଉପରେ ସିଟି ବଜାର ମେଟ୍ରୋ ମଲ୍ ଉଦ୍ଘାଟନ ହୋଇଯାଇଛି । ସେହିସମୟରେ ଏହାର ମୁଖ୍ୟଲକ୍ଷ୍ୟ ଥିଲା ଯେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ରେ ଗାଁ ରୁ ସହର ସମସ୍ତେ ଏହି ଉତ୍ସବ ଧୁମ ଧାମରେ ପାଳନ କରିଥାନ୍ତି । ଏହି ଉପଲକ୍ଷେ ପରିବାରର ଛୋଟରୁ ବଡ଼ ସମସ୍ତଙ୍କ ପାଇଁ ନୂଆ ନୂଆ ଡ୍ରେସ କପଡାଲତା ପିନ୍ଧିବାକୁ ପସନ୍ଦ କରିଥାନ୍ତି । ସେଥିପାଇଁ ଅଧିକ ବିକ୍ରି ଏବଂ ମଲ୍ ଅଧିକ ଲାଭବାନ ଆଶାରେ ତରବରିଆ ଭାବରେ ମଲ୍ ଟିକୁ ଆରମ୍ଭ କରିଛି । କିନ୍ତୁ ସବୁ ସରକାରୀ ନିୟମ ଫୁ । ଯେ କୌଣସି ମଲ୍ ଉଦଘାଟନ ହେବା ପୂର୍ବରୁ ବିଭିନ୍ନ କାଗଜପତ୍ର ନିହାତି ଭାବରେ ଆବଶ୍ୟକ ହୋଇଥାଏ, ଯେପରି କି ଅଗ୍ନି ନିରାପତ୍ତାର ଅନୁମତି , ଲିଫ୍ଟ ବ୍ୟବସ୍ଥା, ମଲ୍ ର ମଇଳା ଆବର୍ଜନା ଗଦା ସଫା, ଟ୍ରେଡ଼ ଲାଇସନ୍ସ ଓ ଗ୍ରାହକ ମାନଙ୍କ ପାଇଁ ପାର୍କିଂ ସୁବିଧା, ଏଥି ପାଇଁ ପୌର ପରିଷଦ ଟ୍ରେଡ଼ ଲାଇସେନ୍ସ ନିହାତି ଆବଶ୍ୟକ ରହିଛି । ମଲ୍ ରେ ପାର୍କିଂ ବ୍ୟବସ୍ଥା ନଥିବାରୁ ଦୁଇଚକିଆ ଯାନ ଓ ଚାରିଚକିଆ ଭାରିଯାନ ଭିଡ଼ ଜମୁଛି, ରାସ୍ତାରେ ଆମ୍ବୁଲାନ୍ସ ଏବଂ ଜରୁରୀକାଳୀନ ବ୍ୟବସ୍ଥା କିଛି ସମୟପାଇଁ ବେଳେ ବେଳେ ସହରକୁ ଆସୁଥିବା ବ୍ୟକ୍ତି କିମ୍ବା ସ୍କୁଲ, କଲେଜ ଛାତ୍ର ଛାତ୍ରୀ ମାନେ ହଟ ହଟା ହେବାକୁ ପଡୁଛି । ପଶ୍ଚିମଓଡ଼ିଶା ଗଣପର୍ବ ନୂଆଁଖାଇ,ଦଶହରା ରେ ସମସ୍ତ ସରକାରୀ ଓ ବେସରକାରୀ ଦୋକାନ ବଜାର ଶ୍ରମିକ ମାନଙ୍କୁ ଦୋକାନ ମାଲିକ ମାନେ ଛୁଟି ଦେଇଥାନ୍ତି । କିନ୍ତୁ ଏହି ମଲ୍ ମାଲିକ କର୍ମଚାରୀ ମାନଙ୍କୁଛୁଟି ନ ଦେବାରୁ ଅସନ୍ତୋଷ ପ୍ରକାଶ କରିଥିଲେ କ୍ଷ ଏପରିକି ଉତ୍କଳ ବଣିକ ସଂଘ ସଭାପତି ରାଜେଶ ପ୍ରଧାନ କହିବା ଅନୁସାରେ ସଂଘ ମଲ୍ ଖୋଲିଲେ କାହାର କିଛି ଆପତ୍ତିନାହିଁ ଏବଂ ଆଇନଅନୁସାରେ ମଲ୍ ଖୋଲିବା ନିହାତି ଆବଶ୍ୟକ । ଟିଟିଲାଗଡ଼ର ସମସ୍ତ ଦୋକାନ ବଜାର ପ୍ରତି ଗୁରୁବାର ଦିନ ସନ୍ଧ୍ୟାରେ ବନ୍ଦ ରଖାଯାଏ, କିନ୍ତୁ ମଲ ମାଲିକ, ସଂଘ ସହିତ ମିଳିମିଶି ଦୋକାନ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ ମଧ ସଂଘ ସହିତ ତାଲମେଲ ରଖୁନାହିଁ । ଏ ବାବଦରେ ଟିଟିଲାଗଡ଼ ଅଗ୍ନିଶମ ଅଧିକାରୀ ଦେବ ପ୍ରଧାନଙ୍କ ସହିତ ଯୋଗାଯୋଗ କରିବାରୁ ବର୍ତ୍ତମାନ ସୁଦ୍ଧା ସିଟି ବଜାର ମେଟ୍ରୋ ମଲ୍ କୌଣସି ଅନୁମତି ମାଗିନାହିଁ, କିନ୍ତୁ କାର୍ଯ୍ୟାଳୟ ପକ୍ଷରୁ ଏକ ଟିମ ମଲ୍ କୁ ଯାଇ ଅନୁଧ୍ୟାନ କରି ଯଥାଶୀଘ୍ର କାଗଜ ପାତ୍ର ଦେବା ପାଇଁ ନିର୍ଦେଶ ଦିଆଯାଇଛି ବୋଲି ଶ୍ରୀ ପ୍ରଧାନ ମତାମତ ଦେଉଛନ୍ତି ।

ପ୍ରକାଶ ଥାଉଛି ଗତକିଛି ଦିନପୂର୍ବରେ ତେତେଲଖୁଣ୍ଟି ପଞ୍ଚାୟତ ଖଜୁରପଡା ଗ୍ରାମର ଜଣେ ମହିଳା ଘରରେ ପୂଜା କରୁଥିବା ସମୟରେ ତାଙ୍କ ପିନ୍ଧିଥିବା ଶାଢୀରେ ଅଗରବତୀ ନିଆଁ ଲାଗି ଯାଇଥିବାରୁ ସେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏହା କାହା ସ୍ୱାର୍ଥରେ ଖାମଖିଆଲି ଭାବେ ମଲ୍ ଉଦଘାଟନ ହୋଇଛି । ଏହି ମଲ୍ ରେ ଅଧିକାଂଶ କପଡା ସାମଗ୍ରୀ ରହିଛି, ସେଥିପାଇଁ ବିପଦକୁ ଏଡାଇ ଦିଆଯାଇ ପାରିବ ନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ହାଟଡିହି ବ୍ଲକ ବିଧାୟକଙ୍କ ଦ୍ୱାରା ସମୀକ୍ଷା ବୈଠକ



ଆନନ୍ଦପୁର ୩/ ୧ ୧ :ହାଟଡିହି ବ୍ଲକ ୩୧ ଗୋଟି ଗ୍ରାମ ପଞ୍ଚାୟତର ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ଉପରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି ବୈଠକ ଗୃହ ରେ ଯୋଗଦେଇ ଥିଲେ । ସୂଚନା ଏହିକି ବୈକ ଗୃହରେ ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠି ବିଡ଼ିଓ ରଞ୍ଜନ କୁମାର ପରିଡାଙ୍କ ସମେତ ସହକାରୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ପ୍ରତେକ ଗ୍ରାମ ପଞ୍ଚାୟତର ଉର୍ନ୍ନତି ମୂଳକ କାର୍ଯ୍ୟ ରାସ୍ତା ସ୍କୁଲଗୃହ ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ସମୀକ୍ଷା ବୈଠକ ରେ ଆଲୋଚନା କରାଯାଇ ଥିଲା । ଆଗାମୀ ଦିନରେ ଉର୍ନ୍ନତି ମୂଳକ କାର୍ଯ୍ୟ ଉପରେ କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠିର ଅର୍ଥ ହାଟଡିହି ବ୍ଲକ ରେ ପ୍ରପୋଚାଲ ସଫଳ ହେବ ସମୀକ୍ଷାରେ ଆଲୋଚନା କରିଥିଲେ ।ସେହିପରି ହାଟଡିହି ବ୍ଲକରେ ଉର୍ନ୍ନତି ମୂଳକ କାର୍ଯ୍ୟ ଠିକାଦାର କାର୍ଯ୍ୟ ସାରିବା ପରେ ଅର୍ଥ ପାଇବାରୁ ବଞ୍ଚିତ ଥିବା ନେଇ ବିସ୍ତୃତ ଆଲୋଚନା କରାଯାଇ ଥିଲା ।

ଅଙ୍ଗନବାଡି କର୍ମୀଙ୍କୁ ମମତା ସମ୍ପର୍କିତ ତାଲିମ ପ୍ରଦାନ

ବୋରିଗୁମ୍ମା ୩/ ୧ ୧ : ବୋରିଗୁମ୍ମା ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଙ୍ଗନବାଡି କର୍ମୀ ମାନଙ୍କୁ ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ସିଡିପିଓ ଲକ୍ଷ୍ମୀପ୍ରିୟା ଯାନୀ ଙ୍କ ଅଧକ୍ଷତାରେ ପାଞ୍ଚ ଦିନ ଧରି ବ୍ଲକ ର ୩୨୦ ଅଙ୍ଗନବାଡି କର୍ମୀଙ୍କ ସହ ମହିଳା ପରିଦର୍ଶିକା ମାନଙ୍କୁ ମମତା ଯୋଜନା ସମ୍ପର୍କିତ ତାଲିମ ଦିଆଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ଯୋଜନା ର ଲକ୍ଷ୍ୟ, ଉଦେଶ୍ୟ, ହିତାଧିକାରୀଙ୍କ ଯୋଗ୍ୟତା, ଯୋଜନା ର ସମସ୍ତ ସର୍ତ୍ତାବଳୀ, ମୋବାଇଲ ଆପ ର ବ୍ୟବହାର, ଆର୍ଥିକ ସହାୟତା, ଅଙ୍ଗନବାଡ଼ି କର୍ମୀ ଙ୍କ ଭୂମିକା ଓ ଦାୟିତ୍ୱ, ହିତାଧିକାରୀଙ୍କ ପଞ୍ଜିକରଣ କାର୍ଯ୍ୟଶୈଳୀ,ନୂତନ ହିତାଧିକାରୀ ପଞ୍ଜିକରଣ ପାଇଁ ପଦକ୍ଷେପ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏଥିସହିତ ଆଧାର ସିଡିଂ, ଏନସିପିଆଇ,ଏଫଆରଏସ ସମ୍ପର୍କରେ ଭିଡ଼ିଓ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକ ଦର୍ଶାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ରୁ ଜିଲ୍ଲା ସଂଯୋଜିକା ସୀମାରାଣୀ ବେହେରା ଯୋଗ ଦେଇ ଅଙ୍ଗନବାଡି କର୍ମୀ ମାନଙ୍କୁ ଯୋଜନାର ଲକ୍ଷ୍ୟ ଓ ଉଦେଶ୍ୟ ନେଇ ତାଲିମ ପ୍ରଦାନ କରିଥିଲେ ।ମହିଳା ପରିଦର୍ଶିକା ପ୍ରଭାସିନୀ ଚେଟି, ଶାନ୍ତିଲତା ମାଝୀ ତାଲିମ ଶିବିରରେ ଯୋଗ ଦେଇଥିବା ବେଳେ ସହାୟିକା ପ୍ରସନ୍ନା କୁମାରୀ ସାହୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।



କନ୍ୟାକିରଣ ଫାଉଣ୍ଡେସନର ଉଦ୍ୟମ ରେ ଦିବ୍ୟାଙ୍ଗଙ୍କୁ ମିଳିଲା ହ୍ୱିଇଲ ଚେୟାର ଓ ଲେଟ୍ରିନ ଷ୍ଟୁଲ

ପାଟଣାଗଡ଼ ୩/ ୧ ୧ : କନ୍ୟାକିରଣ୍ ଫାଉଣ୍ଡେସନର ଉଦ୍ୟମରେ ପାଟଣାଗଡ ବ୍ଲକ୍ ସୁମନ୍ତ ମିଞ୍ଜ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାର କମଳ କାନ୍ତ ବାରିକ ଙ୍କ ଉପସ୍ଥିତିରେ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫ ରୁ ଆସିଥିବା ହ୍ୱିଲଚେୟାର ଏବଂ ଲେଟ୍ରିନ ଷ୍ଟୁଲ ଦିବ୍ୟାଙ୍ଗ ଙ୍କୁ ବଣ୍ଟନ କରାଯାଇଛି । ଦୀର୍ଘ ଦିନ ସେମାନେ ଅସହାୟ ଭାବରେ ବେଡ଼ରେ ପଡ଼ି ରହିଥିବା ବେଳେ ଖବର ପାଇଁ କନ୍ୟାକିରଣ ଫାଉଣ୍ଡେସନର କର୍ମକର୍ତ୍ତା ମାନେ ପହଞ୍ଚି ସେମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ବ୍ଲକ ପ୍ରଶାସନ ଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କୁ ହ୍ୱିଲ ଚେୟାର ଓ ଲେଟ୍ରିନ ଷ୍ଟୁଲ ଯୋଗାଇଦେବା ଦେବାକୁ ଅନୁରୋଧ କରିଥିଲେ । ଆଜି କନ୍ୟାକିରଣ ଫାଉଣ୍ଡେସନ ଙ୍କ ଉଦ୍ୟମ ରେ ବ୍ଲକ ପ୍ରଶାସନ ପକ୍ଷରୁ ଚକକ୍ଷମାଲ ଗାଁ ର ଶତ୍ରୁଘନ ପରାଭୁଏ,ତୁର୍ଲକ୍ଷମାଲ ଗାଁ ର ଲିଲି ବନଛୋର , ଗଞ୍ଜାଉଡ଼ାର୍ ଗାଁର ଶଙ୍କର ନାଗ ଏବଂ ମକୁନ୍ଦ ସୁନା ଙ୍କୁ ମିଳିଲକ୍ଷ ହ୍ୱିଲଚେୟାର ଓ ଲେଟ୍ରିନଷ୍ଟୁଲ ପ୍ରଦାନ କରାଗଲା । ଫାଉଣ୍ଡେସନ ର ସଂପାଦକ ନିରୁପମା ସେଠ, କୋଷାଧ୍ୟକ୍ଷା ଆଳତି ନାଏକ, ସଦସ୍ୟା ସମ୍ପଲତା କୁମୁରା, ପ୍ରମିଳା ଭୋଇ ଉପସ୍ଥିତ ଥିଲେ । କନ୍ୟା କିରଣ ଫାଉଣ୍ଡେସନଙ୍କ ପ୍ରଚେଷ୍ଟାରେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ମିଳିବଥିବାରୁ ଦିବ୍ୟାଙ୍ଗ ଙ୍କ ମୁହଁ ରେ ହସ ଫୁଟିଥିବା ବେଳେ କନ୍ୟା କିରଣ ଫାଉଣ୍ଡେସନ ର ଏପରି ମହତ୍ କାର୍ଯ୍ୟ କୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି ।



କେନ୍ଦ୍ରୀୟ ଟିମର କ୍ଷତିଗ୍ରସ୍ତ ଅଞ୍ଚଳ ଅନୁଧ୍ୟାନ

ମୋହନା, ୩/ ୧ ୧ () ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ମଙ୍ଗଳବାର ଗଜପତି ଜିଲ୍ଲା ଗସ୍ତରେ ଆସିଛନ୍ତି କେନ୍ଦ୍ରୀୟ ଟିମ କ୍ଷ ଭୁବନେଶ୍ୱର ରୁ ହେଲିକପ୍ଟର ଯୋଗେ ବାହାରି ପାରଳାଖେମୁଣ୍ଡି ରେ ପହଞ୍ଚିଥିଲେ । ସେଠାରୁ କାର ଯୋଗେ ଆସି ରାୟଗଡ ଓ ରା.ଉଦୟଗିରି ବ୍ଲକର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ । ରା.ଉଦୟଗିରି ବ୍ଲକ ମକାପଦା ଓ ପାଟପାଣି ରେ ମକା ଫସଲ କ୍ଷୟକ୍ଷତି ଅନୁଧ୍ୟାନ ପରେ ମହେନ୍ଦ୍ରଗଡ଼ ପୋଲ ଅନୁଧ୍ୟାନ କରିଥିଲେ । ଏହା ପରେ ମୋହନାରେ ପହଞ୍ଚି ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି । କ୍ଷତିଗ୍ରସ୍ତ ହୋଇଥିବା ଲେଡବନ୍ଧ ରାସ୍ତା, ଗୁଣ୍ଡରୀଗୁଡା ପୋଲ, ଖାରୀଗୁଡା କଲଭର୍ଟ ଅନୁଧ୍ୟାନ କରିଛନ୍ତି ୪ ଜଣିଆ କେନ୍ଦ୍ରୀୟ ଟିମ । ଗଜପତି ଜିଲ୍ଲାରେ ଅଧିକ ମାତ୍ରାରେ ଫସଲ କ୍ଷୟକ୍ଷତି ହୋଇଛି । ଏଥିସହ ବିଭିନ୍ନ ସ୍ଥାନରେ ରାସ୍ତା, ପୋଲ ଭାଙ୍ଗିଛି କ୍ଷ ଏନେଇ ଖୁବଶୀଘ୍ର କ୍ଷୟକ୍ଷତି ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି କେନ୍ଦ୍ରୀୟ ଟିମ ସଦସ୍ୟ । କେନ୍ଦ୍ରୀୟ ଟିମ ଗୁଣ୍ଡରୀଗୁଡା ପୋଲ ଅନୁଧ୍ୟାନ ବେଳେ ତୁରନ୍ତ ପୁନଃ ନିର୍ମାଣ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସି । ଏଥିସହ ବକ୍ଷଢ଼େଇପୁର ଗାଁକୁ ରାସ୍ତା ନିର୍ମାଣ ସହ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ । ଅନ୍ୟ ପକ୍ଷରେ ନିମ୍ନ ମାନର କାମ ଯୋଗୁଁ ଖାରୀଗୁଡା କଲଭର୍ଟ ଭୁଶୁଡି ପଡିଛି ବୋଲି କେନ୍ଦ୍ରୀୟ ଟିମ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ଅନୁଧ୍ୟାନ କରାଯିବ ବୋଲି କେନ୍ଦ୍ରୀୟ ଟିମ କହିଛନ୍ତି । କେନ୍ଦ୍ରୀୟ ଟିମ ଗସ୍ତ ସମୟରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପ ଜିଲ୍ଲାପାଳ ଭଗତ ଶ୍ୟାମଳ କଲ୍ୟାଣରାଓ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନ ଗସ୍ତ କରିଥିଲେ ।



ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଆନନ୍ଦପୁର ୦୩।୧୧ : କେନ୍ଦୁଝର ଜିଲ୍ଲାର ୨୧-ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ ଓ ପଞ୍ଜୀକରଣ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କ୍ଲବ୍ ଗଠନ, ପଞ୍ଜୀକରଣ ଓ ଏହାର ସୁଚାରୁ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ଯୁବପିଢ଼ି ଓ ପ୍ରଥମ ଥର ମତଦାନ କରିବାକୁ ଯାଉଥିବା ନୂତନ ଭୋଟରଙ୍କ ମଧ୍ୟରେ ନିର୍ବାଚନୀ ସଚେତନତା ବୃଦ୍ଧି, ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଚାର ଏବଂ ମତଦାନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ବିଭିନ୍ନ ଯୋଜନା ଓ ରଣନୀତି ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏଥିସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ନିର୍ବାଚନୀ ପ୍ରକ୍ରିୟା ସମ୍ପର୍କରେ ସଚେତନ କରିବା ପାଇଁ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯିବାକୁ ସ୍ଥିର ହୋଇଛି । ନଭେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠାନ ସ୍ତରରେ ଏବଂ ନଭେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ୨୧-ଘସିପୁରା ଓ ୨୨-ଆନନ୍ଦପୁର (ଏସସି) ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।ବୈଠକରେ ଡେପୁଟି କଲେକ୍ଟର ସୌରଭ କୁମାର ରଞ୍ଜିତ ଓ ସହକାରୀ ଜିଲ୍ଲାପାଳ (ରାଜସ୍ୱ) ବନଜା ପାତ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।ଏହି ପଦକ୍ଷେପ ଦ୍ୱାରା ଯୁବପିଢ଼ି ଓ ନୂତନ ମତଦାତାଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା ବୃଦ୍ଧି ପାଇବା ସହ ଏକ ସୁଦୃଢ଼, ସଚେତନ ଓ ଅଂଶଗ୍ରହଣମୂଳକ ଗଣତନ୍ତ୍ର ଗଠନ ଦିଗରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

ପ୍ରତ୍ୟେକ ବ୍ୟକ୍ତି ସଦ୍ଗୁରୁଙ୍କ ଶରଣ ନେଇ ସତନାମ ମନନ୍ କରି ସତସଙ୍ଗ ର ଆଶ୍ରୟ ଗ୍ରହଣ କଲେ ତା'ର ଉନ୍ନତି ପାଇଁ ତାକୁ ଭାବିବାକୁ ପଡିବ ନାହିଁ

ଜଗତସିଂହପୁର,୩/ ୧ ୧(ନି ସୂ) ପ୍ରତ୍ୟେକ ବ୍ୟକ୍ତି ସଦଗୁରୁଙ୍କର ଶରଣ ନେଇ ସତନାମ ମନନ୍ କରି ସତସଙ୍ଗ ର ଆଶ୍ରୟ ଗ୍ରହଣ କଲେ ତା' ର ଉନ୍ନତି ପାଇଁ ତାକୁ ଅକ୍ଷଉ ଭାବିବାକୁ ପଡିବ ନାହିଁ ବୋଲି ଆଜି ଅଇନପୁର୍ ଗ୍ରାମରେ ସତସଙ୍ଗ ର ଅଧକ୍ଷ ବଲ୍ଲଭ ଦାଶ ଙ୍କ ବିୟୋଗରେ ଅନୁଷ୍ଠିତ ସତସଙ୍ଗ ରେ ମୁଖ୍ୟବକ୍ତାଭାବେ ଭୁବନେଶ୍ୱର ସତସଙ୍ଗ ବିହାର ର ସହ ପ୍ରତି ରିଟିକ୍ ଡ ଅଭୟ କୁମାର ପରିଡା ଯୋଗ ଦେଇ ଏହା କହିଥିଲେ । ଏଥିରେ ସହ ପ୍ରତି ରିଟିକ୍ ନୃସିହ ଚରଣ ବେହୁରା ପରିଚାଳନା କରିଥିଲେ । ଏହି ସତସଙ୍ଗ ରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ଯୋଗ ଦେଇ ଅନ୍ୟକୁ ବଞ୍ଚାଇ ନିଜେ ବଞ୍ଚିବା ହେଉଛି ଧର୍ମ, ଓ ପଡୋଶୀ ଲୋକ ମାନଙ୍କର ବିପଦ ଆପଦ ରେ ସହାୟତା ର ହାତ ବଢାଇବା ହେଉଛି ପ୍ରତ୍ୟେକ ସତ୍ ସଙ୍ଗୀ ପ୍ରଧାନ କାର୍ଯ୍ୟ ବୋଲି କହିଥିଲେ । ଏଥିରେ ସହ ପ୍ରତି ରିଟିକ୍ ଭୀମସେନ୍ ସାହୁ, ପ୍ରଫେସର ଭୁବନ ମୋହନ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ସାହୁ, ବୀରେନ୍ କୁମାର ରାଉତ, ଅଜୟ କୁମାର ଭଦ୍ର, ଦିଲ୍ଲୀପ କୁମାର ଶତପଥୀ, ପ୍ରକାଶ ଚନ୍ଦ୍ର ଗିରି, ବିପିନ କୁମାର ପଣ୍ଡା, କମଳ ମିଶ୍ର, ଜଟାଧାରୀ ଦଳାଇ, ନିର୍ମଳ କୁମାର ଜେନା, ଅନଙ୍ଗ ସାମନ୍ତ, ବସନ୍ତ ବେହୁରା, ପ୍ରଭାତ କୁମାର ଦାଶ, ପ୍ରଦୀପ୍ତ କୁମାର ଦାଶ, ଅର୍କଦ୍ୟୁତୀ ପାଣି, ମୁରଲୀଧର ଦାଶ, ଡଲି ରାଣୀ ଦାଶ, ଲିଲିମ ରାଣୀ ଦାଶ, ବିମଳ ସାସମଲ, ଅରବିନ୍ଦ ନାୟକ, ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇ ଭଜନ, କୀର୍ତ୍ତନ, କୋରସ୍ ଗାନ କରିବା ସହିତ ଶ୍ରୀ ଶ୍ରୀ ଠାକୁର ଙ୍କ ସଦଗ୍ରନ୍ଥ ପାଠ କରିଥିଲେ ।

Printed Published and owned By Satya Brata Patra, Published from AT- Jhumpan, PO-Naguan, PS-Korai, Dist- Jajpur, Odisha, pin-755019 , Printed at M/S Janjalidevi Printers & Publishers, 131, Rajarani Nagar, Bhubaneswar, Dist-Khordha, Odisha, Pin-751014, E mail- nirbhaysuchana@gmail.com, advtnirbhaysuchana@gmail.com Mob: 9937403435
ସଂପାଦକ- ସତ୍ୟବ୍ରତ ପାତ୍ର
Editor - SATYA BRATA PATRA